୪୦୦ ମିଟର ବାଧାଦୌଡ଼ ଫାଇନାଲ୍‌ରେ ୟାଶାସ୍, ସନ୍ତୋଷ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

[ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୮୧ ● ୩୧ ଜୁଲାଇ ୨୦୨୬ ଶୁକ୍ରବାର ● ଭୁବନେଶ୍ୱର ● Vol -33 ● Issue-181 ● 31st July 2026, Friday ● Bhubaneswar

RNI Regd.No. : 52640/94 Postal Regd.No. : BN-60/25-27


## ବନ୍ୟାରେ ୫ଟି ଜିଲ୍ଲାର ୬ ଲକ୍ଷ ଲୋକ ପ୍ରଭାବିତ

# ୩ଦିନ ଭିତରେ କ୍ଷୟକ୍ଷତି ରିପୋର୍ଟ ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୩୦ ।୭**

**ନ୍ୟୁଜ୍ ବ୍ୟୁରୋ**

ଅବପାତଜନିତ ଲଗାଣବର୍ଷା ଯୋଗୁ ମହାନଦୀ ସମେତ ରାଜ୍ୟର ବିଭିନ୍ନ ନଦୀରେ ଜଳସ୍ତର ବୃଦ୍ଧି ପାଇବା ଫଳରେ ବନ୍ୟା ପରିସ୍ଥିତି ସଙ୍ଗୀନ ହେବାରେ ଲାଗିଛି। ବର୍ଷା କମିଥିଲେ ମଧ୍ୟ ଉପକୂଳ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଅନେକ ଅଞ୍ଚଳ ଜଳଘେରରେ ରହିଛି। ଯାହାଫଳରେ ଲୋକେ ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଗୁରୁବାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ହେଲିକପ୍ଟର ଯୋଗେ ବନ୍ୟା ପ୍ରଭାବିତ ବିଭିନ୍ନ ଅଞ୍ଚଳ ଆକାଶମାର୍ଗରୁ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି। ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଶ୍ରୀ ପୂଜାରୀ କ୍ଷୟକ୍ଷତି ଏବଂ ବନ୍ୟାର ପ୍ରଭାବ ଅନୁଧ୍ୟାନ କରିଛନ୍ତି।

ଏହି ଆକାଶ ମାର୍ଗରୁ ସମୀକ୍ଷା ସମୟରେ ରାଜସ୍ୱ ସଚିବ ଓ ସ୍ୱତନ୍ତ୍ର ରିଲିଫ କମିଶନର, ରାଜସ୍ୱ ମନ୍ତ୍ରୀଙ୍କ ସହ ଉପସ୍ଥିତ ରହିଥିଲେ। ବନ୍ୟା ପ୍ରଭାବିତ ଅଞ୍ଚଳରେ ନଦୀର ଜଳସ୍ତର, ଜଳମଗ୍ନ ଗ୍ରାମ, ଯୋଗାଯୋଗ ବ୍ୟବସ୍ଥା ଓ ଫସଲ କ୍ଷୟକ୍ଷତି ସମ୍ପର୍କରେ ସେ ସମୀକ୍ଷା କରିଥିଲେ। ଏହାପରେ ରାଜସ୍ୱ ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ, ଚଳିତ ବନ୍ୟାରେ ରାଜ୍ୟର ୫ଟି ଜିଲ୍ଲାର ପ୍ରାୟ ୬ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି । ୧ ଲକ୍ଷ ୭୬ ହଜାର ୭୩ ଲୋକ ବର୍ତ୍ତମାନ ସୁଦ୍ଧା ସ୍ଥାନାନ୍ତରିତ ହେଲେଣି । ଜଳବନ୍ଦୀ ୨୧ ଟି ଗାଁ, ବାହ୍ୟଜଗତରୁ ସମ୍ପୂର୍ଣ୍ଣ ବିଛିନ୍ନ ହୋଇଛି । ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି ୬ଟି ଏନଡିଆରଏଫ, ୨୪ ଟି ଓଡ୍ରାଫ ଟିମ୍ ସମେତ ୪୬ କମ୍ପାନୀ ଅଗ୍ନିଶମ ବାହିନୀ ।

ଅନ୍ୟପକ୍ଷରେ ଜିଲ୍ଲାପାଳ ମାନଙ୍କୁ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ବିହିତ ପଦକ୍ଷେପ ନେବା ଲାଗି ରାଜସ୍ୱ ମନ୍ତ୍ରୀ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ସହିତ ଆସନ୍ତା ତିନିଦିନ ମଧ୍ୟରେ କ୍ଷୟକ୍ଷତି ରିପୋର୍ଟ ପ୍ରସ୍ତୁତ କରି ଦାଖଲ କରିବାକୁ ମଧ୍ୟ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚାଷ ହେଉ ଅବା ବାସସ୍ଥାନ। ଗୋଟେ ହେଉ କି ଶତାଧିକ ଜିଲ୍ଲାପାଳ ମାନେ ସମସ୍ତ କ୍ଷୟକ୍ଷତିର ଆକଳନ କରି ରିପୋର୍ଟ ଦେବେ। ଜଳବନ୍ଦୀ ଅଞ୍ଚଳରୁ ବିପନ୍ନ ଲୋକାମାନଙ୍କୁ ସୁରକ୍ଷିତ ଉଦ୍ଧାର ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ କହିଛନ୍ତି ଜୀବନ ମୂଲ୍ୟବାନ ତେଣୁ ଲୋକଙ୍କୁ ବୁଝାଇକି ଆଣନ୍ତୁ । ତାଙ୍କ ଜୀବନ ସୁରକ୍ଷା ପାଇଁ। ପୋଲିସ ତାଙ୍କ ଘରକୁ ସୁରକ୍ଷା ଦେବ । ଜୀବନ ରକ୍ଷା କରିବା ପାଇଁ ସମ୍ପୂର୍ଣ୍ଣ ଦାୟିତ୍ୱ ନିଅନ୍ତୁ । ଲୋକ ଯଦି ରିଲିଫ ସେଣ୍ଟରକୁ ଆସୁଛନ୍ତି ତେବେ ତାଙ୍କୁ ଘର ଭଳି ବ୍ୟବସ୍ଥା କରାଯାଉ। ଖାଇବା , ସୁରକ୍ଷା, ସ୍ୱାସ୍ଥ୍ୟସେବା ଯୋଗାଇ ଦେବାର ବ୍ୟବସ୍ଥା ହେଉ । ସାପ କାମୁଡ଼ା ସମସ୍ୟାକୁ ଏଡାଇବା ପାଇଁ ଆଣ୍ଟି ଭ୍ୟାକ୍ସିନ ଦିଅନ୍ତୁ । ଡାକ୍ତର ସମସ୍ତ ଅଞ୍ଚଳରେ ମହଜୁଦ୍ ରଖନ୍ତୁ।

ଯିଏ ପାଣି ଘେରରେ ରହିଛନ୍ତି ତାଙ୍କୁ ଖାଦ୍ୟ ଓ ପାନୀୟ ବ୍ୟବସ୍ଥା କରନ୍ତୁ । ଯେମିତି ତାଙ୍କୁ ଭୋକିଲା ରଖନ୍ତୁ *(ପୃଷ୍ଠା ୭ରେ)*



**ଆକାଶମାର୍ଗରୁ ସ୍ଥିତି ପରଖିଲେ ରାଜସ୍ୱ ମନ୍ତ୍ରୀ**

## ମହାନଦୀ ଜଳ ବିବାଦ ନେଇ ଓଡ଼ିଶା, ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ବୈଠକ

# ଦୀପାବଳି ସୁଦ୍ଧା ବିବାଦର ସମାଧାନ



**ନୂଆଦିଲ୍ଲୀ, ୩୦ ।୭**

ଆଗାମୀ 'ଦୀପାବଳି ବେଳକୁ ଛତିଶଗଡ଼ ସହିତ ମହାନଦୀ ଜଳ ବିବାଦର ସମାଧାନ ନିଶ୍ଚିତ ଭାବେ ହୋଇଯିବ।' ଗୁରୁବାର ନୂଆଦିଲ୍ଲୀରେ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର. ପାଟିଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ଏକ ଉଚ୍ଚ ସ୍ତରୀୟ ବୈଠକରେ ଯୋଗ ଦେବା ପରେ ଏହି କଥା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ବୈଠକରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାଏ ଓ ଦୁଇ ରାଜ୍ୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଥିଲେ ଯେ ଏହି ବୈଠକରେ ଓଡ଼ିଶାର ଅଧିକାର, ଚାଷୀକୂଳଙ୍କ ଭବିଷ୍ୟତ ଏବଂ ରାଜ୍ୟର ଜଳସମ୍ପଦର ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଆମର ପକ୍ଷକୁ ଦୃଢ଼ତାର ସହ ଉପସ୍ଥାପନ କରାଯାଇଛି। ଉଭୟ ରାଜ୍ୟ ମଧ୍ୟରେ ଗଠନମୂଳକ ଆଲୋଚନା, ପାରସ୍ପରିକ ସହଯୋଗ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଭିମୁଖ୍ୟ ମାଧ୍ୟମରେ ମହାନଦୀ ଜଳ ସମସ୍ୟାର ଏକ ସ୍ଥାୟୀ, ଆପୋଷ ଓ ସନ୍ତୋଷଜନକ ସମାଧାନ ବାହାର କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ।

ସେ କହିଛନ୍ତି ଯେ କେନ୍ଦ୍ର ଜଳ ଆୟୋଗଙ୍କ ଉପସ୍ଥିତିରେ ଆଲୋଚନା ହେବ। ଏହି ଆଲୋଚନା ଅଧିକାରୀ ସ୍ତରରେ ବି ହେବ। ଆଗାମୀ ୩ ମାସ ପର୍ଯ୍ୟନ୍ତ ଏହି ଆଲୋଚନା ଜାରି ରହିବ। ସେ ଆଶା କରୁଛନ୍ତି ଯେ ଏହି ୩ ମାସ ମଧ୍ୟରେ ମହାନଦୀ ଜଳ ବଣ୍ଟନ ଓ ପରିଚାଳନାକୁ ନେଇ ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଯେଉଁ ସମସ୍ୟାଗୁଡ଼ିକ ରହିଛି, ତା'ର ସମାଧାନ କରାଯିବ। ଛତିଶଗଡ଼ ସରକାର ବି ଏଥିରେ ସହମତି ପ୍ରକାଶ କରିଛନ୍ତି। ଆସନ୍ତା *(ପୃଷ୍ଠା ୭ରେ)*

## ସୋମେଶ ଉପାଧ୍ୟାୟ ଭଦ୍ରକର ନୂଆ ଜିଲ୍ଲାପାଳ ନିଯୁକ୍ତ

**ଭୁବନେଶ୍ୱର, ୩୦ ।୭**

**ନ୍ୟୁଜ୍ ବ୍ୟୁରୋ**

ସୋମେଶ କୁମାର ଉପାଧ୍ୟାୟ ଭଦ୍ରକର ନୂଆ ଜିଲ୍ଲାପାଳ ଭାବେ ନିଯୁକ୍ତ ହୋଇଛନ୍ତି। ଗୁରୁବାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଶୁକ୍ରବାର ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ଚାକିରିରୁ ଅବସର ନେବାକୁ ଯାଉଥିବାରୁ ଶ୍ରୀ *(ପୃଷ୍ଠା ୭ରେ)*

## ସଂସଦ ପରିସରରେ ବିରୋଧୀଙ୍କ ବିକ୍ଷୋଭ

# ଛାତ୍ରଙ୍କ ଉପରେ ଦମନ ଏବଂ ରାମ ମନ୍ଦିର ଦାନ ଚୋରି ବିବାଦକୁ ନେଇ ସରକାରଙ୍କୁ ଘେରିଲେ

**ନୂଆଦିଲ୍ଲୀ, ୩୦ ।୭**

ସଂସଦର ମୌସୁମୀ ଅଧିବେଶନ ସମୟରେ ବିଭିନ୍ନ ପ୍ରସଙ୍ଗରେ ଗୁରୁବାର ଦିନ ବିରୋଧୀ ସାଂସଦମାନେ ସଂସଦ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଛାତ୍ର ବିକ୍ଷୋଭକାରୀଙ୍କ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଏବଂ ରାମ ମନ୍ଦିର ଦାନ ଅନିୟମିତତା କରିଥିବା ଅଭିଯୋଗକୁ ନେଇ ବିରୋଧୀ ସରକାରଙ୍କୁ ଟାର୍ଗେଟ କରିଥିଲେ।ଜୁଲାଇ ୨୦ ରେ ଦିଲ୍ଲୀରେ ହୋଇଥିବା ଛାତ୍ର ଆନ୍ଦୋଳନ ସମୟରେ ପୋଲିସ ଦ୍ୱାରା କଥିତ ପେଲେଟ ବନ୍ଧୁକ କାର୍ଯ୍ୟାନୁଷ୍ଠାନ ବିରୋଧରେ ପ୍ରତିବାଦ କରି କଂଗ୍ରେସ ଏବଂ ଅନ୍ୟ ବିରୋଧୀ ଦଳର ସାଂସଦମାନେ ମକର ଦ୍ୱାର ନିକଟରେ ବିକ୍ଷୋଭ କରିଥିଲେ। ଏହି ପ୍ରସଙ୍ଗରେ ଗୃହମନ୍ତ୍ରୀ ଅମିତ ଶାହା କ୍ଷମା ମାଗନ୍ତୁ ଏବଂ ଛାତ୍ରମାନଙ୍କ ବିରୋଧରେ ପଞ୍ଜିକୃତ ସମସ୍ତ ଏଫ୍‌ଆଇଆର୍ ପ୍ରତ୍ୟାହାର କରିବାକୁ ବିରୋଧୀ ଦାବି କରିଛନ୍ତି।ରାମ ମନ୍ଦିର ଦାନରେ ଅନିୟମିତତା ଅଭିଯୋଗ *(ପୃଷ୍ଠା ୭ରେ)*

## ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ମନ୍ତ୍ରୀଙ୍କ ଗୁରୁତ୍ୱପୂର୍ଣ୍ଣ ବୈଠକ

# ମୌସୁମୀ ଅଧିବେଶନ ପାଇଁ ରଣନୀତି ଉପରେ ଆଲୋଚନା

**ନୂଆଦିଲ୍ଲୀ, ୩୦ ।୭**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ମନ୍ତ୍ରୀଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସଂସଦ ଭବନରେ ଅନୁଷ୍ଠିତ ହୋଇଯାଇଛି। ଯଦିଓ ବିରୋଧୀଙ୍କ ହଙ୍ଗାମା ପରେ ଲୋକସଭା ଏବଂ ରାଜ୍ୟସଭା ଗୁରୁବାର ଅପରାହ୍ନ ୨ଟା ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଥିଲା। ଏହି ବୈଠକରେ ସଂସଦୀୟ ରଣନୀତି ଏବଂ ଆଗାମୀ ବୈଧାନିକ ଏଜେଣ୍ଡା ଉପରେ ଆଲୋଚନା କରାଯାଇଛି।

ସୂଚନା ଅନୁସାରେ ଏହି ବୈଠକରେ କେନ୍ଦ୍ର ମନ୍ତ୍ରୀ ପୀୟୂଷ ଗୋୟଲ, ନିର୍ମଳା ସୀତାରମଣ, କିରେନ ରିଜିଜୁ, ଜେ. ପି. ନଡ୍ଡା ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଉପସ୍ଥିତ ଥିଲେ। ଏହା ବ୍ୟତୀତ ସରକାରଙ୍କ କେତେକ ଅନ୍ୟ ବରିଷ୍ଠ ମନ୍ତ୍ରୀ ମଧ୍ୟ ଏହି ବୈଠକରେ ସାମିଲ୍ ହୋଇଥିଲେ। ଏହି ବୈଠକର ମୁଖ୍ୟ ଏଜେଣ୍ଡା ହେଉଛି ସଂସଦର କାର୍ଯ୍ୟବାହିକୁ ସୁଚାରୁ ରୂପେ ଚଳାଇବା ଏବଂ ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରଣୟନ କାର୍ଯ୍ୟକୁ ଆଗକୁ ନେବା ନେଇ ରଣନୀତି *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୬: ପଦକ ତାଲିକାରେ ଭାରତ ଅଷ୍ଟମ ସ୍ଥାନକୁ ଉନ୍ନୀତ।
- ଅରୁଣାଚଳ ପ୍ରଦେଶ : ଭାରତ-ମ୍ୟାମାର ସୀମା ହାଟ ବ୍ୟବସାୟ ପାଇଁ ପୁଣି ଖୋଲିଲା।
- ଆଇଆଇଏସସି ବେଙ୍ଗାଲୁରୁରେ ସି-ଡଟ୍ ର ସେଣ୍ଟର ଅଫ୍ ଏକ୍ସିଲେନ୍ସି ସ୍ଥାପିତ, ସ୍ୱଦେଶୀ ଟେଲିକମ୍ ଗବେଷଣାକୁ ମିଳିବ ପ୍ରୋତ୍ସାହନ।

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୪୩୩ (+୮୨)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩, ୨୩୦ (+୭୫)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୮୨୫ (+୬୨)

## ରୁପା ଦର

ରୂପା – ପ୍ରତି ଗ୍ରାମ ୨୩୫ (+୦)




# ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀଙ୍କର ଉନ୍ନତି ପାଇଁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ ହେବ

**ଭୁବନେଶ୍ୱର, ୩୦ ।୭**

**ନ୍ୟୁଜ୍ ବ୍ୟୁରୋ**

ବିଧାନସଭାରେ ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀଙ୍କର ଉନ୍ନତି ପାଇଁ ଗଠିତ ଗୃହକମିଟିର ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଅଧ୍ୟକ୍ଷତା କରି ବାଚସ୍ପତି ସୁରମା ପାଢ଼ୀ କହିଲେ ଯେ ରାଜ୍ୟ ବାହାରେ ବିଚ୍ଛିନ୍ନାଞ୍ଚଳ, ସୀମାନ୍ତ ଓ ଉପାନ୍ତ ଅଞ୍ଚଳରେ ବସବାସ କରୁଥିବା ସଂଖ୍ୟାଲଘୁ ଓଡ଼ିଆମାନଙ୍କ ମଧ୍ୟରେ ଓଡ଼ିଆ ଭାଷା ଶିକ୍ଷା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସେସବୁ ଅଞ୍ଚଳରେ ଥିବା ବିଦ୍ୟାଳୟର ଭିତ୍ତିଭୂମିର ଉନ୍ନତିକରଣ, ଶିକ୍ଷକ ନିଯୁକ୍ତି, ପାଠ୍ୟପୁସ୍ତକ ଯୋଗାଣ ଆଦି ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ । ଓଡ଼ିଆ ଭାଷା ଶିକ୍ଷା ପ୍ରତି ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟିର ଆବଶ୍ୟକତା ରହିଛି । ୨୦୩୬ ମସିହାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ୧୦୦ ବର୍ଷ ପୂରଣ ହେଉଥିବାବେଳେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ପ୍ରଚାରପ୍ରସାର ପାଇଁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତି ଉପରେ ବାଚସ୍ପତି ଗୁରୁତ୍ୱ ଦେଇଥିଲେ।

ଉପବାଚସ୍ପତି ଭାବନୀଶଙ୍କର ଭୋଇ ବିଭାଗୀୟ ଅଧିକାରୀମାନଙ୍କୁ ଏହିସବୁ ଅଞ୍ଚଳକୁ ନିୟମିତ ଗସ୍ତ କରିବାକୁ ପରାମର୍ଶ ଦେବା ସହ ସ୍ଥାନୀୟ ଅଧିକାରୀମାନଙ୍କ ସହ ସମନ୍ୱୟ ରଖି ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରଚାରପ୍ରସାର ଦିଗରେ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ ।

ବୈଠକରେ ବିଭିନ୍ନ ବିଭାଗର ସଚିବମାନେ ବିଭାଗୀୟ କାର୍ଯ୍ୟକ୍ରମ ସମ୍ପର୍କିତ ପ୍ରସ୍ତାବ ଓ ତଥ୍ୟ ଉପସ୍ଥାପନ କରିଥିଲେ । ଏଥିରେ ଷଢ଼େଇକଳା, ଖରସୁଆଁ, ସିଂହଭୂମ, ମେଦିନପୁର ଓ ମଞ୍ଜୁଷା ଭଳି ଓଡ଼ିଆ ଭାଷାଭାଷୀ ବିଚ୍ଛିନ୍ନାଞ୍ଚଳ ଓ ସୀମାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଓ ସୁଧାର ନେଇ ଆଲୋଚନା ହୋଇଥିଲା ।

ବୈଠକରେ ହୋଇଥିବା ଆଲୋଚନାରୁ ଜଣାପଡ଼ିଛି ଯେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ନିୟମିତ ଭାବେ ଏହିସବୁ ଅଞ୍ଚଳକୁ ଉତ୍କଳ ପ୍ରସଙ୍ଗ, ପ୍ରଗତି ପ୍ରବାହ ପଠାଯାଉଥିବା ବେଳେ ଆଗାମୀ ଦିନରେ ଏହାକୁ ଅଧିକ ବ୍ୟାପକ କରାଯିବ । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜ୍ୟ ବାହାରେ ବିଚ୍ଛିନ୍ନାଞ୍ଚଳ, ସୀମାନ୍ତ ଓ ଉପାନ୍ତ ଅଞ୍ଚଳର ଐତିହ୍ୟ, କଳା, ସଂସ୍କୃତିର ସୁରକ୍ଷା ତଥା ପ୍ରଚାରପ୍ରସାର ପାଇଁ ଅଧିକ ଆର୍ଥିକ ସହାୟତାର ପ୍ରସ୍ତାବ ଦିଆଯାଇଥିବାବେଳେ ଏହିସବୁ ଅଞ୍ଚଳର ପାଠାଗାରକୁ ଓଡ଼ିଆ ପୁସ୍ତକ ପଠାଇବା ପାଇଁ ଅଗ୍ରାଧିକାର ଦିଆଯାଉଛି ।

ବୈଠକରେ ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଫକୀର ନାୟକ, ଗୌତମବୁଦ୍ଧ ଦାସ, ଗଣେଶ୍ୱର ବେହେରା, ଗୌରୀଶଙ୍କର ମାଝୀ, ନରସିଂହ ମାଡକାମୀ, ଦୁର୍ଗାଚରଣ ତନ୍ତି, ରଘୁରାମ ମାଛଙ୍କ ସମେତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ତିରୁମାଲ୍ଲା ନାୟକ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି *(ପୃଷ୍ଠା ୭ରେ)*

## ରାଜ୍ୟରେ ବନ୍ୟା ସ୍ଥିତି ବେଳେ ମୁଖ୍ୟମନ୍ତ୍ରୀଙ୍କ ଦିଲ୍ଲୀ ଗସ୍ତକୁ ନବୀନଙ୍କ ସମାଲୋଚନା

**ଭୁବନେଶ୍ୱର, ୩୦ ।୭**

**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବନ୍ୟା ପରିସ୍ଥିତି ଉପୁନ୍ନ ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେପିର ବରିଷ୍ଠ ନେତା ମାନଙ୍କର ଦିଲ୍ଲୀ ଗସ୍ତକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସମାଲୋଚନା କରିଛନ୍ତି। ଏପରି ଗମ୍ଭୀର ସ୍ଥିତିରେ ସରକାର ସମ୍ବେଦନହୀନ ନ ହୋଇ ଲୋକଙ୍କ ସହିତ ଛିଡ଼ା ହୁଅନ୍ତୁ, ଲୋକଙ୍କୁ ସୁରକ୍ଷା ଦିଅନ୍ତୁ ବୋଲି ନବୀନ ଆହ୍ୱାନ ଦେଇଛନ୍ତି।

ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ନବୀନ ଲେଖିଛନ୍ତି – ଓଡ଼ିଶାରେ ବନ୍ୟାର ବିଭୀଷିକା, ହେଲେ ଓଡ଼ିଶା ବିଜେପିର ନେତାମାନେ ଦିଲ୍ଲୀରେ ଭୋଜି କରୁଛନ୍ତି।

ଲଗାଣ ବର୍ଷା ଯୋଗୁଁ ସାରା ରାଜ୍ୟରେ ବନ୍ୟାର ସ୍ଥିତି ଦେଖାଦେଇଥିବା ବେଳେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସମେତ ବିଜେପିର ଶୀର୍ଷ ନେତା *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ସମାଧାନ ପୂରା ହେବ ଭାଇନା
ତୁଟିବ ନଦୀର କଳି
ଲେଖା ଛିଣ୍ଡିଯିବ କଥାଟା ପକ୍କା
ଆସୁ ଆସୁ ଦୀପାବଳି
ଶୁଣି ମାରିଲ କି ତାଳି ?
ଅପେକ୍ଷା କର ଟିକେ ଆଉ
ହେବ ରଙ୍ଗ ବୋଳାବୋଳି।

# ବୈଧ ଡ୍ରାଇଭିଂ ଲାଇସେନ୍ସ ନଥିଲେ ବୀମା କମ୍ପାନୀ ଦାୟୀ ନୁହେଁ



**ନୂଆଦିଲ୍ଲୀ, ୩୦ ।୭**

ଦୁର୍ଘଟଣା କ୍ଷତିପୂରଣକୁ ନେଇ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଯଦି ଦୁର୍ଘଟଣା ସମୟରେ ଗାଡ଼ି ଚାଳକଙ୍କ ପାଖରେ ବୈଧ ଡ୍ରାଇଭିଂ ଲାଇସେନ୍ସ ନଥାଏ କିମ୍ବା ଲାଇସେନ୍ସର ନବୀକରଣ ହୋଇନଥାଏ, ତେବେ କ୍ଷତିପୂରଣ ଦେବା ପାଇଁ ବୀମା କମ୍ପାନୀକୁ ବାଧ୍ୟ କରାଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ନ୍ୟାୟାଳୟ ସ୍ପଷ୍ଟ କରିଛନ୍ତି।

ଜଷ୍ଟିସ ସଞ୍ଜୟ କରୋଲ ଓ ଜଷ୍ଟିସ ଏନ୍. କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ କହିଛନ୍ତି ଯେ, ବୈଧ ଲାଇସେନ୍ସ ବିନା ଜଣେ ବ୍ୟକ୍ତି ଯଦି ଦୁର୍ଘଟଣା ଘଟାଉଥିବା ଗାଡ଼ି ଚଳାଉଥାନ୍ତି, ତେବେ ସେହି କ୍ଷତିପୂରଣର ଭାର ବୀମା କମ୍ପାନୀ ଉପରେ ଲଦାଯାଇପାରିବ ନାହିଁ। କୋର୍ଟଙ୍କ ରାୟ ଅନୁସାରେ,ଏପରି ପରିସ୍ଥିତିରେ ଗାଡ଼ି ଚାଳକ, ଗାଡ଼ି ମାଲିକ କିମ୍ବା ଉଭୟଙ୍କୁ କ୍ଷତିପୂରଣ ଦେବାର ଦାୟିତ୍ୱ ବହନ କରିବାକୁ ପଡ଼ିପାରେ।

ସୁପ୍ରିମକୋର୍ଟ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଏବଂ ରାଜ୍ୟ ପରିବହନ ବିଭାଗଗୁଡ଼ିକୁ ସଡ଼କ ସୁରକ୍ଷା ଓ ଟ୍ରାଫିକ୍ ନିୟମ ପାଳନ ନେଇ ଦେଶବ୍ୟାପୀ ସଚେତନତା ଅଭିଯାନ ଚଳାଇବାକୁ ପରାମର୍ଶ ଦେଇଛନ୍ତି।ସୋସିଆଲ ମିଡିଆ ଓ ଅନ୍ୟାନ୍ୟ ମାଧ୍ୟମରେ ବୈଧ ଡ୍ରାଇଭିଂ ଲାଇସେନ୍ସର *(ପୃଷ୍ଠା ୭ରେ)*




ସୌଜନ୍ୟ -ସୋସିଆଲ ମିଡିଆ

32 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୧ ଜୁଲାଇ ୨୦୨୬ ଶୁକ୍ରବାର





## କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ସମ୍ପ୍ରସାରଣ ଟେଣ୍ଡର ବାତିଲ୍ ନେଇ ଅସନ୍ତୋଷ

ସାଲେପୁର, ନ୍ୟୁଜ୍

ରାଜ୍ୟ ସରକାରଙ୍କ ପକ୍ଷରୁ କଟକ-ଚାନ୍ଦବାଲି ରାଜ୍ୟ ରାଜପଥ-୯କୁ ୪ ଆଖିଆ ରାସ୍ତା ନିର୍ମାଣର ଟେଣ୍ଡରକୁ ସର୍ବୋଚ୍ଚ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ବାତିଲ କରାଯାଇଥିବାରୁ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କିନ୍ତୁ ଜନତା ଦଳର ବରିଷ୍ଠ ନେତା ପ୍ରାକ୍ତନ ଜିଲ୍ଲା ପରିଷଦ ସଦସ୍ୟ ଚିତ୍ତରଞ୍ଜନ ମହାନ୍ତି କ୍ଷୋଭ ପ୍ରକାଶ କରିଛନ୍ତି। ଶ୍ରୀ ମହାନ୍ତି ଏକ ବିବୃତିରେ କହିଛନ୍ତି ଯେ କଟକ-ଚାନ୍ଦବାଲି ରାଜ୍ୟ ରାଜପଥର ମାନ୍ୟତା ପାଇ ପୂର୍ବ ସରକାରରେ ଦୁଇ ଆଖିଆ ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାଜ୍ୟ ରାଜପଥଟି କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଜିଲ୍ଲାକୁ ପ୍ରତିଦିନ ଯାତ୍ରୀବାହି ଗାଡ଼ି, ବିଶେଷ କରି ପାରାଦ୍ୱୀପକୁ ହଜାର ହଜାର ଟ୍ରକ୍, ହାଇୱା, ବଡ ମାଲବାହୀ ଭାରି ଯାନ ଗୁଡ଼ିକ ଚଳପ୍ରଚଳ କରୁଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ଯାନବାହାନ ସଂଖ୍ୟା ବୃଦ୍ଧି ପାଇବା ସହିତ ରାସ୍ତାର ବଜାର ପାର୍ଶ୍ୱ ସହିତ ଅନେକ ସ୍ଥାନରେ ଜବରଦଖଲ ରହୁଛି। ସେହିପରି ରାସ୍ତାଟି ସବୁ ସମୟରେ ଜାମ୍ ରହିବା ସହିତ ଓସାର କମ୍ ହେବାରୁ ପ୍ରତିଦିନ ଛୋଟ ବଡ ଦୁର୍ଘଟଣା ହେଉଛି। ସାଲେପୁର ବଜାର ସମେତ ଅନ୍ୟାନ୍ୟ ବଜାର ମାନଙ୍କରେ ଟ୍ରାଫିକ୍ ସମସ୍ୟା ଗୁରୁତର ରହିଛି। ଜଗତପୁର, ପାଉଁରକାର, ପଦ୍ମପୁର, ପାଗା, ନାହେଳ ଗଡା, ଶିଶୁଆ, ମାଛୁଆଟି, ସାଲେପୁର, କେନ୍ଦ୍ରାପାଟଣା, ନିଶ୍ଚିନ୍ତକୋଇଲି, ଶୁକଳପଡା, କଟିକଣା, ପ୍ରଭୃତି ଛୋଟ ବଡ଼ ବଜାର ସ୍ଥାନ ଗୁଡିକରେ ଗହଳି ରହୁଛି। ଜବରଦଖଲ ଓ ଅଣ ଓସାର ରାସ୍ତା ପାଇଁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି। ଉକ୍ତ ରାଜ୍ୟ ରାଜପଥର ଗୁରୁତ୍ୱ ଦୃଷ୍ଟିରୁ ଚାରି ଆଖିଆ ରାସ୍ତାରେ ରୂପାନ୍ତରିତ କରିବାକୁ ବିଭାଗୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଲା ପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ଟେଣ୍ଡରକୁ ବାତିଲ୍ କରାଯାଇଥିବାରୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ସାମୁହିକ ସ୍ୱାର୍ଥ ଦୃଷ୍ଟିରୁ ଏହି ରାଜ୍ୟ ରାଜପଥର ପୁନଃ ଟେଣ୍ଡର କରିବାକୁ ଶ୍ରୀ ମହାନ୍ତି ଦାବି କରିଛନ୍ତି।

### ବନ୍ୟା ପରିଚାଳନାରେ କେନ୍ଦୁଝର ଜିଲ୍ଲା ପ୍ରଶାସନର ତତ୍ପରତା

# ବନ୍ୟା ପ୍ରଭାବିତ ୫,୪୦୦ରୁ ଊର୍ଦ୍ଧ୍ୱ ଲୋକ ସୁରକ୍ଷିତ ସ୍ଥାନକୁ ଗଲେ

କେନ୍ଦୁଝର, ନ୍ୟୁଜ୍

ଜିଲ୍ଲାରେ କ୍ରମାଗତ ବର୍ଷା ଯୋଗୁ ପ୍ରଭାବିତ ହୋଇଥିବା ଲୋକଙ୍କ ଜୀବନ ରକ୍ଷା ଏବଂ ପ୍ରଭାବଶାଳୀ ବନ୍ୟା ପରିଚାଳନା ନିଶ୍ଚିତ କରିବା ପାଇଁ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଉଦ୍ଧାର, ସ୍ଥାନାନ୍ତର, ସହାୟତା ବଣ୍ଟନ ଏବଂ ପୁନର୍ବାସ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ୨୯ ତାରିଖର ଦୈନିକ ସ୍ଥିତି ତଥ୍ୟ ଅନୁଯାୟୀ, ବନ୍ୟା ଜଳ ବିଭିନ୍ନ ବ୍ଲକ ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ୯୩ଟି ଗ୍ରାମ ଏବଂ ପଡ଼ାର ୪୯ଟି ଗ୍ରାମ ପଞ୍ଚାୟତ/ୱାର୍ଡକୁ ପ୍ରଭାବିତ କରିଛି । ଯାହାଦ୍ୱାରା ୩୭,୫୩୪ ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ଏକ ସତର୍କତାମୂଳକ ପଦକ୍ଷେପ ସ୍ୱରୂପ, ବିପଦପୂର୍ଣ୍ଣ ଅଞ୍ଚଳରୁ ୫,୪୧୮ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ତୁରନ୍ତ ସହାୟତା ଯୋଗାଇଦେବା ପାଇଁ ପ୍ରଶାସନ ପକ୍ଷରୁ ୧୭ଟି ମାଗଣା ରୋଷେଇ ଶାଳ କାର୍ଯ୍ୟକ୍ଷମ କରାଯାଇଛି । ଯେଉଁଥିରେ ୩,୮୫୯ ଜଣ ବୟସ୍କ ଏବଂ ୭୬୭ ଜଣ ଶିଶୁଙ୍କ ସମେତ ସମୁଦାୟ ୪,୨୬ ଜଣ ଲୋକ ଉପକୃତ ହେଉଛନ୍ତି। ପ୍ରଭାବିତ ପରିବାରଗୁଡ଼ିକୁ ନିୟମିତ ଭାବେ ଖାଦ୍ୟ ପ୍ୟାକେଟ୍, ରନ୍ଧା ଖାଦ୍ୟ ଏବଂ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ବଣ୍ଟନ କରାଯାଉଛି। ଜିଲ୍ଲା ପ୍ରଶାସନ ପ୍ରଭାବିତ ଅଞ୍ଚଳରେ ୧୩୧ଟି ପଲିଥିନ୍ ସିଟ୍ ସହିତ ଚାଉଳ, ଚୁଡ଼ା, ଚିନି, ବିସ୍କୁଟ୍ ଏବଂ ପିଇବା ପାଣି ବୋତଲ ସମେତ ରିଲିଫ୍ ସାମଗ୍ରୀର ସମୟୋଚିତ ବଣ୍ଟନ ମଧ୍ୟ ନିଶ୍ଚିତ କରିଛି। ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଯେପରି ସହାୟତା ପହଞ୍ଚିପାରିବ ସେଥିପାଇଁ ରିଲିଫ୍ ବଣ୍ଟନର କ୍ରମାଗତ ଅନୁଧ୍ୟାନ କରାଯାଉଛି। ସବୁଠାରୁ ଅଧିକ ପ୍ରଭାବିତ ଅଞ୍ଚଳ ମଧ୍ୟରେ ହାଟଡିହି ବ୍ଲକରେ ସର୍ବାଧିକ ୩୧,୭୮୦ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ଆନନ୍ଦପୁର ବ୍ଲକ, ତେଲକୋଇ ବ୍ଲକ ଏବଂ ଆନନ୍ଦପୁର ପୌରପାଳିକାରେ ମଧ୍ୟ ବ୍ୟାପକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଯାହାଫଳରେ ବୃହତ ମାତ୍ରାରେ ସ୍ଥାନାନ୍ତର ଏବଂ ରିଲିଫ୍ କାର୍ଯ୍ୟ ଆରମ୍ଭ ହୋଇଛି। ଜିଲ୍ଲାର କେତେକ ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି । ଯେଉଁଥିରେ ତେଲକୋଇରେ ୨୨୧ ମିଲିମିଟର, କେନ୍ଦୁଝର ସଦରରେ ୧୨୫.୨ ମିଲିମିଟର ଏବଂ ଆନନ୍ଦପୁର ପୌରପାଳିକାରେ ୮୯.୬ ମିଲିମିଟର ବର୍ଷା ହୋଇଛି। ଆକଳନ ଅନୁଯାୟୀ ୯ଟି ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ଘର, ୧୯୨ଟି ଆଂଶିକ କ୍ଷତିଗ୍ରସ୍ତ ଘର ଏବଂ ୪ଟି ଗୋଶାଳା ନଷ୍ଟ ହୋଇଛି । ଯାହାପାଇଁ ସରକାରୀ ନିୟମ ଅନୁଯାୟୀ କ୍ଷୟକ୍ଷତି ଆକଳନ ଏବଂ ସହାୟତା ପ୍ରଦାନ କାର୍ଯ୍ୟ କରାଯାଉଛି। ସମସ୍ତ ସମ୍ପୃକ୍ତ ବିଭାଗର ଅଧିକାରୀ, ଅଗ୍ନିଶମ ସେବା, ଓଡ୍ରାଫ୍, ସ୍ଥାନୀୟ ପ୍ରଶାସନ ଏବଂ ଜରୁରୀକାଳୀନ ମୁକାବିଲା ଦଳ ହାଇ ଆଲର୍ଟରେ ଅଛନ୍ତି। ନଦୀର ଜଳସ୍ତର, ଦୁର୍ବଳ ନଦୀବନ୍ଧ ଏବଂ ବନ୍ୟା ପ୍ରବଣ ଅଞ୍ଚଳର କ୍ରମାଗତ ଅନୁଧ୍ୟାନ କରାଯାଉଛି । ଅପରପକ୍ଷେ କ୍ଷେତ୍ର ଅଧିକାରୀମାନଙ୍କୁ ନିରବଚ୍ଛିନ୍ନ ରିଲିଫ୍, ଯୋଗାଯୋଗର ପୁନରୁଦ୍ଧାର ଏବଂ ଯେକୌଣସି ଜରୁରୀ ପରିସ୍ଥିତିର ତୁରନ୍ତ ମୁକାବିଲା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ପ୍ରଶାସନ ନାଗରିକମାନଙ୍କୁ ସତର୍କ ରହିବାକୁ, ଜଳମଗ୍ନ ଅଞ୍ଚଳକୁ ନଯିବାକୁ ଏବଂ ସରକାରୀ ପରାମର୍ଶ ପାଳନ କରିବାକୁ ଅନୁରୋଧ କରିଛି। ବନ୍ୟା ସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଚବିଶ ଘଣ୍ଟିଆ ଅନୁଧ୍ୟାନ ଏବଂ ସମନ୍ୱିତ ମୁକାବିଲା ପ୍ରୟାସ ଜାରି ରହିବ।

# ପତ୍ନୀଙ୍କୁ ନିଖୋଜ ଦର୍ଶାଇ ହାଇକୋର୍ଟରେ ହେବିୟସ କର୍ପସ ମାମଲା ରୁଜୁ କରିବା ପଡ଼ିଲା ମହଙ୍ଗା:୫ ହଜାର ଟଙ୍କା ଅର୍ଥଦଣ୍ଡ ଗଣିବେ ସ୍ୱାମୀ



କଟକ, ନ୍ୟୁଜ୍ ବ୍ୟୁରୋ

ପତ୍ନୀ ନିଖୋଜ ହୋଇନଥିଲେ, ନିଜ ଇଚ୍ଛାରେ ପଳାଇ ଯାଇଥିଲେ। ଏକଥା ମଧ୍ୟ ସ୍ୱାମୀ ଜାଣିଥିଲେ। ଜାଣି ଶୁଣି ପତ୍ନୀ ନିଖୋଜ ଦର୍ଶାଇ ହାଇକୋର୍ଟରେ ହେବିୟସ କର୍ପସ୍ ପିଟିସନ୍ ଦାଖଲ କରିଥିଲେ। ହେଲେ ଏପରି ଆବେଦନ ସ୍ୱାମୀଙ୍କ ପାଇଁ ମହଙ୍ଗା ପଡିଲା। ଗତ ୨୭ ତାରିଖରେ ମାମଲାର ଶୁଣାଣି କରି ସ୍ୱାମୀଙ୍କୁ ୫ ହଜାର ଟଙ୍କା ଜରିମାନା ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ନିଖୋଜ ପତ୍ନୀଙ୍କ ଉଦ୍ଧାର ପାଇଁ ନିବେଦନ କରି ସ୍ୱାମୀ ଦାୟର କରିଥିବା ହେବିୟସ୍ କର୍ପସ୍ ପିଟିସନ୍‌ର ଶୁଣାଣି ଯେତେବେଳେ ହାଇକୋର୍ଟରେ ହୋଇଥିଲା, ସେତେବେଳେ ଘଟଣା ସ୍ପଷ୍ଟ ହୋଇଯାଇଥିଲା ଯେ, ପତ୍ନୀ ନିଜ ଇଚ୍ଛାରେ ସ୍ୱାମୀଙ୍କ ଘର ଛାଡ଼ି ତାଙ୍କ ବାପାଙ୍କ ପାଖରେ ଆଶ୍ରୟ ନେଇଛନ୍ତି। ତଦନ୍ତରୁ ଜଣାପଡିଥିଲା, ଦାମ୍ପତ୍ୟ ବିବାଦ କାରଣରୁ ପୂର୍ବରୁ ପତ୍ନୀ ନିଜ ଇଚ୍ଛାରେ ଶାଶୂ ଘର ଛାଡ଼ି ଚାଲିଯାଇଥିଲେ। ତଦନ୍ତକାରୀ ପୋଲିସ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ଉଭୟ ପତି-ପତ୍ନୀ ଥାନାରେ ହାଜର ହୋଇଥିଲେ। ସ୍ୱାମୀଙ୍କ ସହିତ ରହିବାକୁ ପତ୍ନୀ ପୋଲିସ ସାମ୍ନାରେ ସିଧା ସଳଖ ମନା କରିଥିଲେ। ଏକଥା ସ୍ୱାମୀ ଜାଣିଥିଲେ। ପତ୍ନୀ ତାଙ୍କ ସହିତ ରହିବାକୁ ଚାହୁଁନଥିବା ବିଷୟରେ ଅବଗତ ହୋଇ ମଧ୍ୟ ସେ ହାଇକୋର୍ଟରେ ହେବିୟସ କର୍ପସ ମାମଲା ଦାୟର କରିଥିଲେ। ସବୁ ଜାଣିଥିବା ସତ୍ତ୍ୱେ ଆବେଦନକାରୀ ସ୍ୱାମୀ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବାରୁ ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ହାଇକୋର୍ଟ ତାଙ୍କ ରାୟରେ କହିଛନ୍ତି, ପତ୍ନୀ ନିଜ ଇଚ୍ଛାରେ ତାଙ୍କ ବାପା-ମା'ଙ୍କ ସହ ରହୁଛନ୍ତି। ତେଣୁ ତାଙ୍କୁ ବେଆଇନ୍ ଭାବେ ଅଟକ କିମ୍ବା ଆବଦ୍ଧ ରଖାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ଖାରଜ ହୋଇଯାଉଛି। ଏଭଳି ଅସାଧୁ ମାମଲାକାରୀଙ୍କୁ ଅଦାଲତର ପରିସରକୁ ବ୍ୟବହାର କରି ଅନୁଚିତ ଫାଇଦା ନେବାକୁ ଦିଆଯିବା ଉଚିତ୍ ନୁହେଁ। କୋର୍ଟ ଆହୁରି କହିଛନ୍ତି, ଏହା ଏକ ଉପଯୁକ୍ତ ମାମଲା, ଯେଉଁଠାରେ ଜରିମାନା ଲାଗୁ କରାଯିବା ଆବଶ୍ୟକ। ହାଇକୋର୍ଟ ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି ଯେ, ହେବିୟସ କର୍ପସ ପିଟିସନ୍ ଦାୟର କରିଥିବା ସ୍ୱାମୀଙ୍କୁ ଦୁଇ ସପ୍ତାହ ଭିତରେ ଓଡ଼ିଶା ରାଜ୍ୟ ଆଇନ୍‌ସେବା ପ୍ରାଧିକରଣ ନିକଟରେ ୫ ହଜାର ଟଙ୍କା ଜମା କରିବାକୁ ପଡିବ। ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ୍ ଓ ଜଷ୍ଟିସ୍ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲା ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।



## ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଶ୍ରାଦ୍ଧୋତ୍ସବ:ବର୍ଷା ମଙ୍ଗଳ ସାହିତ୍ୟ ଆସର

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ଗୋଦାବରୀଶ ସାହିତ୍ୟ ସଂସଦ ପକ୍ଷରୁ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ୭୦ ତମ ଶ୍ରାଦ୍ଧୋତ୍ସବ ସଂସଦର ସଭାପତି, ବିଶିଷ୍ଟ କବି ଓ ନାଟ୍ୟକାର ପ୍ର. ଉପେନ୍ଦ୍ର ପ୍ରସାଦ ନାୟକଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଛି। ଏହି ଅବସରରେ ପ୍ରାକ୍ତନ ମନ୍ତ୍ରୀ ଡ. ଦେବେନ୍ଦ୍ରନାଥ ମାନସିଂହ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ବହୁମୁଖୀ ଅବଦାନ ଉପରେ ଆଲୋକପାତ କରିଥିଲେ। ସଂସଦର ସମ୍ପାଦକ ଡ. ରାମଚନ୍ଦ୍ର ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଜୀବନ, ସାହିତ୍ୟ ସାଧନା ଓ ସାମାଜିକ ଅବଦାନ ସମ୍ପର୍କରେ ବକ୍ତାମାନେ ଆଲୋଚନା କରିଥିଲେ। ପରେ କବି ଚମ୍ପକ ଚାନ୍ଦିନୀ ଦାଶ ଓ ସୌଦାମିନୀ ସାମନ୍ତରାୟଙ୍କ ସଂଯୋଜନାରେ ଆୟୋଜିତ କବିତା ପାଠ ଆସରରେ ଅର୍ଦ୍ଧଶତାଧିକ କବି ନିଜସ୍ୱ କବିତା ପାଠ କରି ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ଦେବେନ୍ଦ୍ରନାଥ ଦାସ, ରାକେଶ ମହାନ୍ତି ଓ ଅନିରୁଦ୍ଧ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଂସଦର ଉପସଭାପତି ଖଗେଶ୍ୱର ମହତାବ ଧନ୍ୟବାଦ ଦେଇଥିଲେ ।

## ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ସମସ୍ୟା ସମ୍ପର୍କରେ ସାଂସଦଙ୍କୁ ଦାବିପତ୍ର ପ୍ରଦାନ

ରମ୍ଭା, ନ୍ୟୁଜ୍ ବ୍ୟୁରୋ



ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ବହୁବିଧ ସମସ୍ୟା ବିଷୟରେ ରାଜ୍ୟ ବିଜେପି ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲଙ୍କୁ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା ଅବଗତ କରାଇଥିଲେ। ସେଗୁଡିକ ମଧ୍ୟରେ ୨୦୧୮ ମସିହା ଠାରୁ ବନ୍ଦ ଥିବା ଲିଜ୍ ଏଗ୍ରିମେଣ୍ଟ ମତ୍ସ୍ୟ ସୈରାତ, ପୂର୍ବ ସରକାରରେ ଫିସଫେଡ଼ ଅଫିସର ଓ ମତ୍ସ୍ୟ ବିଭାଗ ଅଧିକାରୀଙ୍କ ମିଳିତ ଜାଣିଶୁଣି ହଇରାଣ କରି ଚିଙ୍ଗୁଡ଼ି ଘେରି ଦଲାଲାଙ୍କୁ ମତ୍ସ୍ୟ ଉତ୍ସ ବା ସୈରାତକୁ ବେନିୟମ ଚିଙ୍ଗୁଡ଼ି ଘେରି କରିବାକୁ ସୁବିଧା ଦେଉଥିଲେ ଫଳରେ ସରକାରଙ୍କ ତହବିଲ କୋଟି କୋଟି ଟଙ୍କା ରିଭିନ୍ୟୁକୁ ଯାଉନଥିଲା ଲିଜ୍‌ଧାରୀ ପାରମ୍ପରିକ ମତ୍ସ୍ୟଜୀବୀଙ୍କୁ ଲିଜ୍ ଏଗ୍ରିମେଣ୍ଟରୁ ବଞ୍ଚିତ କାରାଯାଇ ହଇରାଣ କରୁଥିଲେ । ତେଣୁ ଅତିଶୀଘ୍ର ୫ ବର୍ଷିଆ ଲିଜ୍ ଏଗ୍ରିମେଣ୍ଟ ପ୍ରଚଳନ ପାଇଁ ଆପତ୍ତି ଜଣାଇଥିଲେ। ସାହେବ କେନାଲ ରଷିକୂଲ୍ୟା ଓ ସାତପଡା ପୁରୀ ରାମ ଭରତୀୟା ମୁହାଣ ଖନନ ଓ ଅବରୋଧ ହଟାଇବା, ପଙ୍କ ଉଦ୍ଧାର, ସରୁ ମଶାରୀ ଜାଲ ପ୍ରଚଳନ ବନ୍ଦ, ଚିଲିକା ଭିତରେ ମାଟି ମଶାରୀ ଜାଲ ଘେରି ବନ୍ଧ ଉଚ୍ଛେଦ, ୧୧୬୫ ବର୍ଗ କିଲୋମିଟର ୪ ଲକ୍ଷରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ୧୪୭ ଖଣ୍ଡ ଗ୍ରାମ ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ସୁରକ୍ଷା ଦେଲେ ୭୦ ଭାଗ ଆଉ ଦାଦନ ଯିବେନାହିଁ, ୪୭୦୦୦ ଏକର ମତ୍ସ୍ୟ ଉତ୍ସ ସୁରକ୍ଷିତ ଯାହା ମାଛ ମରା ଉପକରଣ ଖନ୍ଦା, ଟାଟ, ଜାଣ, ଉଠାପାଣି, ଡିଆଁଓ ଗଭୀର ଚିଲିକା ବାହାଣୀ ପ୍ରଭୃତି ପୁନର୍ଜୀବିତ, ଜବରଦଖଲ ମାଫିଆ ଅଣ ମତ୍ସ୍ୟଜୀବୀଙ୍କୁ ହଟାଇବା ଦ୍ୱାରା କୋଟି କୋଟି ଟଙ୍କା ସରକାର ତହବିଲକୁ ଯାଇପାରିବ। ସରକାରଙ୍କ ମତ୍ସ୍ୟଜୀବୀ ଉନ୍ନୟନ ଯୋଜନା ଗୁଡିକ ସ୍ୱତନ୍ତ୍ର ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀ ପୋର୍ଟାଲ ଗଠନ କରି ଉପଯୁକ୍ତ ହିତାଧିକାରୀଙ୍କୁ ଚୟନ କରିବା, ପ୍ରତ୍ୟେକ ମତ୍ସ୍ୟଜୀବୀ ଗ୍ରାମ ଚିଲିକା କୂଳେ ଜେଟି ନିର୍ମାଣ କରିବା, ମତ୍ସ୍ୟଜୀବୀ ପିଲାଙ୍କୁ ୩ ବର୍ଷ ହେଲା ମେଧାବୀ ଷ୍ଟାଇପେଣ୍ଡ ଟଙ୍କା ନମିଳିବା, ରମ୍ଭା ପର୍ଯ୍ୟଟନ ବିଭାଗରେ ଓ ଜେଟି ନିର୍ମାଣ ପାଇଁ ସ୍ଥାନୀୟ ମତ୍ସ୍ୟଜୀବୀ ପିଲାଙ୍କୁ ଅଗ୍ରାଧିକାର ଭିତ୍ତିରେ ନିଯୁକ୍ତି ପ୍ରଦାନ କରିବା, ଚିଲିକା କୂଳେ କୂଳେ ମେଘା ପ୍ରୋଜେକ୍ଟ ବନାଇବା, ଦିଘା ଠାରୁ ଗୋପାଳପୁର ଚିଲିକା ସମୁଦ୍ର କୂଳେ କୂଳେ ପକ୍କା ରାସ୍ତା ସମେତ ଜହ୍ନିକୁଦା ସାତପଡା ବ୍ରିଜ୍ ନିର୍ମାଣ (ମତ୍ସ୍ୟଜୀବୀଙ୍କ ମତାମତ ଦ୍ୱାରା), ବାଲୁଗାଁ ଜୀବ ପ୍ରଯୁକ୍ତି ବିଭାଗ ଅଫିସରେ ଅନିୟମିତତା ତଦାରଖ କରିବା ପ୍ରମୁଖ ମୌଳିକ ସମସ୍ୟା ସମାଧାନ କରିବା ବିଷୟ ଆଲୋଚନା ହୋଇଥିଲା। ମତ୍ସ୍ୟଜୀବୀଙ୍କ ସମସ୍ୟା ସମସ୍ୟା ସମାଧାନ ଅବହେଳା ହେଲେ ଆଇନ୍ ହାତକୁ ନେବାକୁ ବାଧ ହେବେ ଓ ଠିକଣା ସମୟରେ ୪ ଲକ୍ଷରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ଜବାବ୍ ଦେବେ ବୋଲି ଉଲ୍ଲେଖ କରାଯାଇଥିଲା।

## ମାସିକ ସାହିତ୍ୟ ଆଲୋଚନା ଚକ୍ର ଓ କବିତା ଆସର

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ବ୍ଲକ ଗଡଡ଼ ଦେଇ ଉଚ୍ଚ ବିଦ୍ୟାଳୟ ପରିସରରେ କଲ୍‌ଚରାଲ୍ ଏକାଡେମୀର ମାସିକ ସାହିତ୍ୟ ଆଲୋଚନା ଚକ୍ର ଓ କବିତା ଆସର ସଭାପତି ଧ୍ରୁବଚରଣ ଘିବେଲାଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ





ହୋଇଯାଇଛି । ବରିଷ୍ଠ ଅଧିବକ୍ତା ସୁଧୀର କୁମାର କର୍ଣ୍ଣ ମୁଖ୍ୟଅତିଥି ଭାବରେ ଯୋଗଦେଇ କହିଥିଲେ ଯେ ଯେଉଁ ସମାଜର ସଂସ୍କୃତି ଯେତେ ଉନ୍ନତ ସେହି ଦେଶ ସେତେ ଉନ୍ନତ । ଭାରତବର୍ଷରେ ପ୍ରଚଳିତ ରାମାୟଣ ଓ ମହାଭାରତର ଚରିତ୍ର ମାନଙ୍କୁ ନେଇ ଆଲୋଚନା କରିଥିଲେ । ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳ ଅମାତ ଓ ସମ୍ପାଦକ ରାଧାମୋହନ ମାହାଣା ମଞ୍ଚାସୀନ ଥିଲେ । ବ୍ୟାସଦେବଙ୍କ ଗୁରୁଭକ୍ତି ଉଦାହରଣ ଦେଇ ସାହିତ୍ୟ ସମାଜ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ବିଷୟ ସଭାପତି ଶ୍ରୀ ଘିବେଲା ଆଲୋଚନା କରିଥିଲେ । ଦ୍ୱିତୀୟ ପର୍ଯ୍ୟାୟରେ ଅନୁଷ୍ଠାନର ଉପସଭାପତି ଟଙ୍କଧର ସାହୁଙ୍କ ସଭାପତିତ୍ୱରେ କବିତା ଆସର ହୋଇଥିଲା । ସାହିତ୍ୟିକ ସଂସାର ଅମାତ ଓ ସୁବାଷ ଚନ୍ଦ୍ର ମହାକୁଡ଼ ଅତିଥି ଭାବରେ ମଞ୍ଚାସୀନ ଥିଲାବେଳେ କବି କୃଷ୍ଣଚନ୍ଦ୍ର ସେଠୀ କବିତା ସଂଯୋଜନା କରିଥିଲେ । କବି ରାଧାମୋହନ ମାହାଣା, ରାଜକୁମାର ପ୍ରଧାନ, ସୁବାଷ ଚନ୍ଦ୍ର ମହାକୁଡ଼, ଜୟନାରାୟଣ ମହାନ୍ତି, ଧ୍ରୁବଚରଣ ଘିବେଲା, ଗୋପାଳ ଅମାତ, କୃଷ୍ଣଚନ୍ଦ୍ର ସେଠୀ, ବିଷ୍ଣୁପ୍ରିୟା ଦେହୁରୀ, କ୍ରିଷ୍ଣା ପ୍ରଧାନ, ଟଙ୍କଧର ସାହୁ ପ୍ରମୁଖ କବିତା ପାଠ କରିଥିଲେ । ଅନୁଷ୍ଠାନର ସମ୍ପାଦକ ରାଧାମୋହନ ମାହାଣା ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଦସ୍ୟ ରାଜକୁମାର ପ୍ରଧାନ ଧନ୍ୟବାଦ ଦେଇଥିଲେ ।

## ଏସ୍‌ଆଇଆର୍ ଚିଠା ଭୋଟର ତାଲିକା ପ୍ରକାଶ ପରବର୍ତ୍ତୀ କାର୍ଯ୍ୟକ୍ରମର ସମୀକ୍ଷା

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ





ସ୍ୱତନ୍ତ୍ର ସଘନ ସଂଶୋଧନ ଏସ୍‌ଆଇଆର୍-୨୦୨୬ ଅନ୍ତର୍ଗତ ବିସଙ୍ଗତି ମାମଲାଗୁଡ଼ିକର ଶୁଣାଣି ଅବସରରେ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ କାର୍ଯ୍ୟାଳୟର ପ୍ରଶାସନିକ ଅଧିକାରୀ ତଥା ରାଜ୍ୟ ପର୍ଯ୍ୟବେକ୍ଷକ ଶାଶ୍ୱତ ପ୍ରଧାନ ୬୫-ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ERO)ଙ୍କ କାର୍ଯ୍ୟାଳୟ ଏବଂ ବିଭିନ୍ନ ସହକାରୀ ନିର୍ବାଚକ ପଞ୍ଜୀକରଣ ଅଧିକାରୀ (AERO)ଙ୍କ କାର୍ଯ୍ୟାଳୟ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଶ୍ରୀ ପ୍ରଧାନ ବୁଥ୍ ସ୍ତରୀୟ ଅଧିକାରୀ (BLO) ଏବଂ BLO ସୁପରଭାଇଜର ମାନଙ୍କ ସହ ସିଧାସଳଖ ଆଲୋଚନା କରି ସେମାନଙ୍କ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହାସହ SIR-୨୦୨୬ର ଚିଠା ଭୋଟର ତାଲିକା ପରବର୍ତ୍ତୀ କାର୍ଯ୍ୟାବଳୀକୁ ଅଧିକ ସଫଳ ଏବଂ ସମୟବଦ୍ଧ ଭାବେ ସମ୍ପାଦନ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡ଼ିଶାଙ୍କ ପକ୍ଷରୁ ଜାରି ହୋଇଥିବା ଆବଶ୍ୟକ ନିର୍ଦ୍ଦେଶାବଳୀ ସମ୍ପର୍କରେ ଅବଗତ କରାଇଥିଲେ। ପରବର୍ତ୍ତୀ ସମୟରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ଉପଜିଲ୍ଲାପାଳ ତଥା ନିର୍ବାଚକ ପଞ୍ଜୀକରଣ ଅଧିକାରୀ (ERO) ଡଃ. ସୌମ୍ୟ ରୂପା ରଥ, ୬୫-ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ, ଡେପୁଟି ଜିଲ୍ଲାପାଳ (ନିର୍ବାଚନ) ଏବଂ BLO ତଥା BLO ସୁପରଭାଇଜର ମାନଙ୍କ ଉପସ୍ଥିତିରେ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବିସଙ୍ଗତି ମାମଲାଗୁଡ଼ିକର ଶୁଣାଣି, ଚିଠା ଭୋଟର ତାଲିକା ପ୍ରକାଶ ପରବର୍ତ୍ତୀ କାର୍ଯ୍ୟାବଳୀର ଅଗ୍ରଗତି ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ରାଜ୍ୟ ପର୍ଯ୍ୟବେକ୍ଷକ ସମସ୍ତ କାର୍ଯ୍ୟକୁ ସ୍ୱଚ୍ଛତା, ନିରପେକ୍ଷତା ଓ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପନ୍ନ କରିବା ପାଇଁ ସମ୍ପୃକ୍ତ ସମସ୍ତ ଅଧିକାରୀ ଓ କ୍ଷେତ୍ର କର୍ମଚାରୀଙ୍କୁ ପରାମର୍ଶ ଓ ଆବଶ୍ୟକ ଦିଗନିର୍ଦ୍ଦେଶ ପ୍ରଦାନ କରିଥିଲେ।

### ଶିକ୍ଷକ ସ୍କୁଲକୁ ଆସି ୨-୩ ଘଣ୍ଟା ପରେ ଚାଲିଯାଉଥିବା ଅଭିଯୋଗ

# ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନେଇ ଅଭିଭାବକଙ୍କ ଚିନ୍ତା

ରାଇଘର, ନ୍ୟୁଜ୍ ବ୍ୟୁରୋ

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ ଯୋଡିଙ୍ଗା ପଞ୍ଚାୟତର ବୋରଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଏକ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ବିଦ୍ୟାଳୟର ଜଣେ ଶିକ୍ଷକ ପ୍ରତିଦିନ ବିଦ୍ୟାଳୟକୁ ଆସି ଉପସ୍ଥାନ ଖାତାରେ ଦସ୍ତଖତ କରିବା ପରେ ପ୍ରାୟ ୨ରୁ ୩ ଘଣ୍ଟା ରହି ନିଜ ବ୍ୟକ୍ତିଗତ ବ୍ୟବସାୟ କାମରେ ଚାଲିଯାଉଥିବା ଅଭିଯୋଗ ହୋଇଛି। ଅଭିଭାବକ ମାନଙ୍କ କହିବା ଅନୁସାରେ, କୌଣସି ଅଧିକାରୀ କିମ୍ବା ସରକାରୀ ଗାଡ଼ି ବିଦ୍ୟାଳୟ ନିକଟକୁ ଆସିଲେ ସମ୍ପୃକ୍ତ ଶିକ୍ଷକଙ୍କୁ ପୂର୍ବରୁ ସୂଚନା ଦିଆଯାଉଥିବା ଏବଂ ସୂଚନା ପାଇବା ପରେ ସେ ପ୍ରାୟ ୩୦ ମିନିଟ୍ ମଧ୍ୟରେ ବିଦ୍ୟାଳୟରେ ପହଞ୍ଚୁଥିବା ଅଭିଯୋଗ ମଧ୍ୟ କରାଯାଇଛି । ଏହାଫଳରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିଲା ବୋଲି ଅଭିଭାବକମାନେ ଚିନ୍ତା ପ୍ରକାଶ କରିଛନ୍ତି। ଅଭିଯୋଗରେ ଆହୁରି କୁହାଯାଇଛି ଯେ, ସମ୍ପୃକ୍ତ ଶିକ୍ଷକ ବିଦ୍ୟାଳୟର ଶିକ୍ଷାଦାନ କାର୍ଯ୍ୟ ଅପେକ୍ଷା ନିଜ ବ୍ୟକ୍ତିଗତ ବ୍ୟବସାୟକୁ ଅଧିକ ପ୍ରାଧାନ୍ୟ ଦେଉଥିବାରୁ ନିୟମିତ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଏହାର ସିଧାସଳଖ ପ୍ରଭାବ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ଭବିଷ୍ୟତ ଉପରେ ପଡୁଥିବା ସେମାନେ କହିଛନ୍ତି। ଏହି ଅଭିଯୋଗ ସମ୍ପର୍କରେ ରାଇଘର ବ୍ଲକ ଶିକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ସେ ନବରଙ୍ଗପୁରରେ ଏକ ବୈଠକରେ ଥିବା କଥା କହି ପରେ ବିଦ୍ୟାଳୟର ଏକ ଫଟୋ ପଠାଇଥିଲେ। ସେହି ଫଟୋରେ ବୋରଗା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅନ୍ୟ ଶିକ୍ଷକମାନଙ୍କ ସହ ରଞ୍ଜିତ କୁମାର ପାଣିଗ୍ରାହୀ ମଧ୍ୟ ଉପସ୍ଥିତ ଥିବା ଦେଖାଯାଇଛି। ଅନ୍ୟପଟେ, ସ୍କୁଲ ପରିଚାଳନା ସଭାପତି, ଗାଁ କମିଟି ଏବଂ ପ୍ରଧାନ ଶିକ୍ଷକଙ୍କ ପକ୍ଷରୁ କୁହାଯାଇଛି ଯେ ସମ୍ପୃକ୍ତ ଶିକ୍ଷକ ନିୟମିତ ଭାବେ ବିଦ୍ୟାଳୟରେ ଉପସ୍ଥିତ ରହୁନାହାନ୍ତି। ଏହି ଦୁଇ ପକ୍ଷର ଦାବିରେ ପାର୍ଥକ୍ୟ ଥିବାରୁ ଘଟଣାକୁ ନେଇ ବିଭିନ୍ନ ପ୍ରଶ୍ନ ଉଠିଛି। ତେଣୁ ଘଟଣାର ନିରପେକ୍ଷ ତଦନ୍ତ କରି ଉଚିତ୍ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଅଭିଭାବକ, ସ୍କୁଲ ପରିଚାଳନା ସଭାପତି ଓ କମିଟି ଦାବି କରିଛନ୍ତି।

## ଗଞ୍ଜେଇ ଜବତ:ଯୁବକ ଗିରଫ



ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ବାଲିକୁଦା ଥାନା ଅନ୍ତର୍ଗତ ବ୍ରାହ୍ମଣ୍ଡି ଗ୍ରାମରେ ଚଢଉ କରି ୧ କେଜି ୦୪୫ ଗ୍ରାମ୍ ଗଞ୍ଜେଇ ଜବତ କରିଛି ବାଲିକୁଦା ଅବକାରୀ ଥାନା ଯାହାର ଆନୁମାନିକ ମୂଲ୍ୟ ୧୦୪୫୦/- ଟଙ୍କା ହେବ। ଏକ ଗୁଇନ୍ଦା ଖବରକୁ ଭିତ୍ତି କରି ବାଲିକୁଦା ଅବକାରୀ ଥାନାର ସବ୍‌ଇନ୍ସପେକ୍ଟର ନରେଶ କୁମାର ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ବୁଧବାର ସକାଳେ ବ୍ରାହ୍ମଣ୍ଡି ଗ୍ରାମରେ ଚଢଉ କରିଥିଲା। ସନ୍ଦିଗ୍ଧ ଜଣକ କୌଣସି ସୂତ୍ରରୁ ଖବରପାଇ ଗଞ୍ଜେଇ ବ୍ୟାଗ୍‌କୁ ନେଇ ଖସିପଳାଇବାକୁ ଚେଷ୍ଟା କରୁଥିବାବେଳେ ଅବକାରୀ ବିଭାଗର କର୍ମଚାରୀମାନେ ତାଙ୍କୁ ପିଛା କରିବା ପରେ ସେହି ଗ୍ରାମର ତ୍ରିନାଥ ମନ୍ଦିର ସମ୍ମୁଖରୁ କାବୁ କରିନେଇଥିଲେ। ଯାଞ୍ଚ ପରେ ତାଙ୍କ ନିକଟରୁ ୧ କେଜି ୦୪୫ ଗ୍ରାମ୍‌ର ଗଞ୍ଜେଇ ଜବତ କରାଯାଇଥିଲା। ଅଭିଯୁକ୍ତ ଜଣକ ହେଲେ ବ୍ରାହ୍ମଣ୍ଡି ଗ୍ରାମର ମଧୁସୂଦନ କାଣ୍ଡିଙ୍କ ପୁଅ ପ୍ରଶାନ୍ତ କାଣ୍ଡି (୪୮)। ତାଙ୍କ ବିରୁଦ୍ଧରେ ଏନ୍‌ଡିପିଏସ୍ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗିୟ ହାଜତକୁ ପଠାଯାଇଛି। ଏହି ଅଭିଯାନରେ ତିର୍ତ୍ତୋଲ ଅବକାରୀ ଥାନାର କନେଷ୍ଟବଳ ନବଘନ ମାରାଣ୍ଡି, କଲ୍ୟାଣୀ ସେଠୀ, ପ୍ରତିମା ଜେନା ପ୍ରମୁଖ ସାମିଲ ଥିଲେ। ଜିଲ୍ଲା ଅବକାରୀ ବିଭାଗ ନର୍କୋଟିକ୍ସ ବ୍ୟବସାୟ ବିରୋଧରେ ଆହୁରି କଠୋର ଅଭିଯାନ ଚଳାଇବାକୁ ସଂକଳ୍ପବଦ୍ଧ ଥିବାର ପ୍ରକାଶ କରିଛନ୍ତି ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ।



## ମେଡିକାଲ କଲେଜ ଓ ହସ୍ପିଟାଲ୍‌ରେ କେନ୍ଦ୍ରୀୟ ପରୀକ୍ଷାଗାର ଉଦ୍‌ଘାଟିତ

ଯାଜପୁର, ନ୍ୟୁଜ୍ ବ୍ୟୁରୋ

ମହାରାଜା ଯଯାତି କେଶରୀ ମେଡିକାଲ୍ କଲେଜ ଓ ହସ୍ପିଟାଲ୍, ଯାଜପୁରର କେନ୍ଦ୍ରୀୟ ପରୀକ୍ଷାଗାରକୁ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍, ଯାଜପୁର ଅମ୍ବର କୁମାର କର ଉଦ୍‌ଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡା. ଜାମି ସାଗର ପୃଷ୍ଟି, ଅଧୀକ୍ଷକ, ଡା. ନଗେନ୍ଦ୍ର ନାଥ ମହାପାତ୍ର, ସିଡିଏମ୍ଓ ପିଏଚ୍ଓ, ଯାଜପୁର, ଡା. ମନୋଜ କୁମାର ସେନାପତି, ଡିଏମ୍ଓ-କମ୍-ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଯାଜପୁର, ଡା. ସୁଜିତ କୁମାର ସ୍ୱାଇଁ, ପାଥୋଲୋଜି ବିଶେଷଜ୍ଞ, ପ୍ରଫେସର ରାକେଶ କୁମାର ପଣ୍ଡା, ବିଭାଗୀୟ ମୁଖ୍ୟ, ମାଇକ୍ରୋବାୟୋଲୋଜି, ପ୍ରଫେସର ପ୍ରଣତି ପ୍ରଧାନ, ବିଭାଗୀୟ ମୁଖ୍ୟ, ପାଥୋଲୋଜି, ପ୍ରଫେସର ପ୍ରଜ୍ଞାନ ପ୍ରିୟଦର୍ଶିନୀ ଦାସ, ବାୟୋକେମିଷ୍ଟ୍ରି ବିଭାଗ, ସମସ୍ତ କ୍ଲିନିକାଲ୍ ବିଭାଗର ମୁଖ୍ୟ, ହସ୍ପିଟାଲ୍ ମ୍ୟାନେଜର, ସେକ୍ସନ୍ ଅଫିସର, ଆକାଉଣ୍ଟସ୍ ଅଫିସର, ଲାବୋରେଟୋରି ଟେକ୍ନିକାଲ୍ ଅଫିସର, ଲାବୋରେଟୋରି ଟେକ୍ନିସିଆନ୍ ଏବଂ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଏହି କେନ୍ଦ୍ରୀୟ ପରୀକ୍ଷାଗାର ମାଧ୍ୟମରେ ରୋଗୀମାନଙ୍କୁ ଉନ୍ନତମାନର ରୋଗ ନିର୍ଣ୍ଣୟ ସେବା ଏକ ସ୍ଥାନରେ ଉପଲବ୍ଧ ହେବ, ଯାହା ଚିକିତ୍ସା ସେବାକୁ ଅଧିକ ସୁଦୃଢ଼ କରିବ। ହସ୍ପିଟାଲ୍ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଏହି କେନ୍ଦ୍ରୀୟ ପରୀକ୍ଷାଗାରରେ ରୋଗୀମାନଙ୍କ ପାଇଁ ସମସ୍ତ ଦିବସରେ ସେବା ଉପଲବ୍ଧ ରହିବ। ନମୁନା ସଂଗ୍ରହ ସମୟ ସକାଳ ୮.୩୦ଟାରୁ ଦିନ ୧.୦୦ ଟା ପର୍ଯ୍ୟନ୍ତ ଏବଂ ପରୀକ୍ଷା ରିପୋର୍ଟ ବିତରଣ ସମୟ ଅପରାହ୍ନ ୩.୦୦ ଟାରୁ ୪.୦୦ ଘଟିକା ପର୍ଯ୍ୟନ୍ତ ନିର୍ଦ୍ଧାରଣ କରାଯାଇଛି। ଏହି କେନ୍ଦ୍ରୀୟ ପରୀକ୍ଷା ଗାରର ଶୁଭାରମ୍ଭ ଯାଜପୁରର ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବା ସହିତ ଜିଲ୍ଲାବାସୀଙ୍କୁ ଗୁଣାତ୍ମକ ଓ ସମୟୋପଯୋଗୀ ରୋଗ ନିର୍ଣ୍ଣୟ ସେବା ପ୍ରଦାନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ପାଣିରେ ପଶି ସ୍ଥିତି ସମୀକ୍ଷା କଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ

ଧାମନଗର, ନ୍ୟୁଜ୍ ବ୍ୟୁରୋ



ବୈତରଣୀ ଓ ଏହାର ଶାଖା ନଦୀ ଗେଙ୍ଗୁଟିରେ ଆସିଥିବା ପ୍ରଳୟଙ୍କରୀ ବନ୍ୟା ଧାମନଗର ଅଞ୍ଚଳରେ ତାଣ୍ଡବ ରଚିଛି। ବନ୍ୟା ଜଳ ପ୍ରବେଶ କରିବା ଫଳରେ ଧାମନଗର ବ୍ଲକର ୩୦ଟି ପଞ୍ଚାୟତର ୧୪୩ଟି ଗାଁର ୧ ଲକ୍ଷ ୬୦ ହଜାର ୨୦୩ ଜଣ ଲୋକ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ଏହାସହିତ ଧାମନଗର ଏନ୍‌ଏସି, ଧୁଷୁରୀ ଏନ୍‌ଏସି ଏବଂ ଲଗାଣ ବର୍ଷା ଯୋଗୁ ଜଥ ନଦୀର ବନ୍ୟା ଜଳ ପଶି ଧାମନଗର ଏନ୍‌ଏସିର ୬ରୁ ଉର୍ଦ୍ଧ୍ୱ ୱାର୍ଡ ଜଳମଗ୍ନ ହୋଇପଡ଼ିଛି। ବନ୍ୟା ଦ୍ୱାରା ଆନନ୍ଦପୁର, ଖଡ଼ିପଦା, ସୋହଡ଼ା, କରଦା, ପଧାନି, ମୁସ୍ତଫାପୁର, ଅର୍ଜ୍ଜୁନପୁର, ହସନାବାଦ, ଭଞ୍ଜସାହି, ପାଳସାହି, ବମ୍ପକୁରା, କାଶିମପୁର, କୋଠାର, ଗଡ଼ିଆଳି ଓ ଅସୁରାଳି ପଞ୍ଚାୟତ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ସେହିପରି ଅଞ୍ଚଳର ୩୪ ହଜାରରୁ ଅଧିକ ପଶୁସମ୍ପଦ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଗୃହପାଳିତ ପଶୁଙ୍କ ଚିକିତ୍ସା ଓ ସେବା ପାଇଁ ୩ଟି ପ୍ରାଣୀ ଚିକିତ୍ସକ ଟିମ୍‌କୁ ନିୟୋଜିତ କରାଯାଇଛି। ବୁଧବାର ସୁଦ୍ଧା ଧାମନଗରରେ ତଳିଆ ଅଞ୍ଚଳରୁ ୧୫ ହଜାର ୪୬୬ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ବନ୍ୟା ଆଶ୍ରୟସ୍ଥଳୀ ଓ ଅନ୍ୟାନ୍ୟ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ଓ ବୁଧବାର ୨ ଦିନ ପାଇଁ ୧୪୦ଟି କେନ୍ଦ୍ରରେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଇ ପ୍ରାୟ ୨୦ ହଜାର ଲୋକଙ୍କୁ ବିତରଣ କରାଯାଇଛି। ଏହାସହିତ ପାଣି ଘେରରେ ଥିବା ବିପନ୍ନଙ୍କ ପାଖରେ ୯୩ କ୍ୱିଣ୍ଟାଲ ଚୁଡ଼ା ଏବଂ ୧୦ କ୍ୱିଣ୍ଟାଲ ଚିନି ଓ ଗୁଡ଼ ପହଞ୍ଚାଯାଇଛି। ବନ୍ୟା ଯୋଗୁ ଚାଷ କାର୍ଯ୍ୟ ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ବର୍ତ୍ତମାନ ସୁଦ୍ଧା ସଠିକ୍ ଆକଳନ କରାଯାଇନଥିଲେ ହେଁ ପ୍ରାଥମିକ ସୂଚନା ଅନୁସାରେ ୪୦ ହଜାର ହେକ୍ଟରରୁ ଅଧିକ ଚାଷ ଜମି ବନ୍ୟା ଜଳରେ ବୁଡ଼ି ରହିଛି। ବର୍ତ୍ତମାନ ତଳି ପକାଇବାର ସମୟ ହୋଇଥିବାରୁ ଅନେକ ସ୍ଥାନରେ ଧାନ ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ନେଇ ଆଶଙ୍କା ପ୍ରକାଶ ପାଇଛି। ବୈତରଣୀ ନଦୀର ବାମ ପାର୍ଶ୍ୱ ନଦୀବନ୍ଧକୁ ସୁରକ୍ଷିତ ରଖିବା ପାଇଁ ଜଳସମ୍ପଦ ବିଭାଗ ଓ ପୋଲିସର ମିଳିତ ଟିମ୍ ଅହୋରାତ୍ର ପାଟ୍ରୋଲିଂ ଜାରି ରଖିଛନ୍ତି। ଆନନ୍ଦପୁର ପଞ୍ଚାୟତର ବାବୁସାହି ନିକଟରେ ନଦୀବନ୍ଧ ଉପରେ ପାଣି ଚାଲୁଥିବା ଦେଖିବାକୁ ମିଳିଛି। ସେହିପରି ସୋହଡ଼ା ପଞ୍ଚାୟତର କ୍ଷେତ୍ରପୁର ନିକଟରେ ନଦୀବନ୍ଧ ବୁଡ଼ିବା ଅବସ୍ଥାକୁ ଚାଲିଆସିଛି। ସବୁଠାରୁ ଦୟନୀୟ ପରିସ୍ଥିତି ଖଡ଼ିପଦା ପଞ୍ଚାୟତର କାଞ୍ଜିଆପାଳ ଗାଁରେ ଦେଖାଦେଇଛି। ଗେଙ୍ଗୁଟି ନଦୀର ଗାଇଛନ୍ଦା, ମଠମାହାରା ଓ କନକେଇ ଏସ୍‌କେପ୍ ଦେଇ ବନ୍ୟାଜଳ ସିଧାସଳଖ ଗାଁ ଭିତରକୁ ପ୍ରବେଶ କରୁଛି। ସ୍ଥାନୀୟ ବିଧାୟକ ତଥା ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସକାଳୁ ଧାମନଗର ଓ ଧୁଷୁରୀ ଅଞ୍ଚଳର ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ପରିଦର୍ଶନ କରିଛନ୍ତି। ସକାଳେ ଧାମନଗର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସେ ଜିଲ୍ଲା ଓ ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିଲେ। ଜଳମଗ୍ନ ଅଞ୍ଚଳରେ ବିପନ୍ନଙ୍କୁ ତୁରନ୍ତ ରନ୍ଧାଖାଦ୍ୟ, ପିଇବା ପାଣି, ଚୁଡ଼ା, ମୁଢ଼ି, ବିସ୍କୁଟ, ଚିନି ଓ ଗୁଡ଼ ଯୋଗାଇଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଧାମନଗର ଅଞ୍ଚଳରେ ବନ୍ୟାଜଳ ସ୍ଥିର ଥିବାବେଳେ ଧୁଷୁରୀ ଅଞ୍ଚଳରେ ବୃଦ୍ଧି ପାଉଛି। ପତ୍ରୀସାହି, ସୂରଜପୁର, ହରିହଂସ, କାକୁଡ଼ିଗଡ଼ିଆ, ବାଲିଚତ୍ତୁରି ଓ ଅସୁରାଳି ପଞ୍ଚାୟତର ବିଭିନ୍ନ ଗାଁରେ ଲୋକଙ୍କ ଘର ଭିତରେ ପାଣି ପଶିଛି। ମନ୍ତ୍ରୀ ଶ୍ରୀ ସୂରଜ ନିଜେ କାକୁଡ଼ିଗଡ଼ିଆ ଠାରେ ପାଣିରେ ପଶି ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ଧାମନଗର ବ୍ଲକର ୧୪୦ଟି ସ୍ଥାନରେ ରନ୍ଧା ଖାଦ୍ୟର ବ୍ୟବସ୍ଥା କରାଯାଇଛି। ଜଳମଗ୍ନ ଗାଁଗୁଡ଼ିକରେ ବ୍ଲକ ପ୍ରଶାସନ ପକ୍ଷରୁ ରୋଷେଇ କରାଯାଇ ପ୍ରାୟ ୨୦ ହଜାର ଲୋକଙ୍କୁ ଖାଦ୍ୟ ପରଷା ଯାଇଛି। ଖଡ଼ିପଦା ପଞ୍ଚାୟତର ଦକ୍ଷିଣକୁରୁଆ, ମୁଥାନଗର, କାଞ୍ଜିଆପାଳ, କରଦାର ଖରାଖାଇ, ପଧାନି, ସୋହଡ଼ା, ଅର୍ଜ୍ଜୁନପୁର, ପାଳସାହି, ଅସୁରାଳି, ହସନାବାଦ, ଫଳପୁର ପ୍ରଭୃତି ଅଞ୍ଚଳରେ ରିଲିଫ୍ କେନ୍ଦ୍ର ଚାଲୁ ରହିବା ସହ ପିଇବା ପାଣି ବୋତଲ ଯୋଗାଇ ଦିଆଯାଉଛି। ମୁସ୍ତଫାପୁର ଘୋଡ଼ାଗଣ୍ଡ ଡିଅରେ ଆଶ୍ରୟ ନେଇଥିବା ଲୋକଙ୍କୁ ମନ୍ତ୍ରୀ ନିଜେ ରନ୍ଧା ଖାଦ୍ୟ ପରଷିଥିବା ଦେଖିବାକୁ ମିଳିଥିଲା। ଧାମନଗରର ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଉଦ୍ଧାର କାର୍ଯ୍ୟକୁ ବ୍ୟାପକ କରାଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ଲକରେ ୩ଟି NDRF ଓ ୩ଟି ODRAF ଟିମ୍ ମୁତୟନ କରାଯାଇଛି। ଧୁଷୁରୀ ଓ ଅସୁରାଳି ଅଞ୍ଚଳରେ ପାଣି ବଢୁଥିବାରୁ ସେଠାରେ ୨ଟି NDRF ଟିମ୍ ପ୍ରସ୍ତୁତ ରଖାଯାଇଛି। ଦୋବଲ ଜୋନ୍ ପାଇଁ ଧାମନଗରରେ ୧ଟି NDRF ଟିମ୍ ରଖାଯାଇଛି। ଦୋବଲ୍ ଜୋନ୍‌ର ୮ଟି ପଞ୍ଚାୟତ ପାଇଁ ଯାଜପୁର ଜିଲ୍ଲା ଦେଇ ୩ଟି ODRAF ଟିମ୍ ପଠାଯାଇ କ୍ଷେତ୍ରପୁର, ଗୌରାଙ୍ଗପୁର ଓ ପଧାନିରେ ମୁତୟନ କରାଯାଇଛି। ଧାମନଗର ଅଗ୍ନିଶମ ବାହିନୀକୁ ମଧ୍ୟ ସମ୍ପୂର୍ଣ୍ଣ ସକ୍ରିୟ କରାଯାଇଛି। ଇତିମଧ୍ୟରେ, କରଦା ପଞ୍ଚାୟତର ସୁଜାଣସିଂହପୁର, ମାଳସାହି ଓ ଖଡ଼ିପଦା ପଞ୍ଚାୟତର ସାପୁଆପାଟଣାରେ ପାଣି ଘେରରେ ଫସି ରହିଥିବା ବହୁ ଲୋକଙ୍କୁ ODRAF ଟିମ୍ ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କ ଘରେ ପହଞ୍ଚାଇଛି। ବନ୍ୟା ଯୋଗୁ ଧାମନଗର, ଧୁଷୁରୀ, ଦୋବଲ ଓ ଅସୁରାଳି ଜୋନର ଅନେକ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଗେଙ୍ଗୁଟି ନଦୀର ବନ୍ୟା ପାଣି ଦୋବଲ ଓ ମୁସ୍ତଫାପୁର ବଜାରରେ ପଶିଛି। ଘୋଡ଼ାଗଣ୍ଡ ନାଳ ନିକଟରେ ରାସ୍ତା ବୁଡ଼ିଯିବା ଫଳରେ ଧାମନଗରରୁ ଦୋବଲ, ଖଡ଼ିପଦା, ଆନନ୍ଦପୁର, ସୋହଡ଼ା ଏବଂ ଯାଜପୁର ଟାଉନ୍‌କୁ ଯୋଗାଯୋଗ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କାଞ୍ଜିଆପାଳର ୩ଟି ଏସ୍‌କେପ୍ ଦେଇ ପାଣି ପ୍ରବାହିତ ହେଉଥିବାରୁ ଖଡ଼ିପଦା-ଆନନ୍ଦପୁର, ଦୋବଲ-କ୍ଷେତ୍ରପୁର ଓ ବେଦପୁର-ସୋହଡ଼ା ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି। ଧାମନଗର-ଫଳପୁର ରାସ୍ତା ବୁଡ଼ିବାରୁ ଦଳାଙ୍ଗ ଓ ନଦୀଗାଁ ପଞ୍ଚାୟତ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇରହିଛି। କୋଠାରରୁ ଆରଡ଼ି ସଂଯୋଗ କରୁଥିବା ରାଜ୍ୟ ରାଜପଥ କୋଠାର ଛକ, ବାଲିଚତ୍ତୁରି, ସୂରଜପୁର, ବେତାଳିଗାଁ ଓ ପତ୍ରିସାହି ନିକଟରେ ବୁଡ଼ି ଯାଇଥିବାରୁ ଗ୍ରାମଗୁଡ଼ିକ ଜଳବନ୍ଦୀ ହୋଇପଡ଼ିଛନ୍ତି। ମଙ୍ଗଳପୁର-କଟସାହି ରାସ୍ତାରେ ମଧ୍ୟ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

## ଅରଟ୍ଟାଇ ବର୍ତ୍ତମାନ ହ୍ୱାଟସଆପ୍‌ଠୁ ଆଗରେ

ଦେଶରେ ମେସେଜିଂ ପ୍ଲାଟଫର୍ମ କ୍ଷେତ୍ରରେ ହ୍ୱାଟ୍ସଆପ୍ ସବୁଠାରୁ ଆଗରେ ଥିଲେ ମଧ୍ୟ, ଶ୍ରୀଧର ଭେମ୍ବୁଙ୍କ କମ୍ପାନୀ 'ଜୋହୋ' ର ସ୍ୱଦେଶୀ ମେସେଜିଂ ଆପ୍ 'ଅରଟ୍ଟାଇ' ଏଭଳି ଏକ କାମ କରିଛି ଯାହା ବିଷୟରେ ହ୍ୱାଟ୍ସଆପ୍ ଚିନ୍ତା ମଧ୍ୟ କରିପାରିନାହିଁ। ମେସେଜିଂ ଆପ୍‌ରେ ଆରମ୍ଭ ହୋଇଛି ବିପ୍ଳବ ! ଅରଟ୍ଟାଇରେ ଆରମ୍ଭ ହେଲା ଆଧାର ଭେରିଫିକେସନ୍। ଆପ୍ ପକ୍ଷରୁ ଡିଜିଟାଲ୍ ଠକେଇ ରୋକିବା ପାଇଁ ଆଧାର ଆପ୍ ଆଧାରିତ ଭେରିଫିକେସନ୍ ବା ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରାଯାଇଛି । ସରଳ ଭାଷାରେ କହିବାକୁ ଗଲେ, ଅରଟ୍ଟାଇ ଆପ୍ ୟୁଜର୍ସମାନେ ବର୍ତ୍ତମାନ କେବଳ ଭେରିଫାଇଡ୍ ଆକାଉଣ୍ଟଗୁଡ଼ିକଠାରୁ ମେସେଜ୍ ଗ୍ରହଣ କରିବାର ବିକଳ୍ପ ବାଛିପାରିବେ । ଯଦି ଆପଣ ଅରଟ୍ଟାଇ ବ୍ୟବହାର କରୁଛନ୍ତି ଏବଂ ଆପଣଙ୍କ ଆକାଉଣ୍ଟ ଭେରିଫାଇଡ୍ ନାହିଁ, ତେବେ ଆପଣ ସେହି ୟୁଜର୍ସମାନଙ୍କୁ ମେସେଜ୍ ପଠାଇ ପାରିବେ ନାହିଁ ଯେଉଁମାନେ କେବଳ ଭେରିଫାଇଡ୍ ୟୁଜର୍ସଙ୍କଠାରୁ ମେସେଜ୍ ପାଇବାକୁ ଚାହାଁନ୍ତି। ଏହି ନୂତନ ଫିଚର୍ ଆଣିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ସ୍ପାମ୍ ମେସେଜ୍‌ରୁ ରକ୍ଷା କରିବା । ଆକାଉଣ୍ଟ୍ ଭେରିଫାଇ କରିବା ପାଇଁ ୟୁଜର୍ସଙ୍କୁ ଆଧାର ଆପ୍‌ର ସାହାଯ୍ୟ ନେବାକୁ ପଡ଼ିବ । ଅରଟ୍ଟାଇରେ ଏହି ସୁବିଧା ଆଣ୍ଡ୍ରଏଡ୍ ଏବଂ ଆଇଓଏସ୍ ସହିତ ୱିଣ୍ଡୋଜ୍ ଏବଂ ମ୍ୟାକ୍ ୟୁଜର୍ସଙ୍କ ପାଇଁ ମଧ୍ୟ ଉପଲବ୍ଧ କରାଯାଇଛି। ୨୦୨୧ ମସିହାରେ ଲଞ୍ଚ ହୋଇଥିବା ଏହି ଆପ୍‌କୁ ସମ୍ପୂର୍ଣ୍ଣ ଭାବେ ଭାରତରେ ବିକଶିତ କରାଯାଇଛି । କୌଣସି ଡାଟା ଟ୍ରାକିଂ, ଟାର୍ଗେଟେଡ୍ ବିଜ୍ଞାପନ ବା ମନିଟରିଂ ବିନା ୟୁଜର୍ସଙ୍କୁ ଏକ ସୁରକ୍ଷିତ ଏବଂ ବିଶ୍ୱାସଯୋଗ୍ୟ ପ୍ଲାଟଫର୍ମ ପ୍ରଦାନ କରିବା ଏହି ଆପ୍‌ର ମୂଳ ଲକ୍ଷ୍ୟ । ଏହା ଜୋହୋର ଇନଫ୍ରାଷ୍ଟ୍ରକଚର ଉପରେ ନିର୍ମିତ ଭାରତୀୟ ଆପ୍। ହ୍ୱାଟ୍ସଆପ୍ ପରି ଚାଟ୍ ଏବଂ ଫାଇଲ୍ ଟ୍ରାନ୍ସଫର୍ କରିବାର ସୁବିଧା ରହିଛି । ହିନ୍ଦୀ, ଗୁଜୁରାଟୀ, ଓଡ଼ିଆ ଏବଂ ତାମିଲ ସମେତ ୧୦ଟି ଭାରତୀୟ ଭାଷାରେ ଏହା ଉପଲବ୍ଧ । ଅରଟ୍ଟାଇ ପ୍ରୋଫାଇଲ୍ କିପରି ଭେରିଫାଇ କରିବେ ? ପ୍ରଥମେ ପ୍ରୋଫାଇଲ୍ ସେଟିଂସକୁ ଯାଇ 'Get Verified' ବିକଳ୍ପ ବାଛନ୍ତୁ । ସେଠାରେ ଥିବା 'Verify with Aadhaar app' ବଟନ୍‌ରେ ଟାପ୍ କରନ୍ତୁ। ଯାଞ୍ଚ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ପ୍ରୋଫାଇଲ୍‌ରେ ଏକ ଗ୍ରୀନ୍ ବ୍ୟାଜ୍ ଦୃଶ୍ୟମାନ ହେବ । ଏହି ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଇଚ୍ଛାଧୀନ ଏବଂ ଆଧାରର କୌଣସି ମଧ୍ୟ ବିବରଣୀ ଅରଟ୍ଟାଇ ଦ୍ୱାରା କୌଣସି ସ୍ଥାନରେ ଷ୍ଟୋର୍ କରାଯାଏ ନାହିଁ । ଆପ୍‌ରେ ସାଧାରଣ ଭେରିଫାଇଡ୍ ଆକାଉଣ୍ଟ ପାଇଁ ବ୍ଲୁ ବ୍ୟାଜ୍ ଏବଂ ସରକାରୀ ଆକାଉଣ୍ଟ ପାଇଁ ଗ୍ରେ ବ୍ୟାଜ୍ ଦିଆଯାଉଛି । ଏହା ମେସେଜଗୁଡ଼ିକୁ ସମ୍ପୂର୍ଣ୍ଣ ସୁରକ୍ଷିତ ରଖିଥାଏ। ଗୁଗଲ୍ ଡ୍ରାଇଭ୍ ଏବଂ ଆଇକ୍ଲାଉଡ୍ ପାଇଁ ଏନକ୍ରିପଟେଡ୍ ବ୍ୟାକଅପ୍ ସୁବିଧା ମିଳିଥାଏ । ସାଧାରଣ ଗ୍ରୁପ୍‌ରେ ଯୋଗଦେବା ସମୟରେ ଅଜଣା ସଦସ୍ୟମାନଙ୍କଠାରୁ ୟୁଜର୍ସଙ୍କ ଫୋନ୍ ନମ୍ବର ଗୁପ୍ତ ରହିଥାଏ ।



## ନିଶାପ
### (ନିରପେକ୍ଷ ଶାସନ ପଦ୍ଧତି)
### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

**ଶ୍ରେଷ୍ଠ**

ଶ୍ରଦ୍ଧେୟ ଭକ୍ତବୃନ୍ଦ ଭଗବାନ ଯେତେବେଳେ ଭକ୍ତକୁ ହେଉ କି ଶିଷ୍ୟକୁ ହେଉ ଶ୍ରେଷ୍ଠରୁ ଶ୍ରେଷ୍ଠତର ସୋପାନକୁ ନେବାକୁ ଚାହାଁନ୍ତି ସେତେବେଳେ ଶିଷ୍ୟ ହେଉକି ଭକ୍ତ ହେଉ ତାକୁ ଗରିଷ୍ଠରୁ ଗରିଷ୍ଠତାର କଷ୍ଟକୁ ଭୋଗ କରିବାକୁ ପଡିଥାଏ । ଏହାହିଁ ଭକ୍ତ ଭଗବାନଙ୍କର ମିଳନକୁ ଦୃଢିଭୂତ କରିଥାଏ । ବିଶ୍ୱାସର ପ୍ରତ୍ୟେକ ନିଶ୍ୱାସକୁ ସେ ଅନୁଭବ କରିଥାଏ । ତାପରେ ଯାଇଁ ସେ ଆତ୍ମ ଉପଲବ୍ଧି ପାଇ ସମାଜର ଶ୍ରେଷ୍ଠତର ସୋପାନକୁ ଅଳଙ୍କୃତ କରି ଜନ ସମାଜକୁ ସୃଷ୍ଟିର ତତ୍ତ୍ୱ ପ୍ରଦାନ କରି ଈଶ୍ୱରଙ୍କ ପ୍ରତ୍ୟେକ ରେଣୁକୁ ପ୍ରତ୍ୟେକ ଅଣୁକୁ ଜନ ସମାଜରେ ନିଷ୍ଠାର ସହିତ ପ୍ରତିପାଦିତ କରି ବିଶ୍ୱାସର ଅମୃତକୁ ଜନ ସମାଜରେ ଦେଇ ଭଗବତ୍ ପ୍ରାପ୍ତିର କୌଶଳତାକୁ ରହସ୍ୟାବୃତ ନକରି ସରଳୀକରଣ କରିଥାଏ । ସେ ହିଁ ପ୍ରକୃତ ଭକ୍ତ ଅଥବା ପ୍ରକୃତ ଶିଷ୍ୟ । ତେଣୁ ହେ ଭକ୍ତ ଯିଏ ଶ୍ରେଷ୍ଠତାକୁ ହାଲକାରେ ବିଚାରକୁ ନିଏ । ସେ ହିଁ ଈଶ୍ୱରଙ୍କର ଘନିଷ୍ଠ । ସେହିଁ ଈଶ୍ୱରଙ୍କର ଆତ୍ମା ସେହିଁ ପରମାତ୍ମାଙ୍କ ବିଭୂତି । ସେ ହିଁ ସମାଜର ଆଧାର । ତେଣୁ ହେ ଭକ୍ତ ପ୍ରତ୍ୟେକ ଭକ୍ତର ଭକ୍ତି ହିଁ ଶ୍ରେଷ୍ଠତାର ସିଡି, ତେଣୁ ସମୟ ନଷ୍ଟ ନକରି ନିଜର ପରିଚୟ ସମାଜରେ ଆବୃତ କରିବା ହେଉଛି ଭକ୍ତର ଧର୍ମ ମାନବର ଧର୍ମ, ଶିଷ୍ୟର ଧର୍ମ, ନଚେତ୍ ସବୁ ବୃଥା । ହରି ଓଁ ।

# ପୃଥିବୀର ଦୀର୍ଘତମ ସେତୁ



ବିଷ୍ଣୁ ପ୍ରସାଦ ଦାସ
ସ୍ନେହ କୁଟୀର
ଝାଞ୍ଜିରୀ ମଙ୍ଗଳା,
କଟକ-୭୫୩୦୦୯
ମୋ : ୯୯୩୭୧୭୪୦୯୭

ସମ୍ପ୍ରତି ପ୍ରଯୁକ୍ତି ବିଦ୍ୟା ଏବଂ ବିଜ୍ଞାନକୁ ନେଇ ପୃଥିବୀ ବାସୀ ନିଜର ସୁଖ, ସୁବିଧା ପାଇଁ ଅନେକ କିଛି କରିବାକୁ ସକ୍ଷମ ହେବା ସହିତ ଅନେକ ଅସମ୍ଭବ କାର୍ଯ୍ୟକୁ ସମ୍ଭବ କରିବାରେ ସଫଳ ହୋଇ ପାରୁଛନ୍ତି। ବର୍ତ୍ତମାନ ପୃଥିବୀରେ ବୃହତ କୋଠାବାଡି, ପୋଲଠାରୁ ଆରମ୍ଭ କରି ପାହାଡ଼ ପର୍ବତ ଉପରେ ରାସ୍ତା ରେଳ ଲାଇନ୍ ବିଛାଇବା କ୍ଷେତ୍ରରେ ଚୀନ୍ ପୃଥିବୀର ଅଗ୍ରଣୀ ଦେଶ ଭାବେ ପରିଗଣିତ ହେଉଛି । ଉଦାହରଣ ସ୍ୱରୂପ ଯୁକ୍ତରାଜ୍ୟ ଆମେରିକା ଦ୍ୱାରା ବିଗତ ୧୦୦ ବର୍ଷରେ ବ୍ୟବହୃତ ହୋଇ ଥିବା ସିମେଣ୍ଟ କଂକ୍ରିଟ ତୁଳନାରେ ଚୀନ୍ ବିଗତ ତିନି ବର୍ଷ ମଧ୍ୟରେ ତା ଠାରୁ ଅଧିକ ଉପଯୋଗ କରି ସାରିଲାଣି । ଏଥିରୁ ଅନୁମେୟ ଚୀନ୍ ଦେଶ କେଉଁ ପରିମାଣରେ ଉନ୍ନତି ପଥରେ ଅଗ୍ରସର ହେଉଛି । ସଫଳତା ପାଇବା ପାଇଁ ଅନେକ କଷ୍ଟ ଏବଂ ଧୈର୍ଯ୍ୟ ଧରିବାକୁ ହୁଏ, ନିକଟ ଅତୀତରେ ନିଜ ଅନୁଭୂତି ତଥା ସେଠାରୁ ସଂଗୃହିତ କିଛି ତଥ୍ୟକୁ ଆଧାର କରି ଏକ ଅନନ୍ୟ ପ୍ରଯୁକ୍ତି ବିଦ୍ୟା ଉପରେ ନିର୍ମିତ ସେତୁ ବିଷୟରେ କିଛିଟା ଆଲୋକପାତ କରୁଛି।

ଏସିଆ ମହାଦେଶର ପୂର୍ବ ଆଡକୁ ହଂକଂ ଏବଂ ମକାଉ ସହର ଅବସ୍ଥିତ । ଏହା ବର୍ତ୍ତମାନ ଚୀନ୍ ଦେଶର ସ୍ୱତନ୍ତ୍ର ପ୍ରଶାସନ ଅଞ୍ଚଳ ରୂପେ ପରିଗଣିତ ହେଉଛି । ଛୋଟ ଛୋଟ ଦୁଇଟି ସ୍ୱତନ୍ତ୍ର ଦେଶ ନିଜର ସରକାର, ମୁଦ୍ରା, ଶାସନ କ୍ଷମତା, ଆର୍ଥିକ ସ୍ୱଚ୍ଛଳତା ତଥା ଆତ୍ମ ନିର୍ଭରଶୀଳ ହୋଇଥିଲେ ମଧ୍ୟ ସେମାନଙ୍କର ସାମରିକ ବାହିନୀ ନାହିଁ। ଚୁକ୍ତି ଅନୁଯାୟୀ ଚୀନ୍ ସରକାର ଦୁଇଟି ସ୍ୱତନ୍ତ୍ର ଦେଶ ପାଇଁ ସାମରିକ ବାହିନୀ ଯୋଗାଇ ଦେଇଛନ୍ତି । ବର୍ଷ ସାରା ପୃଥିବୀର ବିଭିନ୍ନ ପ୍ରାନ୍ତରରୁ ଲକ୍ଷାଧିକ ପର୍ଯ୍ୟଟକ ହଂକଂ ମକାଉ ଭ୍ରମଣ କରିବାକୁ ଆସୁଥିବାରୁ ପର୍ଯ୍ୟଟନ ମାନଚିତ୍ରରେ ଏହି ଦୁଇଟି କ୍ଷୁଦ୍ର ଦେଶର ଗୁରୁତ୍ୱ ବହୁତ ବେଶୀ। ସଡକ ପଥରେ ଦୁଇଟି ଦେଶର ଦୂରତ୍ୱ ପ୍ରାୟ ୬୪ କିଲୋମିଟର ଏବଂ ସମୁଦ୍ର ପଥରେ ପ୍ରାୟ ୫୦ କିଲୋମିଟର । ବର୍ତ୍ତମାନ ହଂକଂ -ମକାଉ -ଜୁହାଇ( ଚୀନ୍ ) ସମୁଦ୍ର ସେତୁ ଦ୍ୱାରା ସଂଯୁକ୍ତ ହୋଇ ଅଛି । ଏହି ସମୁଦ୍ର ସେତୁ ପୃଥିବୀର ଦୀର୍ଘତମ ସମୁଦ୍ର ସେତୁର ମାନ୍ୟତା ପାଇଛି । ଏହା ୫୫ କିଲୋମିଟର ଲମ୍ବା ଏବଂ ଏଥିରେ ପ୍ରାୟ ୬.୭ କିଲୋମିଟର ଦୈର୍ଘ୍ୟ ସମୁଦ୍ରର ୪୫ ମିଟର ନିମ୍ନରେ ସୁଡ଼ଙ୍ଗ ଦ୍ୱାରା ସଂଯୁକ୍ତ ହୋଇଛି । ଏହାଦ୍ୱାରା ହଂକଂ ମକାଉ ମଧ୍ୟରେ ଯାତାୟାତ ପାଇଁ ପ୍ରାୟ ୫୦/୫୫ ମିନିଟ୍ ସମୟ ଲାଗେ ଯାହାକି ପୂର୍ବରୁ ସଡକ ପଥରେ ପ୍ରାୟ ୬ ଘଣ୍ଟା ଲାଗୁଥିଲା। ପାର୍ଲ ନଦୀ ତ୍ରିକୋଣ ଭୂମି ସାଗର ଉପରେ ନିର୍ମିତ ଉକ୍ତ ମେଗା ଷ୍ଟ୍ରକଚର୍ ନିର୍ମାଣ କାର୍ଯ୍ୟ ୧୫ ଡିସେମ୍ବର ୨୦୦୯ ମସିହାରେ ଆରମ୍ଭ ହୋଇ ୦୬ ଫେବୃଆରୀ ୨୦୧୮ ମସିହାରେ ଶେଷ ହୋଇଥିଲା। ସର୍ବସାଧାରଣଙ୍କ ନିମନ୍ତେ ଏହାକୁ ୨୩ ଅକ୍ଟୋବର ୨୦୧୮ ମସିହାରେ ଲୋକାର୍ପଣ କରାଯାଇଥିଲା । ସେତୁ ନିର୍ମାଣ କାର୍ଯ୍ୟ ପାଇଁ ୧୮.୮ ବିଲିଅନ ଆମେରିକୀୟ ଡଲାର ଖର୍ଚ୍ଚ ହୋଇଥିଲା । ଏହା ଉପରେ ତିନୋଟି କରି ଯିବା ଆସିବା ପାଇଁ ୬ ଗୋଟି ଲେନ ବା ଧାଡି ରାସ୍ତା ରହିଅଛି। ପ୍ରତିଦିନ ଦଶ ରୁ ବାର ହଜାର ଗାଡି ଏହା ଉପର ଦେଇ ଯାତାୟାତ ସହିତ ଲକ୍ଷାଧିକ ଯାତ୍ରୀଙ୍କୁ ତାଙ୍କ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇ ପାରୁଛି ।

ତିନୋଟି ବିରାଟ ପିଲାର ବା ଖମ୍ବ ସହିତ ସଂଯୁକ୍ତ ଇସ୍ପାତ ତାର ଦ୍ୱାରା ଏହାର କିଛି ଅଂଶର ଉଚ୍ଚତା ବଢ଼ାଇ ଦିଆ ଯାଇଛି । ଫଳରେ ଏହାର ତଳ ବାଟେ ମଧ୍ୟମ ଧରଣର ପୋତ ଚଳା ଚଳ କରି ପାରୁଛି। ବଡ଼ ପୋତ/ ଜାହାଜ ଗୁଡିକ ଯାତାୟାତ ନିମନ୍ତ ଗଭୀର ଜଳ ଥିବା ସ୍ଥାନରେ ପ୍ରାୟ ୬.୭ କିଲୋମିଟର ବ୍ୟାପି ସମୁଦ୍ର ପତ୍ତନ ଠାରୁ ୪୫ ମିଟର ନିମ୍ନରେ ଟନେଲ୍ ବା ସୁଡ଼ଙ୍ଗ ଦ୍ୱାରା ରାସ୍ତାକୁ ନେଇ ପୁନର୍ବାର ସେତୁରେ ସଂଯୋଗ କରା ହୋଇଛି । ସମ୍ପୂର୍ଣ୍ଣ ସେତୁ ପାଇଁ ଚାରୋଟି କୃତ୍ରିମ ଦ୍ୱୀପ ମଧ୍ୟରୁ ସମୁଦ୍ର ତଳ ସୁଡ଼ଙ୍ଗ ପଥ ନିମନ୍ତେ ଦୁଇଟି କୃତ୍ରିମ ଦ୍ୱୀପ ତିଆରି କରି ଆଧୁନିକ ନିର୍ମାଣ କୌଶଳର ଅନନ୍ୟ ଉଦାହରଣ ସୃଷ୍ଟି କରିଛି ଚୀନ୍ ଦେଶ। ଇଞ୍ଜିନିଅର ମାନଙ୍କ ପାଇଁ ଏହି ସେତୁ ନିର୍ମାଣ ଏକ ପ୍ରକାର ଆହ୍ୱାନ ଥିଲା କହିଲେ ଅତ୍ୟୁକ୍ତି ହେବନାହିଁ । କାରଣ ଯେଉଁ ସ୍ଥାନରେ ଏହି ସେତୁ ନିର୍ମିତ ହୋଇଛି ସେଠାରେ ସମୟ ସମୟରେ ଅନେକ ସାମୁଦ୍ରିକ ତୋଫାନ ତଥା ଭୂକମ୍ପ ହୁଏ । ଇଞ୍ଜିନିଅର ମାନଙ୍କ କାର୍ଯ୍ୟ ନୈପୁଣତା ଦ୍ୱାରା ୦୮ ତୀବ୍ରତାର ଭୂକମ୍ପ ତଥା ଘଣ୍ଟା ପ୍ରତି ୩୪୦ କିଲୋମିଟର ବେଗରେ ପ୍ରବାହିତ ତୋଫାନକୁ ମୁକାବଲା କରି ପାରୁଥିବା ସେତୁ ପୃଥିବୀର ବିରଳ । ଇଞ୍ଜିନିଅର ମାନେ ଏହାର ସ୍ଥାୟୀତ୍ୱ ୧୨୦ ବର୍ଷ ଆକଳନ କରିଛନ୍ତି । ଏଥିରେ ୪ ଲକ୍ଷ ୨୦ ହଜାର ଟନ୍ ଇସ୍ପାତ , ୩ ଲକ୍ଷ ୨୦ ହଜାର ଟନ୍ ଇସ୍ପାତ ତାର , ୧୦ ଲକ୍ଷ ଟନ୍ ସିମେଣ୍ଟ ବ୍ୟବହୃତ ହୋଇଛି । ସମୁଦ୍ର ତଳେ ସୁଡ଼ଙ୍ଗ ସ୍ଥାପନ କରିବା ଇଞ୍ଜିନିଅର ମାନଙ୍କ ପକ୍ଷେ ଖୁବ୍ କଷ୍ଟସାଧ କାର୍ଯ୍ୟ ଥିଲା , ଦୁଇଟି କୃତ୍ରିମ ଦ୍ୱୀପ (ପୂର୍ବ ଦ୍ୱୀପ ହଂକଂ ପଟ ଏବଂ ପଶ୍ଚିମ ଦ୍ୱୀପ ମକାଉ ପଟ ) ନିର୍ମାଣ ତଥା ବିରାଟ କାୟ ଟ୍ୟୁବ୍ ଟନେଲକୁ ସମୁଦ୍ରର ଗଭୀରତମ ସ୍ଥାନରେ ସ୍ଥାପନ କରିବାକୁ ପୃଥିବୀର ସବୁଠାରୁ ବଡ଼ ଭାସମାନ କ୍ରେନ୍‌ର ଉପଯୋଗ ହୋଇଥିଲା । ବିରାଟକାୟ ସେତୁ ଦ୍ୱାରା ହଂକଂ ସହରରୁ ମକାଉ ୫୦/୫୫ ମିନିଟ ସମୟ ଲାଗୁ ଥିବା ସମୟରେ ଚୀନ୍ ଦେଶର ଜୁହାଇ, କୁଆଙ୍ଗ ଝୁ, ସେଙ୍ଗ ଜେନ୍ ସହର ମାତ୍ର ୩ ଘଣ୍ଟାର ସମୟ ଲାଗୁଛି । ଚୀନ୍ ଦେଶର ଅନ୍ୟାନ୍ୟ ସହର ଗୁଆନ ଜଉ, ଫୋସାନ୍, ଜୀଏଙ୍ଗ ମେନ୍ ଇତ୍ୟାଦି ସହରକୁ ଏହି ସେତୁ ଦ୍ୱାରା ଯୋଗାଯୋଗର ସୁବିଧା ହୋଇ ଯାଇଛି । ଦ୍ରୁତ ଗତିରେ ବଢି ଚାଲିଥିବା ହଂକଂ ବିଶ୍ୱରେ ଏକ ଜଣାଶୁଣା ବ୍ୟବସାୟିକ ସହର ଅତ୍ୟାଧୁନିକ ଜ୍ଞାନ କୌଶଳ ଦ୍ୱାରା ଏହାର ଗମନା ଗମନ ଠାରୁ ଆରମ୍ଭ କରି ଜୀବନଶୈଳୀ ପରିଚାଳିତ ହୁଏ। ଏହାର ନିର୍ମାଣ ଶୈଳୀ ଅତୀବ ମନୋରମ, ଗଗନ ଚୁମ୍ବୀ ଅଟ୍ଟାଳିକା ଗୁଡିକର ସଂଖ୍ୟା ଆମେରିକାର ନ୍ୟୁ ୟର୍କ ସହର ଠାରୁ ମଧ୍ୟ ଅଧିକ । ଅନେକ ପ୍ରାକୃତିକ ପରିବେଶ ସହିତ , ସାମୁଦ୍ରିକ ବନ୍ଦର ଗୁଡିକ ଖୁବ୍ ଉନ୍ନତ ତଥା ବିରାଟକାୟ ପୋତ ଗୁଡିକୁ ସମ୍ଭାଳିବାକୁ ସକ୍ଷମ ହୁଏ । ଟ୍ରାନ୍ସ ସୀପମେଣ୍ଟ ଦ୍ୱାରା ସାମୁଦ୍ରିକ ବନ୍ଦର ଗୁଡିକର ଅନେକ ଆୟ ସହିତ କଣ୍ଟେନର ସୁପରିଚାଳନା ପାଇଁ ଏହା ଅନ୍ତର୍ଜାତୀୟ ସ୍ତରରେ ପ୍ରସଂଶିତ ହୋଇ ଆସୁଛି । ପୃଥିବୀର ନାମୀ ଦାମୀ ସହର ଗୁଡିକ ମଧ୍ୟରେ ବ୍ୟୟ ବହୁଳ ସହର ହେଉଛି ହଂକଂ ସହର। ଶିକ୍ଷା ସ୍ୱାସ୍ଥ୍ୟ କ୍ଷେତ୍ରରେ ଏମାନେ ଅଗ୍ରଣୀ, ଲୋକଙ୍କ ଆୟ ମଧ୍ୟ ପ୍ରଚୁର, ଏପରିକି ଜଣେ ଟ୍ୟାକ୍ସି ଡ୍ରାଇଭରର ମାସିକ ଆୟ ୨ ରୁ ୩ ଲକ୍ଷ ଟଙ୍କା ହୋଇ ଥାଏ । ବେଶ୍ ସ୍ୱାଧୀନ ଚିନ୍ତା ଧାରା ସମ୍ପନ୍ନ ହଂକଂ ଏବଂ ମକାଉ ବାସୀ ଶାନ୍ତ ତଥା ନିଜ କାର୍ଯ୍ୟରେ ସର୍ବଦା ବ୍ୟସ୍ତ ଥାଆନ୍ତି । ଭାରତୀୟ ମାନଙ୍କ ପାଇଁ ହଂକଂ ଏବଂ ମକାଉ ପରିଦର୍ଶନ ନିମନ୍ତେ କୌଣସି ଭିସାର ଆବଶ୍ୟକତା ପଡ଼େ ନାହିଁ, କେବଳ ପି:ଏ:ଆର: ବା ପ୍ରି ଆରଆଇଭାଲ୍ ରେଜିଷ୍ଟ୍ରେସନ୍ ଦରକାର ଯାହାକି ସ୍ୱୟଂ ଘରେ ବସି ବିନା ଦେୟରେ ପ୍ରାପ୍ତ କରିହୁଏ ଏହାର ବୈଧତା ମାତ୍ର ୧୪ ଦିନ ପାଇଁ ଥାଏ । ନିଜେ ନ ଦେଖିଲେ ଏହାର ଅନୁଭୂତି ବର୍ଣ୍ଣନା କରିବା ସହଜ ନୁହେଁ , ଅତୀବ ଚମତ୍କାର ସେହି ଦୃଶ୍ୟ । ସେତୁ ଉପରେ ଯାତାୟାତ କରିବା ନିମନ୍ତେ ଗାଡି ଗୁଡିକୁ ଟୋଲ୍ ଟିକସ ଦେବାକୁ ହୁଏ ତା' ଛଡା ସବୁ ଗାଡି ଯିବାପାଇଁ ଅନୁମତି ନଥାଏ । ହଂକଂ, ମକାଉ ବା ଜୁହାଇ ଏହି ତିନୋଟି ସହରର ମଧ୍ୟରୁ ଯେ କୌଣସି ଦୁଇଟି ସହରର ଦ୍ୱୈତ୍ୟ ପଂଜିକୃତ ନମ୍ବର ପ୍ଲେଟ ଲାଗି ଥିବା ଗାଡି ଗୁଡିକ କେବଳ ସେହି ସେତୁ ଦେଇ ଯାଇ ପାରିବ । ସରକାରୀ ତଥା ନିଜସ୍ୱ ପ୍ରାଇଭେଟ୍ ବସ୍ ଗୁଡିକ ନିମନ୍ତେ ମଧ୍ୟ ଏକ ପ୍ରକାର ନିୟମ ପ୍ରଚଳିତ । ଦୁଇ /ତିନୋଟି ଦେଶକୁ ସଂଯୋଗ କରୁଥିବାରୁ ତିନୋଟି ଦେଶର ଇମିଗ୍ରେସନ୍ ତଥା କଷ୍ଟମ ଯାଞ୍ଚ ବ୍ୟବସ୍ଥା ମଧ୍ୟ ରହିଛି । ପୃଥିବୀର ସାତୋଟି ଆଶ୍ଚର୍ଯ୍ୟ କୁ ବାଦ୍ ଦେଲେ ହଂକଂ ମକାଉ ଜୁହାଇ ସେତୁ ନିର୍ମାଣ ଶୈଳୀ ତା'ର ନିଜସ୍ୱ ସ୍ଥାନ ନେଇ ପାରିଛି । ଇଞ୍ଜିନିଅରିଂ କୌଶଳ , ଇଚ୍ଛା ଶକ୍ତି , କଠୋର ପରିଶ୍ରମ , ସରକାରଙ୍କ ଦୃଢ଼ ନିଷ୍ପତ୍ତି, ଶୂନ୍ୟ ଦୁର୍ନୀତି , କଠୋର ଶାସନ ବ୍ୟବସ୍ଥା ଦ୍ୱାରା ଏହି ପରି ମେଗା ନିର୍ମାଣ କରିବାକୁ ଚୀନ୍ ସକ୍ଷମ ହୋଇ ପାରୁଛି। ତାଙ୍କ ଠାରୁ ଆମେ କଣ ଶିଖିବା, ନଶିଖିବା ବା ଦୁର୍ନୀତିରେ ବୁଡିରହି କମିଶନ୍ ଖାଇ ଦେଶକୁ ଦୁର୍ବଳ କରିବା ତାହା ଆମ ମାନସିକତା ଉପରେ ନିର୍ଭର କରେ, ଏହା ଉପରେ କୌଣସି ସକାରାତ୍ମକ ବା ନକାରାତ୍ମକ ଟିପ୍ପଣୀ ଦେବାର ଅଧିକାର ଲେଖକଙ୍କର ନାହିଁ । ଜୟ ହିନ୍ଦ ।

# ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ବୈଧ ଶ୍ରମିକ ପରିଚୟପତ୍ର ବାଧ୍ୟତାମୂଳକ ହେଉ



ସୌଜନ୍ୟ କୁମାର ପରିଡା
ବାରୁଅ, କେନ୍ଦ୍ରାପଡ଼ା
ମୋ-୮୨୪୯୯୪୩୨୪୭

କେନ୍ଦୁଝରର ବାଂଶପାଳ, ତେଲକୋଇ ଓ ହରିଚନ୍ଦନପୁର ଅଞ୍ଚଳର ଆଦିମ ଜନଜାତି ଜୁଆଙ୍ଗ ସମ୍ପ୍ରଦାୟର ଯୁବକ ଯୁବତୀମାନେ ଜୀବିକାର ସନ୍ଧାନରେ ଶହ ଶହ କିଲୋମିଟର ଦୂରକୁ ଯାଉଛନ୍ତି । ସେମାନଙ୍କ ହାତରେ ଥାଏ କେବଳ ଦୁଇମୁଠା ଅନ୍ନର ସ୍ୱପ୍ନ, ହୃଦୟରେ ପରିବାର ପାଇଁ କିଛି କରିବାର ଆଶା। କିନ୍ତୁ ଦୁର୍ଭାଗ୍ୟବଶତଃ ଅନେକଙ୍କ ପାଇଁ ସେହି ଯାତ୍ରା ଜୀବନର ଶେଷ ଯାତ୍ରା ପାଲଟିଯାଉଛି । କେହି ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି, କେହି ଅସୁସ୍ଥତାରେ ମୃତ୍ୟୁବରଣ କରୁଛନ୍ତି, ଆଉ କେହି ନିଖୋଜ ହୋଇ ଚିରଦିନ ପାଇଁ ଅନ୍ଧକାରରେ ହଜିଯାଉଛନ୍ତି । ପଛରେ ରହିଯାଉଛି କେବଳ କାନ୍ଦୁଥିବା ମା', ବିଧବା ପତ୍ନୀ, ଅନାଥ ସନ୍ତାନ ଓ ଭାଙ୍ଗିପଡ଼ିଥିବା ଏକ ପରିବାର।

ଏହି ଘଟଣାଗୁଡ଼ିକ କେବଳ ଖବରକାଗଜର ଶୀର୍ଷକ ନୁହେଁ। ଏଗୁଡ଼ିକ ଆମ ପ୍ରଶାସନିକ ବ୍ୟବସ୍ଥାର ଦୁର୍ବଳତା, ଶ୍ରମିକ ସୁରକ୍ଷା ବ୍ୟବସ୍ଥାର ଅପୂର୍ଣ୍ଣତା ଏବଂ ସମାଜର ସାମୂହିକ ବିଫଳତାର ନିରବ ସାକ୍ଷୀ।

ଦାଦନ ସମସ୍ୟା ଆଜିର ନୁହେଁ। ବର୍ଷ ବର୍ଷ ଧରି ଦାରିଦ୍ର୍ୟ, ବେକାରୀ ଓ ସ୍ଥାନୀୟ ସ୍ତରରେ କାମର ଅଭାବ ହଜାର ହଜାର ଶ୍ରମିକଙ୍କୁ ବାହାର ରାଜ୍ୟକୁ ଯିବାକୁ ବାଧ୍ୟ କରୁଛି। ତାମିଲନାଡୁ, କେରଳ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା, କର୍ଣ୍ଣାଟକ, ଗୁଜରାଟ ପରି ରାଜ୍ୟରେ ସେମାନେ କାମ କରୁଛନ୍ତି। କିନ୍ତୁ ସେମାନଙ୍କ ମଧ୍ୟରୁ ଅନେକଙ୍କ ପାଖରେ କୌଣସି ସରକାରୀ ପଞ୍ଜୀକରଣ ନାହିଁ, ଶ୍ରମିକ ପରିଚୟପତ୍ର ନାହିଁ, ବୀମା ନାହିଁ, ଆଇନଗତ ସୁରକ୍ଷା ନାହିଁ। ତେଣୁ ବିପଦ ଆସିଲେ ସେମାନେ ଆଇନର ନୁହେଁ, ଭାଗ୍ୟର ଭରସାରେ ରହିଯାଆନ୍ତି। ସବୁଠାରୁ ବଡ଼ ପ୍ରଶ୍ନ ହେଉଛି, ଜଣେ ଶ୍ରମିକର ମୃତ୍ୟୁ ପରେ ତାଙ୍କ ପରିବାରର ଭବିଷ୍ୟତ କିଏ ବହନ କରିବ? ଯେଉଁ ବ୍ୟକ୍ତି ପରିବାରର ଏକମାତ୍ର ରୋଜଗାରକ୍ଷମ ସଦସ୍ୟ ଥିଲେ, ତାଙ୍କ ଅନୁପସ୍ଥିତିରେ ସେହି ପରିବାର କେମିତି ବଞ୍ଚିବ? ଏହି ପ୍ରଶ୍ନର ଉତ୍ତର କେବଳ ସମବେଦନା ନୁହେଁ, ବରଂ ସୁଦୃଢ଼ ସାମାଜିକ ସୁରକ୍ଷା ବ୍ୟବସ୍ଥା।

ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କୁ ଏକ ଐତିହାସିକ ପଦକ୍ଷେପ ନେବାର ସମୟ ଆସିଛି। ରାଜ୍ୟର ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ବାଧ୍ୟତାମୂଳକ ବୈଧ ଶ୍ରମିକ ପରିଚୟପତ୍ର (Labour Card) ଓ ସମ୍ପୂର୍ଣ୍ଣ ଡିଜିଟାଲ ପଞ୍ଜୀକରଣ କରାଯିବା ଆବଶ୍ୟକ। ଏହା କେବଳ ଏକ କାର୍ଡ ନୁହେଁ, ଏହା ହେବ ଜଣେ ଶ୍ରମିକଙ୍କ ସୁରକ୍ଷା କବଚ। ଏକ ବୈଧ ଶ୍ରମିକ କାର୍ଡ ଥିଲେ ସରକାରଙ୍କ ପାଖରେ ସେହି ଶ୍ରମିକଙ୍କ ସମ୍ପୂର୍ଣ୍ଣ ତଥ୍ୟ ରହିବ। ସେ କେଉଁ ଜିଲ୍ଲାର, କେଉଁଠି କାମ କରୁଛନ୍ତି, କେଉଁ ଠିକାଦାରଙ୍କ ଅଧୀନରେ କାମ କରୁଛନ୍ତି, ତାଙ୍କ ପରିବାରର ସଦସ୍ୟ କିଏ, ଜରୁରୀ ସମୟରେ କାହାକୁ ଯୋଗାଯୋଗ କରିବା ଦରକାର, ସମସ୍ତ ସୂଚନା ଉପଲବ୍ଧ ରହିବ। ଫଳରେ ଦୁର୍ଘଟଣା କିମ୍ବା ମୃତ୍ୟୁ ଘଟିଲେ ତୁରନ୍ତ ପରିବାରକୁ ସୂଚନା ମିଳିପାରିବ ଓ ସହାୟତା ପହଞ୍ଚିପାରିବ। ଏହି ଶ୍ରମିକ କାର୍ଡ ସହ ସ୍ୱୟଂଚାଳିତ ଭାବେ ଦୁର୍ଘଟଣା ବୀମା, ଜୀବନ ବୀମା, ସ୍ୱାସ୍ଥ୍ୟ ବୀମା, ପିଲାମାନଙ୍କ ଶିକ୍ଷା ସହାୟତା, ମୃତ୍ୟୁକାଳୀନ ଆର୍ଥିକ ଅନୁଦାନ, ଅସ୍ଥାୟୀ ଭତ୍ତା, ବୃଦ୍ଧାବସ୍ଥା ପେନସନ ଓ ଅନ୍ୟାନ୍ୟ କଲ୍ୟାଣମୂଳକ ଯୋଜନାକୁ ସଂଯୋଗ କରାଯିବା ଉଚିତ। ଯଦି ଜଣେ ଶ୍ରମିକ କାମ କରୁଥିବା ସମୟରେ ମୃତ୍ୟୁବରଣ କରନ୍ତି, ତେବେ ତାଙ୍କ ପରିବାରକୁ ବିନା ବିଳମ୍ବରେ ଆର୍ଥିକ ସହାୟତା ମିଳିବା ଦରକାର।

ଆଜି ବହୁ ପରିବାର ଏହି ସହାୟତାରୁ ବଞ୍ଚିତ ହେଉଛନ୍ତି କାରଣ ମୃତ ବ୍ୟକ୍ତିଙ୍କ ଶ୍ରମିକ ଭାବେ କୌଣସି ସରକାରୀ ପରିଚୟ ନାହିଁ। ପ୍ରମାଣ ଅଭାବରୁ ମାସ ମାସ ଧରି କାର୍ଯ୍ୟାଳୟ ଦୌଡ଼ିବାକୁ ପଡୁଛି। କେହି ସହାୟତା ପାଉଛନ୍ତି, କେହି ପାଉନାହାନ୍ତି। ଏହା ସହିତ ଦଲାଲ ପ୍ରଥା ଉପରେ କଡ଼ା ନିୟନ୍ତ୍ରଣ ଆଣିବା ଆବଶ୍ୟକ। ବିନା ଲାଇସେନ୍ସରେ କୌଣସି ବ୍ୟକ୍ତି ଶ୍ରମିକ ନେଇ ବାହାର ରାଜ୍ୟକୁ ଯାଇପାରିବେ ନାହିଁ। ପ୍ରତ୍ୟେକ ଶ୍ରମିକଙ୍କ ଯାତ୍ରା ପୂର୍ବରୁ ଅନଲାଇନ ପଞ୍ଜୀକରଣ, ଚୁକ୍ତିପତ୍ର, ମଜୁରୀର ବିବରଣୀ, କାର୍ଯ୍ୟସ୍ଥଳର ଠିକଣା ଏବଂ ନିଯୁକ୍ତିଦାତାଙ୍କ ସୂଚନା ଶ୍ରମ ବିଭାଗ ପାଖରେ ରହିବା ଉଚିତ। ଗ୍ରାମ ପଞ୍ଚାୟତ, ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ, ୱାର୍ଡ ସଦସ୍ୟ ଓ ସ୍ୱେଚ୍ଛାସେବୀ ସଂଗଠନଙ୍କୁ ଏହି ଅଭିଯାନରେ ସାମିଲ କରାଯିବା ଆବଶ୍ୟକ। ପ୍ରତ୍ୟେକ ଗାଁରେ କେତେ ଶ୍ରମିକ ବାହାର ରାଜ୍ୟକୁ ଯାଉଛନ୍ତି ତାହାର ଏକ ଅଦ୍ୟତନ ତାଲିକା ରହିବା ଦରକାର। ଶ୍ରମ ବିଭାଗର ଅଧିକାରୀମାନେ କେବଳ କାର୍ଯ୍ୟାଳୟରେ ବସି କାଗଜପତ୍ର ଦେଖିଲେ ଚାଲିବ ନାହିଁ। ସେମାନଙ୍କୁ ନିୟମିତ ଭାବେ ଗାଁକୁ ଯାଇ ଲୋକଙ୍କ ସହ ମିଶିବାକୁ ପଡ଼ିବ। ସଚେତନତା ଶିବିର କରିବାକୁ ପଡ଼ିବ। ଶ୍ରମିକଙ୍କୁ ତାଙ୍କ ଅଧିକାର ବିଷୟରେ ବୁଝାଇବାକୁ ପଡ଼ିବ। କାରଣ ଆଇନ ବିଷୟରେ ଜ୍ଞାନ ନଥିଲେ ଅଧିକାର କେବଳ କାଗଜରେ ସୀମିତ ରହିଯାଏ। ସରକାରଙ୍କ ପାଇଁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାମ ହେଉଛି ସ୍ଥାନୀୟ ସ୍ତରରେ ରୋଜଗାର ସୁଯୋଗ ବଢ଼ାଇବା। ଯଦି ଗାଁରେ ପର୍ଯ୍ୟାପ୍ତ କାମ, ଶିଳ୍ପ, କ୍ଷୁଦ୍ର ଉଦ୍ୟୋଗ ଓ ଜୀବିକାର ସୁଯୋଗ ସୃଷ୍ଟି ହେବ, ତେବେ ଦାଦନ ପ୍ରଥା ସ୍ୱାଭାବିକ ଭାବେ କମିଯିବ। ଏକ ସଭ୍ୟ ସମାଜର ପରିଚୟ କେବଳ ବଡ଼ ବଡ଼ କୋଠା, ଚଉଡ଼ା ରାସ୍ତା କିମ୍ବା ଉଚ୍ଚ ଅଟ୍ଟାଳିକା ନୁହେଁ। ସେହି ସମାଜରେ ସବୁଠାରୁ ଦୁର୍ବଳ ଲୋକଟି କେତେ ସୁରକ୍ଷିତ, ତାହା ହିଁ ପ୍ରକୃତ ବିକାଶର ମାପକାଠି। ଦିନେ ଦିନେ ଆମେ ବିକାଶର କଥା କହୁଛୁ। କିନ୍ତୁ ଯଦି ଜଣେ ଶ୍ରମିକଙ୍କ ମୃତ୍ୟୁ ପରେ ତାଙ୍କ ପରିବାର ଭୋକରେ ଦିନ କାଟେ, ପିଲା ପାଠ ପଢ଼ା ଛାଡ଼ିଦିଏ, ବୃଦ୍ଧ ମାତାପିତା ଔଷଧ ନ ପାଇ କଷ୍ଟ ପାଆନ୍ତି, ତେବେ ସେହି ବିକାଶର ଅର୍ଥ କ'ଣ? ଜଣେ ଶ୍ରମିକ କେବଳ ଶ୍ରମ ବିକ୍ରି କରୁନାହାନ୍ତି। ସେ ନିଜ ପରିବାରର ସ୍ୱପ୍ନ, ସନ୍ତାନର ଭବିଷ୍ୟତ ଓ ସମାଜର ଅର୍ଥନୀତିକୁ ବହନ କରୁଛନ୍ତି। ସେଥିପାଇଁ ତାଙ୍କ ସୁରକ୍ଷା କେବଳ ସରକାରର ନୁହେଁ, ଆମ ସମସ୍ତଙ୍କ ନୈତିକ ଦାୟିତ୍ୱ।

ଆଜି ସମୟ ଆସିଛି କେବଳ ଦୁଃଖ ପ୍ରକାଶ କରିବାର ନୁହେଁ, ବରଂ ସ୍ଥାୟୀ ସମାଧାନ ଆଣିବାର। ଓଡ଼ିଶାର ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ବୈଧ ଶ୍ରମିକ କାର୍ଡ, ବାଧ୍ୟତାମୂଳକ ପଞ୍ଜୀକରଣ, ଦୁର୍ଘଟଣା ବୀମା, ପରିବାର ସୁରକ୍ଷା ଓ ଦ୍ରୁତ କ୍ଷତିପୂରଣ ବ୍ୟବସ୍ଥାକୁ ଆଇନଗତ ଭାବେ ସୁନିଶ୍ଚିତ କରିବା ଆବଶ୍ୟକ। କୌଣସି ମା' ତାଙ୍କ ପୁଅର ମୃତଦେହକୁ ଚିହ୍ନିବା ପାଇଁ ମାସ ମାସ ଅପେକ୍ଷା ନ କରନ୍ତୁ। କୌଣସି ସ୍ତ୍ରୀ ସ୍ୱାମୀଙ୍କ ମୃତ୍ୟୁ ପରେ ସରକାରୀ ସହାୟତା ପାଇଁ କାର୍ଯ୍ୟାଳୟ ଦୁଆରେ ଘୁରିବାକୁ ବାଧ୍ୟ ନ ହୁଅନ୍ତୁ। କୌଣସି ଶିଶୁ କେବଳ ବାପାଙ୍କ ପରିଚୟପତ୍ର ନ ଥିବାରୁ ଶିକ୍ଷାରୁ ବଞ୍ଚିତ ନ ହେଉ। ପ୍ରତ୍ୟେକ ଶ୍ରମିକଙ୍କ ହାତରେ ଏକ ବୈଧ ଶ୍ରମିକ କାର୍ଡ ଥାଉ। କାରଣ ସେହି କାର୍ଡ କେବଳ ଏକ ପରିଚୟପତ୍ର ନୁହେଁ, ଏହା ଏକ ପରିବାରର ଭବିଷ୍ୟତ, ଏକ ଶିଶୁର ସ୍ୱପ୍ନ ଏବଂ ଜଣେ ଶ୍ରମିକଙ୍କ ସମ୍ମାନ ଓ ସୁରକ୍ଷାର ଜୀବନରେଖା।

# ଭୀଷଣ ବର୍ଷାରେ ବି ଲୋକେ ଅଫିସ ଯାଆନ୍ତି କାହିଁକି ?

ମୃଣାଳ ମନ୍ତ୍ର



ମୃଣାଳ
ମୋ : ୯୧ ୯୪୩୭୦ ୨୬୧୯୪

ସକାଳଠୁ ଏମିତି ମୁଷଳ ଧାରାରେ ବର୍ଷା ହେଉଛି, ଯେମିତି ଇନ୍ଦ୍ରଦେବ ପାଣି ଟ୍ୟାପ ଖୋଲି ବନ୍ଦ କରିବା ଭୁଲିଯାଇଛନ୍ତି । ଘର ବାହାରେ ରାସ୍ତା ନଦୀ ପାଲଟି ଗଲାଣି, ଆଉ ଘର ଭିତରେ ଉଷୁମ ବିଛଣା ଛାଡ଼ିବାକୁ ମନ ମାନୁନି । ଏମିତି ଦିନରେ 'ଆଜି ଅଫିସ ଯିବାକୁ ପଡ଼ିବ' ବୋଲି ଶୁଣିଲେ ଅନେକଙ୍କୁ ସର୍ଦ୍ଦି-ଜ୍ୱର ଆସିଯାଏ। ତଥାପି ଦେଖନ୍ତୁ, ଅଧିକାଂଶ ଲୋକ ଅଫିସ ପହଞ୍ଚିଛନ୍ତି । ଏମିତି ବର୍ଷାରେ ଏତେ ଲୋକ କାହିଁକି ଅଫିସ ଆସିଛନ୍ତି ? ସମ୍ଭାବ୍ୟ କାରଣ ଗୁଡିକ ହେଲା ...

୧. ଆଜି ଅଫିସ କ୍ୟାଣ୍ଟିନରେ ଖିଚୁଡ଼ି ସାଙ୍ଗକୁ ଇଲିଶି ଭଜା, ମାଛ ବେସର କିମ୍ବା ଚିକେନ୍ କସା। ଏମିତି ମେନୁ ପାଇଁ ଅଣ୍ଟାଏ ପାଣି ହେଉ କି ଡଙ୍ଗାରେ ଆସିବାକୁ ପଡୁ —ଅଫିସ ତ ଯିବାକୁ ପଡ଼ିବ!

୨. ବିଶ୍ୱକପ୍ ଫାଇନାଲ ପରଠୁ ଆର୍ଜେଣ୍ଟିନା ସପୋର୍ଟରଙ୍କ କୋହ ଆଉ ଲୁହ ଦେଖି ଦେଖି ବୋର ହୋଇଗଲିଣି । ଆଜି ଏ ଭୀଷଣ ବର୍ଷାରେ ସେଇ ଜାତୀୟ ପ୍ରାଣୀମାନେ ନିଶ୍ଚୟ ଘରେ ବସି ଲୁହ ଗଡଉଥିବେ ... ।

୩. ଘରେ ସିଗାରେଟ୍ ପିଇଲେ ଘରଣୀଙ୍କ ମୁହଁ ଘଡ଼ଘଡ଼ିଠୁ ବେଶି ଗର୍ଜି ଉଠେ। ଅଫିସ ପଛପଟ ବାଲକୋନିରେ ଅନ୍ତତଃ ଶାନ୍ତିରେ 'ଗୋଟିଏ ସିଗାରେଟ ପିଇ ହେବ।

୪. ଅଫିସର ଚା ମାଗଣା। ଏମିତି ପାଗରେ ଘଣ୍ଟାକୁ ଘଣ୍ଟା ଗରମ ଚା ପିଇବା ର ସୁଖ ଆଉ କେଉଁଠି? ତା' ସହିତ ଦୁଇଟା ବିସ୍କୁଟ୍ ମିଳିଗଲେ ବାଃ! ସ୍ୱର୍ଗ ଆଉ ଚାଖଣ୍ଡେ ବାଟ !

୫. ବସ୍‌ଙ୍କୁ ଦେଖାଇବାକୁ ପଡ଼ିବ ଯେ ଆପଣ କେତେ କର୍ମଠ। ବର୍ଷା, ବନ୍ୟା, ବାତ୍ୟା—କିଛି ବି ଆପଣଙ୍କୁ କର୍ତ୍ତବ୍ୟସ୍ଥଳରେ ପହଞ୍ଚିବାରୁ ଅଟକାଇ ପାରିବ ନାହିଁ।

୬. ଘରେ ପତ୍ନୀ ଏମିତି ପାଗରେ ଦିନସାରା ଶାଶୁବୋହୂ ସିରିଆଲ ଦେଖିବେ । ଘରେ ରହିଲେ ଶାନ୍ତି ନାହିଁ। ଅଫିସ ହିଁ ସୁରକ୍ଷିତ।

୭. ସନ୍ଧ୍ୟାରେ କଫି ପିଇବାକୁ ଯିବାର ପ୍ଲାନ୍ ଅଛି। ତେଣୁ ଘରେ ବସି ରହିଲେ ଚଳିବ ନାହିଁ। ଅଫିସ ଯାଇ ସିଧା ସେଠାରୁ ବାହାରିବାକୁ ପଡ଼ିବ।

୮. ଡାକ୍ତର ପକୋଡ଼ା, ଚିକେନ୍ ପକୋଡ଼ା, ବିରିୟାନି, ଚିଲି ଚିକେନ୍ ସବୁ ମନା କରିଛନ୍ତି। କିନ୍ତୁ ଅଫିସ ପାଖ ଦୋକାନରେ ସାଙ୍ଗମାନଙ୍କ ସହିତ ସେସବୁ ଖାଇବାର ମଜା ଅଲଗା। ଆଜି ପୁଣି ପାଗଟା ସେମିତି ...

୯. ଭାରତୀୟମାନେ ଏବେ କର୍ତ୍ତବ୍ୟପରାୟଣ ହୋଇ ଉଠିଛନ୍ତି। ନିଜ କାମ ସେମାନେ ଏବେ ଖୁବ ନିଷ୍ଠାପର ଭାବେ କରୁଛନ୍ତି । ବର୍ଷା ହେଉ କି ବାତ୍ୟା - ଅଫିସ ନ ଯାଇ ଘରେ ରହିବ କଥା ସେମାନେ ଆଉ କଳ୍ପନା କରି ପାରୁନାହାନ୍ତି ।

୧୦. ଆଉ ଶେଷ କାରଣ... ଦରମା! ମାସ ଶେଷରେ ଘରର ବିଦ୍ୟୁତ ବିଲ୍, ଗ୍ୟାସ ବିଲ୍, ମୋବାଇଲ୍ ରିଚାର୍ଜ, ପିଲାର ସ୍କୁଲ ଫି, —ସବୁ ଅପେକ୍ଷା କରି ବସିଛି । ତେଣୁ ବର୍ଷା ଯେତେ ହେଉ, ଅଫିସ ଯିବା ହିଁ ଶ୍ରେୟ।

ଦିନ ଶେଷରେ ଗୋଟିଏ କଥା ସତ— ବର୍ଷା ରୋମାଣ୍ଟିକ୍ ହୋଇପାରେ, ବିଛଣା ଆରାମଦାୟକ ହୋଇପାରେ, କିନ୍ତୁ ମାସ ଶେଷର ଦରମାଟି ସବୁଠୁ ସୁନ୍ଦର!

# ଗପ ହେଲେ ବି ସତ



ଶ୍ୟାମସୁନ୍ଦର ଅଗ୍ରୱାଲା
୯୭, ଜନପଥ, ଭୁବନେଶ୍ୱର
ମୋ-୯୪୩୭୦୬୭୫୬୭

ସଂପର୍କ ମଧୁର ରଖିବା ପାଇଁ ବେଳେ ବେଳେ ଜୀବନରେ ଅଭିନୟ କରିବାକୁ ପଡ଼ିଥାଏ । ସ୍ୱାମୀ ସ୍ତ୍ରୀ ପରସ୍ପରକୁ ଖୁବ ଭଲ ପାଉଥିଲେ । ସ୍ତ୍ରୀ ଦେଖିବାକୁ ଅତ୍ୟନ୍ତ ସୁନ୍ଦରୀ ଥିଲେ । ଥରେ ଗୋଟିଏ ଦୁର୍ଘଟଣାରେ ସ୍ତ୍ରୀ ର ମୁହଁ ବିକୃତ ହୋଇ ପଡ଼ିବାରୁ ସେ ଭାଙ୍ଗି ପଡ଼ିଲେ ଓ ସ୍ୱାମୀ ଆଉ ଆଗ ଭଳି ତାଙ୍କୁ ଭଲ ପାଇବେନି ବୋଲି ଭାବି ନିଜେ ସ୍ୱାମୀଙ୍କ ଠାରୁ ଦୂରେଇ ରହିବାକୁ ଲାଗିଲେ। ଭାଗ୍ୟ ଦେଖନ୍ତୁ । ଅନ୍ୟ ଗୋଟିଏ ଘଟଣାଚକ୍ରରେ ସ୍ୱାମୀଙ୍କର ଦୃଷ୍ଟି ଶକ୍ତି ନଷ୍ଟ ହୋଇଗଲା । ଭଗବାନ ନିର୍ଦ୍ଦୟ । ସ୍ତ୍ରୀର ସୌନ୍ଦର୍ଯ୍ୟ ଚାଲିଗଲା ଓ ସ୍ୱାମୀଙ୍କର ଦୃଷ୍ଟିଶକ୍ତି ଚାଲିଗଲା । ଦୁହେଁ ଅସହାୟ ହୋଇ ପଡ଼ିଲେ । କିଛି ବର୍ଷ ପରେ ସ୍ତ୍ରୀଙ୍କର ଦେହାନ୍ତ ହୋଇଗଲା । ସ୍ୱାମୀ ଏକା ହୋଇଗଲେ । ଜଣେ ବନ୍ଧୁ ଆସି ସ୍ୱାମୀଙ୍କୁ ସମବେଦନା ଜଣେଇ କହିଲେ, "ତୁମେ ଅନେକ ଦିନରୁ ତୁମର ଦୃଷ୍ଟିଶକ୍ତି ହରେଇ ବସିଛ ଆଉ ତୁମର ପତ୍ନୀ ଯିଏ ତୁମର ଅଶାବାଡ଼ି ଥିଲେ ସିଏ ବି ଚାଲିଗଲେ । ଏବେ ତୁମେ କ'ଣ କରିବ?" ସ୍ୱାମୀ କହିଲେ – "ବନ୍ଧୁ, ମୁଁ ଦୃଷ୍ଟିଶକ୍ତି ହରେଇ ନାହିଁ । ମୁଁ ଦୃଷ୍ଟିଶକ୍ତି ହରେଇବାର କେବଳ ଅଭିନୟ ମାତ୍ର କରୁଥିଲି । ମୋ' ସ୍ତ୍ରୀ ତାହାର ଦୁର୍ଘଟଣା ପରେ ନିଜ ବିକୃତ ଚେହେରାକୁ ଦେଖି ଏମିତି ଭାଙ୍ଗିପଡ଼ିଥିଲା ଯେ ସେ ମୋ ସାମନାକୁ ଆସିବାକୁ ଘୃଣା କରୁଥିଲା ତେଣୁ ମୁଁ ଏପରି ଅଭିନୟ କରିବାକୁ ବାଧ୍ୟ ହୋଇଥିଲି ।" ଏ କଥା ସତ ଯେ ସଂପର୍କକୁ ମଧୁର ରଖିବା ନିମନ୍ତେ ମିଛ ହେଉ ପଛେ ଏମିତି ଅଭିନୟ କରିବାକୁ ପଡ଼ିଥାଏ ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** **E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022**
ସମ୍ପାଦକ : **ଜୟାଶୀଷ ରାୟ**

# ସ୍ୱତନ୍ତ୍ର କୋଠରୀ

**ଶିବାଶିଷ ପାଢ଼ୀ**

ବାର ବାଇ ଦଶର କୋଠରୀ। ତାସହ ଛୋଟ କୁଲରଟିଏ। ବହିପତ୍ର ରଖିବା ପାଇଁ ଏକ ସିମେଣ୍ଟ ଥାକ। ଗୋଟିଏ ଖଟ ପାଇଁ ଯଥେଷ୍ଟ ସ୍ଥାନ। ଏକ ସୋଫା ସେଟ ଏବଂ ଗୋଟିଏ ଟେବୁଲ। କୋଠରୀରେ ଦୁଇଟି କବାଟ। ଗୋଟିଏ ଆଗ ପଟେ ଖୋଲୁଥିବା ବେଳେ ଆଉ ଗୋଟିଏ ପଛପଟେ। ସେ ପଛପଟ ବାଟକୁ ଲାଗି ଏକ ଲମ୍ବା ବାରଣ୍ଡା। ଜଣଙ୍କ ପାଇଁ କିଛି ଅସୁବିଧା ନଥିଲା। ଉପରକୁ ତ ଏମିତି ହିଁ ଜଣା ପଡୁଥିଲା କିନ୍ତୁ ଅସଲ ଅସୁବିଧା ଅନ୍ୟ ସ୍ଥାନରେ ଥିଲା। ସେଇଟା ହେଲା କୋଠରୀରେ ସଂଲଗ୍ନ ବାଥରୁମ ନଥିଲା। ତାପାଇଁ ଯିବାକୁ ପଡୁଥିଲା ବାଡ଼ିପଟକୁ। ବେଶି ଦୂର ନୁହେଁ ମାତ୍ର କିଛି ମିଟର। ହେଲେ ଅସଲ ଅସୁବିଧା ହେଲା ବାରଣ୍ଡାର ପାହାଚସବୁ। ଏଇ ଉତ୍ତର ବୟସର ରୋଗାକ୍ରାନ୍ତ ଶରୀର ଥରି ଉଠୁଥିଲା ସେଠାରେ। ଭାରସାମ୍ୟ ରଖିବା ମୁସ୍କିଲ ହୋଇ ପଡୁଥିଲା। ସେ ଦୁଃଖଠୁଁ ବଳି ଯାଉଥିଲା କମ ଉଚ୍ଚତାରେ ଥିବା ଛାତ। ପ୍ରବଳ ଗରମ ଲାଗୁଥିଲା। ପ୍ରାୟ ଦୁଇ ମାସ ଘରୋଇ ଡାକ୍ତରଖାନା ଖଟରେ ପଡିବାପରେ ଡାକ୍ତର କହିଥିଲେ ବାପାଙ୍କୁ ଡାକ୍ତରଖାନାରୁ ଘରକୁ ନେଇଯିବା ପାଇଁ। ଡାକ୍ତର କହିଥିଲେ - ଘରକୁ ନେଇ ପାରିବେ କିନ୍ତୁ ତାଙ୍କ ପାଇଁ ସ୍ୱତନ୍ତ୍ରଭାବେ ରହିବାର ବ୍ୟବସ୍ଥା କରିବେ। ଧୂଳିମଳି, ବାହାର ଲୋକଙ୍କ ଠାରୁ ଦୁରେଇ ରଖିବେ ତାସହ ସ୍ୱତନ୍ତ୍ର ଭାବେ ଆଲୁଅ ଏବଂ ମୁକ୍ତବାୟୁ ଚଳାଚଳ ପ୍ରତି ଦୃଷ୍ଟିଦେବେ। ନହେଲେ ଯଦି ପୁଣି ସଂକ୍ରମଣ ହୁଏ ତେବେ ବହୁତ ଅସୁବିଧା ହୋଇଯିବ। ଘରୋଇ ଡାକ୍ତରଖାନାର ଖର୍ଚ୍ଚରେ ପ୍ରାୟ ଶୂନକୁ ଚାଲିଆସିଥିଲେ ଅବକାଶବାବୁ ହେଲେ ବାପାଙ୍କ ଚେହେରା ଦେଖିଦେଲେ ଭୁଲିଯାଉଥିଲେ ସେସବୁ। ବାପା ଯେ ଏଡ଼େ ବଡ଼ ରୋଗରୁ ବଂଚିଗଲେ ସେଇଟା ବଡ଼କଥା ଥିଲା। ସବୁ ମାଟି ଖପରାର ଘର ଥିଲା ଆଉ ସେଥିରେ ପୁଣି ମାଟି ଚଟାଣ। ସେ ଘରେ ସୁରକ୍ଷିତ ରହିପାରିବେ ନାହିଁ ବାପା। କଣ କରାଯିବ? ଚିନ୍ତା କରିଥିଲେ ସେ।ପୁଣି କିଛି ଟଙ୍କା ଯୋଗାଡ଼ଯନ୍ତ୍ର କରି ତଥା ଧାରଉଧାରକରି ସେତେବେଳେ ବାପାଙ୍କ ପାଇଁ ତିଆରି କରିଥିଲେ ଏ ସ୍ୱତନ୍ତ୍ର କୋଠରୀ। ବାପା ପ୍ରାୟ ଦୁଇବର୍ଷ ରହିଥିଲେ ସେଇ କୋଠାରୀରେ। ହେଲେ କେବେ କିଛି ଅଭିଯୋଗ କରି ନଥିଲେ ବରଂ ବାପାଙ୍କୁ ବଞ୍ଚାଇ ରଖିବା ପାଇଁ ସଂଘର୍ଷରତ ଅବକାଶଙ୍କୁ ଥରେଥରେ ଡାକି ପାଖରେ ବସାଉଥିଲେ। ସର୍ବାଙ୍ଗଙ୍କୁ ଆଉଁସି ଦେଉଥିଲେ। ତାଙ୍କ ପାଇଁ ବିଶେଷ ବ୍ୟସ୍ତ ନହେବା ପାଇଁ କହୁଥିଲେ..। ସବୁ ପଚାରି ବୁଝୁଥିଲେ। ସାହସ ଦେଉଥିଲେ। ଶକ୍ତି ଦେଉଥିଲେ।

ବାପା ରହୁଥିଲେ ସେଇଥିପାଇଁ ସେ କୋଠରୀର ନାଁ ହୋଇଥିଲା ବାପାଙ୍କ କୋଠରୀ। ବାପାଙ୍କ ପରେ ପ୍ରାୟ ବନ୍ଦ ରହୁଥିଲା ସେ କୋଠରୀ। ବିତିସାରିଥିଲା ତିରିଶବର୍ଷ। ଆଉ ସେ ମାଟିଘର ନଥିଲା। ନୂଆଘର ଠିଆ ହୋଇଥିଲା ସେ ସ୍ଥାନରେ.। ନିଜ ଚାକିରୀକାଳର ସମ୍ବଳରେ ସେ ତିଆରି କରିଥିଲେ ଧାଡ଼ିଏ ଛାତଘର। ସେ ଘରସବୁକୁ ଲାଗି ଏକ ବିରାଟ ବାରଣ୍ଡା।ହେଲେ ଅକ୍ଷୁଣ୍ଣ ଥିଲା ବାପାଙ୍କ କୋଠରୀ।

ସେତେବେଳେ ଏସବୁ ଅସୁବିଧା କଥା ଭାବି ବି ନଥିଲେ ଅବକାଶବାବୁ। ହେଲେ ଏବେ ସୁଚିତ୍ରାଙ୍କ ଯିବାପରେ ସେ ଯେତେବେଳେ ଆସିଗଲେ ବାପାଙ୍କ କୋଠରୀକୁ।

ପୁଅ ରୋହିତ କହିଥିଲା -ବାପା କୋଠରୀଟିକୁ ଟିକିଏ ସଜାଡି ଦେବା। ଅସୁବିଧା ତ ନାହିଁ.। କିଛିଦିନ ଯାଉ। ରୋହିତର ବି ଆର୍ଥିକ ଅବସ୍ଥା ଜାଣୁଥିଲେ ସେ ଆଉ ତାପରେ ଅସୁବିଧା ତ ନାହିଁ ଏକଥା ସେ ବି ଭାବୁଥିଲେ କିନ୍ତୁ ଏଇ ଖରାଦିନ ଆସୁ ଆସୁ ପ୍ରବଳ ଗରମ ଲାଗୁଥିଲା ତାସହ ଝାଡ଼ାପରିସ୍ରା ଲାଗିଲେ କଥା ସରିଲା। ସେଦିନ ବି ସେମିତି ହୋଇଥିଲା। ପାହାଚରୁ ଓଲ୍‌ହାଉ ଓଲ୍‌ହାଉ ଖସି ଯାଇଥିଲା ପାଦ। ସାଙ୍ଗେସାଙ୍ଗ ଦୌଡ଼ି ଆସିଥିଲା ରୋହିତ.।

ତା ପରଦିନ ହିଁ ସେ କୋଠରୀର ଛାତ ଉପରେ କାନ୍ଥ ଉଠାଇ ଲଗା ହୋଇଥିଲା ଆଜବେଷ୍ଟସ । କୁଲିମିସ୍ତ୍ରୀ ଲାଗିଥିଲେ ଏକ ସଂଲଗ୍ନ ବାଥରୁମପାଇଁ। ଆଗରୁ କରିଦେବା କଥା ବାପା। ଅସୁବିଧା ହେଉଥିଲା ତ କହୁ ନଥିଲ କାହିଁକି? କହିଥିଲା ରୋହିତ..।

କିଛି କହି ନଥିଲେ ଅବକାଶବାବୁ। ଆଖି ଛଳଛଳ ହୋଇଯାଉଥିଲା କାରଣ ସେ ଦେଖୁଥିଲେ କାନ୍ଥରେ ଟଙ୍ଗା ହୋଇଥିବା ବାପାଙ୍କ ଫୋଟୋକୁ। ମନେମନେ କହୁଥିଲେ -କେମିତି କହିଥାନ୍ତି ବାପା? ତୁମେ ବି ତ ଦୁଇବର୍ଷ ଯାଏଁ କିଛି କହି ନଥିଲ। ମୁଁ ବି ତ ବାପା।ହଠାତ ଯେମିତି ଶୀତଳତା ଛାଇଁଗଲା ପରିବେଶରେ। ସେପଟେ ପୁରୁଣା ପଙ୍ଖା ସ୍ଥାନରେ ନୂଆ ପଙ୍ଖା ଲଗାଇତାକୁ ପରୀକ୍ଷା କରୁଥିଲା ପିଲାଟି।



ହେମଗିର, ସୁନ୍ଦରଗଡ଼
୯୭୭୮୧୭୪୯୭୮

# ଆତ୍ମାର ଶୋଷ

**ଡ. ସନ୍ତୋଷ କୁମାର ପଣ୍ଡା**

ଶରତର ସ୍ନିଗ୍ଧ ସକାଳ। କାକରଭିଜା ଶିଉଳି ଉପରେ ଶେଫାଳିର ସୁବାସ ସାରା ପରିବେଶକୁ ପବିତ୍ର କରିଦେଉଥାଏ। ଗାଁ ମୁଣ୍ଡ ବଟବୃକ୍ଷ ମୂଳେ ଥିବା ଆଶ୍ରମରେ ବସିଥାନ୍ତି ସନ୍ନ୍ୟାସୀ ଆନନ୍ଦସ୍ୱରୂପ। ତାଙ୍କ ଚେହେରାରେ ଏକ ଅଲୌକିକ ପ୍ରଶାନ୍ତି। ଏତିକି ବେଳେ ଆଶ୍ରମ ଭିତରକୁ ପ୍ରବେଶ କଲେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ, ନାମ ତାଙ୍କର ବିବେକାନନ୍ଦ। ସଂସାରର ସବୁ ସୁଖ-ସମ୍ପତ୍ତି ଥାଇ ମଧ୍ୟ ତାଙ୍କ ମନ ଭିତରେ ଏକ ଅଜଣା ଅଶାନ୍ତି ଓ ଶୂନ୍ୟତା ଘର କରି ରହିଥିଲା। ବିବେକାନନ୍ଦ ଗୁରୁଦେବଙ୍କ ପାଦଛୁଇଁ ପ୍ରଣାମ କଲେ ଏବଂ ଅତ୍ୟନ୍ତ ବ୍ୟାକୁଳତାର ସହ ପଚାରିଲେ, 'ଗୁରୁଦେବ! ମୋର ଗୋଟିଏ ପ୍ରଶ୍ନ ଅଛି। ମଣିଷ ଜୀବନର ପ୍ରକୃତ 'ଆକାଂକ୍ଷା' କଣ ହେବା ଉଚିତ? ମୁଁ ଯେତେବେଳେ ଯାହା ଚାହିଁଛି, ତାହା ପାଇଛି—ଧନ, ଦୌଲତ, ଯଶ, ପ୍ରତିଷ୍ଠା। ତଥାପି ଏହି ଆକାଂକ୍ଷାର ଅନ୍ତ ହେଉନାହିଁ କି ମୋତେ ଶାନ୍ତି ମିଳୁନାହିଁ। ଏହି ଆକାଂକ୍ଷା କଣ କେବେ ମରିବ ନାହିଁ?' ଗୁରୁଦେବ ସ୍ମିତହାସ୍ୟ ଦେଇ କହିଲେ, 'ବିବେକ! ଆକାଂକ୍ଷା ତ ଆତ୍ମାର ଏକ ପ୍ରବାହ। ଏହାକୁ ମାରିବା ଅସମ୍ଭବ। ଆଚ୍ଛା, ତୁମକୁ ଗୋଟିଏ କାହାଣୀ ଶୁଣାଉଛି, ମନ ଦେଇ ଶୁଣ।' ବହୁ ବର୍ଷ ପୂର୍ବେ ଜଣେ ପଥିକ ପ୍ରଚଣ୍ଡ ରୌଦ୍ରତାପରେ ଏକ ବିସ୍ତୀର୍ଣ୍ଣ ମରୁଭୂମି ପାର ହେଉଥିଲା। ପାଖରେ ଥିବା ଜଳ ଶେଷ ହୋଇଯାଇଥିବାରୁ ଶୋଷରେ ତାର କଣ୍ଠ ଶୁଖିଯାଉଥିଲା। ସେ ଜୀବନ ବିକଳରେ ବିନ୍ଦୁଏ ଜଳ ପାଇଁ ଚାରିଆଡ଼କୁ ଚାହୁଁଥିଲା। ତାର ଏକମାତ୍ର ଆକାଂକ୍ଷା ଥିଲା—କେବଳ ଟୋପାଏ ପାଣି। ଏତିକି ବେଳେ ମରୁଭୂମିର ବାଲି ଭିତରେ ତାକୁ ଏକ ଚମକୁଥିବା ଜିନିଷ ଦେଖାଗଲା। ସେ ଭାବିଲା ବୋଧହୁଏ ସେଠାରେ ଜଳଭରା ପାତ୍ରଟିଏ ଅଛି। ସେ ଦଉଡ଼ି ଯାଇ ବାଲି ଆଡ଼େଇ ଦେଖିଲା ବେଳକୁ, ତାହା ପାଣି ନଥିଲା; ବରଂ ହୀରା-ନୀଳାରେ ଭରା ଏକ ସ୍ୱର୍ଣ୍ଣ କଳସ ଥିଲା। ସେହି ମୂଲ୍ୟବାନ ସ୍ୱର୍ଣ୍ଣ କଳସକୁ ଦେଖି ପଥିକଟି ଆନନ୍ଦିତ ହେବା ପରିବର୍ତ୍ତେ ମୁଣ୍ଡରେ ହାତ ଦେଇ କାନ୍ଦିବାକୁ ଲାଗିଲା। ସେ ଚିତ୍କାର କରି କହିଲା, 'ହାୟ ଭଗବାନ! ଏହି ସୁନା ଓ ହୀରା ମୋର କି କାମର? ଏହା ମୋର ଶୋଷ ମେଣ୍ଟାଇ ପାରିବ ନାହିଁ। ମୋତେ ସୁନା ଦରକାର ନାହିଁ, ମୋତେ ଜୀବନ ବଞ୍ଚାଇବା ପାଇଁ କେବଳ ମୁନ୍ଦେ ପାଣି ଦରକାର।'

କାହାଣୀଟି ଶୁଣାଇ ଗୁରୁଦେବ ବିବେକାନନ୍ଦଙ୍କ ଆଖିକୁ ଚାହିଁ କହିଲେ:-

'ବିବେକ! ସଂସାରର ସବୁ ଭୌତିକ ସୁଖ, ଧନ ଓ ପ୍ରତିଷ୍ଠା ହେଉଛି ସେହି ମରୁଭୂମିର ସ୍ୱର୍ଣ୍ଣ କଳସ ପରି। ମଣିଷର ଆତ୍ମା ହେଉଛି ସେହି ପଥିକ, ଯିଏ ଅନନ୍ତ କାଳରୁ ଶୋଷିଲା। ଆତ୍ମାର ପ୍ରକୃତ ଶୋଷ କେବଳ ପରମାତ୍ମାଙ୍କ ପ୍ରେମ ଓ ଆନନ୍ଦରେ ହିଁ ମେଣ୍ଟିଥାଏ। କିନ୍ତୁ ଭ୍ରମବଶତଃ, ଆମେ ଭୌତିକ ଜିନିଷ ପଛରେ ଦଉଡ଼ି ଆମର ଆକାଂକ୍ଷାକୁ ଭୁଲ ଦିଗରେ ପରିଚାଳିତ କରୁ।'

ଗୁରୁଦେବ ପୁଣି ବୁଝାଇଲେ:

ଭୌତିକ ଆକାଂକ୍ଷା:- ଏହା ଏକ ଅଗ୍ନି ସଦୃଶ। ଏଥିରେ ଯେତେ ଆହୁତି ଦେବ, ଏହା ସେତେ ବଢ଼ିଚାଲିବ। ଏହା ମଣିଷକୁ କେବେ ସନ୍ତୁଷ୍ଟ କରିପାରେ ନାହିଁ।

ଆଧ୍ୟାତ୍ମିକ ଆକାଂକ୍ଷା:- ଯେତେବେଳେ ଏହି ଆକାଂକ୍ଷାର ମୋଡ଼ 'ସଂସାର'ରୁ ବଦଳି 'ସ୍ରଷ୍ଟା'ଙ୍କ ଆଡ଼କୁ ଏବଂ 'ସ୍ୱାର୍ଥ'ରୁ ବଦଳି 'ସେବା' ଆଡ଼କୁ ହୋଇଥାଏ, ସେତେବେଳେ ତାହା ଜୀବନକୁ ସାର୍ଥକ କରିଦିଏ।

ଗୁରୁଦେବଙ୍କ ମୁଖରୁ ଏହି ଅମୃତ ବଚନ ଶୁଣି ବିବେକାନନ୍ଦଙ୍କ ମନର ସମସ୍ତ କୁହୁଡ଼ି ଦୂର ହୋଇଗଲା। ସେ ବୁଝିପାରିଲେ ଯେ, ଆକାଂକ୍ଷାକୁ ମାରିବାକୁ ହେବନାହିଁ, ବରଂ ତାର ଆଭିମୁଖ୍ୟକୁ ବଦଳାଇବାକୁ ହେବ। କେବଳ ନିଜ ପାଇଁ ନବାଞ୍ଛି ସମଗ୍ର ସୃଷ୍ଟିର କଲ୍ୟାଣ ପାଇଁ ଈଶ୍ୱରଙ୍କ ନିକଟରେ ସମର୍ପିତ ହେବା ହିଁ ଶ୍ରେଷ୍ଠ ଆକାଂକ୍ଷା।

ବିବେକାନନ୍ଦଙ୍କ ଆଖିରୁ ଦୁଇଟୋପା ଲୁହ ଝରିପଡ଼ିଲା—ତାହା ବିଷାଦର ନଥିଲା, ଥିଲା ଆତ୍ମଜ୍ଞାନର ଆନନ୍ଦାଶ୍ରୁ। ସେ ଶାନ୍ତ ମନରେ ଆଶ୍ରମରୁ ଫେରିଲେ, ସଂସାରକୁ ତ୍ୟାଗ କରିବାକୁ ନୁହେଁ, ବରଂ ସଂସାରରେ ରହି ପ୍ରେମ ଓ ସେବାର ଅମୃତ ବାଣ୍ଟିବା ପାଇଁ।

କଟକ
୮୨୪୯୦୨୧୪୨୪

# ଅଞ୍ଜଳି

**ପ୍ରଭାତ କୁମାର ମହାପାତ୍ର**



ଅଞ୍ଜଳି କର୍ପୋରେଟ ଅଫିସର ଚତୁର୍ଦ୍ଦଶ ମହଲାରେ ଥିବା ନିଜ କ୍ୟାବିନର କାଚ ଝରକା ପାଖରେ ଠିଆ ହୋଇଥିଲା। ବାହାରକୁ ଚାହିଁବା ବେଳକୁ ହଠାତ୍ ପ୍ରବଳ ବର୍ଷା ଆରମ୍ଭ ହୋଇଗଲା। ଅଞ୍ଜଳି ଦେଖିଲା, ତଳେ ରାସ୍ତାରେ ଥିବା ଲୋକେ ହଠାତ୍ ଆସିଥିବା ଏହି ବିପଦରୁ ବଞ୍ଚିବା ପାଇଁ ଆଶ୍ରୟ ଖୋଜୁଥିଲେ। କେହି ଦୋକାନର ସେଡ୍ ତଳେ ଲୁଚୁଥିଲେ, ତ କେହି ମୁଣ୍ଡରେ ବ୍ୟାଗ୍ ରଖି ଦୌଡ଼ୁଥିଲେ। ଅଞ୍ଜଳିର ଓଠରେ ଏକ ଶୀତଳ, ରହସ୍ୟମୟ ହସ ଖେଳିଗଲା। ସେ କିଛି ନ ଭାବି ଲିଫ୍ଟ ଆଡ଼କୁ ଚାଲିଗଲା। କିଛି ମିନିଟ୍ ପରେ, ସେ ଅଫିସର ଉଚ୍ଚା କୋଠା ବାହାରେ ଖୋଲା ଆକାଶ ତଳେ ଥିଲା। ଯେମିତି ଆକାଶରୁ ବର୍ଷୁଥିବା ପ୍ରଥମ ବର୍ଷା ବୁନ୍ଦା ତା' ମୁହଁକୁ ଛୁଇଁଲା, ଅଞ୍ଜଳି ଆଖି ବନ୍ଦ କରିଦେଲା। ଲୋକେ ତାକୁ ଆଶ୍ଚର୍ଯ୍ୟ ହୋଇ ଦେଖୁଥିଲେ। ଏକ ନାମୀ କମ୍ପାନୀର ସିନିୟର ଭାଇସ୍ ପ୍ରେସିଡେଣ୍ଟଙ୍କୁ ଏଭଳି ଭାବେ ସର୍ବସାଧାରଣରେ ଭିଜିବା ଦେଖିବା ସେମାନଙ୍କ ପାଇଁ କୌତୁହଳର ବିଷୟ ଥିଲା, କିନ୍ତୁ ଅଞ୍ଜଳି ଆଜି ଦୁନିଆର ଏହି ଚକ୍ଷମାରୁ ମୁକ୍ତ ଥିଲା।

ପଡୁଥିବା ପ୍ରତିଟି ବୁନ୍ଦା ସହିତ ଅଞ୍ଜଳି ଭିତରେ ସ୍ମୃତିର ଏକ ବନ୍ୟା ମାଡ଼ି ଆସିଲା। ତାକୁ ଲାଗିଲା, ଜଣେ ନାରୀର ଜୀବନ ମଧ୍ୟ ଏହି ବର୍ଷା ପରି। ସମସ୍ତଙ୍କୁ ତୃପ୍ତି ଦେବା ପାଇଁ, ସମସ୍ତଙ୍କ ଶୋଷ ମେଣ୍ଟାଇବା ପାଇଁ ନିଜକୁ ବୁନ୍ଦା ବୁନ୍ଦା କରି ଜଳାଞ୍ଜଳି ଦେବାକୁ ପଡ଼େ। ବାଦଲ ନ ଜାଣି କେତେ ତାତି, କେତେ ଶ୍ରାବଣର ଖରା ଓ ଗରମ ସହି ପାଣି ହୋଇଥାଏ; ଠିକ୍ ସେମିତି ଜଣେ ନାରୀ ସାମାଜିକ ବନ୍ଧନ, ଆଶା ଓ ସଂଘର୍ଷର ନିଆଁରେ ପୋଡ଼ି ପରିବାର ଓ ସମାଜକୁ ଶୀତଳତା ଓ ଛାଇ ଦେଇଥାଏ।

ଅଞ୍ଜଳିକୁ ନିଜର ସେଇ ଛୋଟ ସହରର କଥା ମନେ ପଡ଼ିଲା, ଯେଉଁଠି ତା'ର ପିଲାଦିନ କଟିଥିଲା। ସେ ପାଠ ପଢ଼ାରେ ତେଜୀୟାନ ଥିଲା, ଆକାଶକୁ ଛୁଇଁବାକୁ ଚାହୁଁଥିଲା। କିନ୍ତୁ ଯେତେବେଳେ ସେ ଦ୍ୱାଦଶ ଶ୍ରେଣୀ ପରେ ଆଗକୁ ପଢ଼ିବା ପାଇଁ ବଡ଼ ସହରକୁ ଯିବାର ଇଚ୍ଛା ପ୍ରକାଶ କଲା, ସେତେବେଳେ ସମାଜରେ ଯେମିତି ଭୂକମ୍ପ ଆସିଗଲା। ଲୋକେ ନାନା କଥା କହିବାକୁ ଲାଗିଲେ- 'ବାହାରେ ବଦଳିଯିବ', 'ବିବାହ କରି ଅନ୍ୟ ଘରକୁ ଯିବାକୁ ହେବ, ଏତେ ପାଠ ପଢ଼ି କ'ଣ ହେବ?' ସେତେବେଳେ ସମାଜର ସେହି କଥାଗୁଡ଼ିକ ଅଞ୍ଜଳିର ବାଟରେ ସେମିତି ବାଧା ହୋଇ ଠିଆ ହୋଇଗଲା, ଯେପରି ଏହି ପ୍ରବଳ ବର୍ଷା। ସଡ଼କରେ ଚାଲୁଥିବା ଲୋକଙ୍କ ବାଟରେ ବାଧା ସୃଷ୍ଟି କରୁଥିଲା।

ତାର ମନେ ପଡ଼ିଗଲା ଯେ ଲୋକେ ବର୍ଷାର ଆନନ୍ଦ ସେତିକି ବେଳେ ନିଅନ୍ତି, ଯେତେବେଳେ ସେ ସେମାନଙ୍କ ଅଗଣାକୁ ମହକାଏ, ଆଉ ସେମାନଙ୍କ ଝରକା ବାହାରେ ଏକ ସୁନ୍ଦର ଦୃଶ୍ୟ ହୋଇ ରହିଥାଏ। କିନ୍ତୁ ଯେତେବେଳେ ସେ ତାଙ୍କ ରାସ୍ତାରେ ବାଧା ହୁଏ, ସେତେବେଳେ ଲୋକେ ନିଜ ସୁବିଧା ଅନୁସାରେ ମନ ଇଚ୍ଛା କହିବାକୁ ଲାଗନ୍ତି। ସମାଜର ନାରୀ ପ୍ରତି ମନୋଭାବ କିଛି ଏହିଭଳି। ସମାଜ ନାରୀର ତ୍ୟାଗ, ସମର୍ପଣ ଓ ସହନଶୀଳତାର ପ୍ରଶଂସା ସେତେବେଳେ ହିଁ କରେ, ଯେତେବେଳେ ସେ ସେମାନଙ୍କ ଦ୍ୱାରା ନିର୍ଦ୍ଧାରିତ ସୀମା ଭିତରେ ସୀମିତ ଥାଏ ତଥା ସେ ନିଜ ଇଚ୍ଛାକୁ ବଳି ଦେଇ ସମସ୍ତଙ୍କ ମୁହଁରେ ହସ ଫୁଟାଉଥାଏ। କିନ୍ତୁ ଯେମିତି ସେ ନିଜ ଅଧିକାର ପାଇଁ, ନିଜ ଆତ୍ମସମ୍ମାନ ପାଇଁ ଉଗ୍ର ହୁଏ, ବାହାରକୁ ଆସେ, ସେହି ସମାଜ ଯିଏ ଗତ କାଲି ପର୍ଯ୍ୟନ୍ତ ତା'ର ଗୁଣ ଗାଉଥିଲା, ସେ ତାକୁ ବିଦ୍ରୋହୀ ଓ ଦୋଚାରୁଣି କହିବାକୁ ଲାଗେ। ଅଞ୍ଜଳି ନିଜ ଜୀବନରେ ଏହି ଦୁଇଟି ରୂପକୁ ବେଶ୍ ଅନୁଭବ କରି ସାରିଥିଲା।

ଯେତେବେଳେ ସେ ଘରର ଆର୍ଥିକ ଅନାଟନ ଦୂର କରିବା ପାଇଁ, ନିଜ ଖୁସିକୁ ଭୁଲି ଭାଇର ପାଠପଢ଼ା ଓ ପିତା-ମାତାଙ୍କ ଔଷଧ ଖର୍ଚ୍ଚ ଉଠାଉଥିଲା, ସେତେବେଳେ ସେ ସମସ୍ତଙ୍କ ନଜରରେ 'ଶ୍ରବଣ କୁମାର' ଭଳି ଝିଅ ଥିଲା। କିନ୍ତୁ ଯେତେବେଳେ ସେ ନିଜ ପସନ୍ଦରେ ଜୀବନର ନିଷ୍ପତ୍ତି ନେବାର ସାହସ ଦେଖାଇଲା, ସେତେବେଳେ ସେହି ସମ୍ପର୍କୀୟ ଓ ପଡ଼ୋଶୀ ତା'ର ସ୍ୱାଧୀନତା ଉପରେ ପ୍ରଶ୍ନ ଉଠାଇବାକୁ ଲାଗିଲେ। ସେ ଅନୁଭବ କଲା ଯେ ଜଣେ ନାରୀର ସଂଘର୍ଷ କେବେ ଶେଷ ହୁଏ ନାହିଁ, ଯଦିଓ ସେ ଘରର ଚାରି କାନ୍ଥ ଭିତରେ ଥାଉ କି କର୍ପୋରେଟ ଜଗତର ଏହି ଚମକଉଥିବା ଗଳିରେ। ତାକୁ ପ୍ରତି ପଦକ୍ଷେପରେ ନିଜକୁ ପ୍ରମାଣିତ କରିବାକୁ ହିଁ ପଡ଼େ।

ବର୍ଷାର ପାଣି ତା'ର ଆଖିର ଲୁହ ଓ ମୁହଁର ଝାଳକୁ ନିଜ ସହ ବୁହାଇ ନେଉଥିଲା। ଅଞ୍ଜଳି ସେହି ଥଣ୍ଡା ପାଣିରେ ନିଜ ଭିତରର ବର୍ଷ ବର୍ଷ ଧରି ଜଳୁଥିବା ପ୍ରଶ୍ନଗୁଡ଼ିକୁ ଶାନ୍ତ ହେବାର ଅନୁଭବ କଲା। ତା ଭିତରେ ଯେଉଁ ନିଆଁ ଥିଲା, ଯେଉଁ କଷ୍ଟ ଥିଲା ଯେ ଲୋକେ କାହିଁକି ବୁଝୁ ନାହାନ୍ତି, ତାହା ଆଜି ଏହି ମୂଷଳଧାରା ବର୍ଷାର ବେଗରେ ସବୁ ବହିଗଲା। ଏଇ ବର୍ଷା ଆଜି ଅଞ୍ଜଳିକୁ ଏକ ବହୁତ ବଡ଼ ଶିକ୍ଷା ଦେଇଛି। ସେ ବୁଝିଗଲା ଯେ କେହି ଯେତେ କହିଲେ ବି, କେହି ନିଜ ସୁବିଧା ପାଇଁ ବାଦଲକୁ ଯେତେ ଖରାପ କହିଲେ ବି, ବାଦଲର କାମ ହେଲା ବର୍ଷିବା। ସେ କାହାକୁ ଡରି ନିଜର ପରିଚୟ ଓ ଅସ୍ତିତ୍ୱ ବଦଳାଏ ନାହିଁ।

ଆଜି ଅଞ୍ଜଳିର ମୁହଁରେ କୌଣସି ସମାଜର ଭୟ ନାହିଁ, ବରଂ ନିଜ ମାଟିର ସେହି ସୁଗନ୍ଧ ଓ ଦୃଢ଼ତା ଥିଲା, ଯାହା ପ୍ରତି ତାପ ପରେ ଅଧିକ ମଜଭୂତ ହୋଇ ବାହାରିଥାଏ। ସେ ମନେ ମନେ ସ୍ଥିର କରିନେଲା ଯେ ପରିସ୍ଥିତି ଯେତେ ବିପରୀତ କାହିଁକି ନ ହେଉ, ତାକୁ ବର୍ଷି ଯିବାକୁ, ଆଗକୁ ବଢ଼ିବାକୁ ଓ ନିଜର ନୂଆ ପରିଚୟ ବଜାୟ ରଖିବାକୁ ସାହସ କେବେ ବି କମିବାକୁ ଦେବ ନାହିଁ। ସତରେ.. ନାରୀର ଅସ୍ତିତ୍ୱ କେବଳ ଧ୍ୱଂସ ପାଇଁ ନୁହେଁ, ବରଂ ଏକ ନୂଆ ସୃଷ୍ଟିକୁ ସିଞ୍ଚନ କରିବା ପାଇଁ ।

ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ,
କୋରାପୁଟ
ମୋ- ୭୮୯୪୦୦୫୪୫୫

# ।। ପୈତୃକ ସମ୍ପତ୍ତି ।।

**ସୁଧାଂଶୁ ଶେଖର ଦ୍ୱିବେଦୀ**

ଶ୍ୟାମ ବାବୁ ଚାକିରିରୁ ଅବସର ନେବାପରେ ଗାଁରେ ରହୁଥାନ୍ତି। କିନ୍ତୁ ପତ୍ନୀର ଅକାଳ ମୃତ୍ୟୁ ଅନ୍ତେ ସହରରେ ରହୁଥିବା ପୁଅ ସମରେଶ ପାଖେ ରହିଲେ। ସମରେଶ ଗୋଟେ କମ୍ପାନୀରେ ଚାକିରି କରେ। ସହରରେ ଖର୍ଚ୍ଚର ଅଧିକତା,ସୁଖ-ସୁବିଧାଯୁକ୍ତ ଜୀବନ ପରନ୍ତୁ କମ୍ ଦରମା ହେତୁ ପରିବାରର ଖର୍ଚ୍ଚ ତୁଲେଇବା ମିସ୍କିଲ୍ ହେଉଥାଏ। ସେଥିରେ ପୁଣି ଭଡାଘର, ଇଲେକ୍ଟ୍ରି କର, ପାଣି କର, ପିଲାଙ୍କ ସ୍କୁଲ, ଟ୍ୟୁସନ୍ ଖର୍ଚ୍ଚ ଏସବୁ କରୁ କରୁ ମାସ ଶେଷରେ କିଛି ବି ବଳେ ନାହିଁ। ସମରେଶ ଓ ତା' ପତ୍ନୀର କହିବା ଅନୁସାରେ ଶ୍ୟାମ ବାବୁ ଅବସର ପ୍ରାପ୍ତ ଗ୍ରାଚ୍ୟୁଟି ଧନରାଶିରେ ସହରରେ ଏକ ଜମି କ୍ରୟ କରି ଘର ନିର୍ମାଣ କଲେ। ଗୋଟେ ତାଲା ନିର୍ମାଣ ସରିଛି ଶ୍ୟାମ ବାବୁଙ୍କ ଗ୍ରାଚ୍ୟୁଟି ଟଙ୍କା ସରିଗଲା। ସମରେଶ ଓ ତା ପତ୍ନୀ ଉପରକୁ ଆଉ ଗୋଟେ ତାଲା କରିବାକୁ ଚାହୁଁଥାନ୍ତି। ଶ୍ୟାମ ବାବୁ କହିଲେ-ମୋ ପାଖେ ତ ସବୁ ଟଙ୍କା ସରିଗଲା। ଗୋଟେ ତାଲା ଘର ଆମ ରହିବା ପାଇଁ ପର୍ଯ୍ୟାପ୍ତ ହେବ। ସମରେଶ ଜିଦ୍ ଧରି କହିଲା-ବାପା! ଗାଁରେ ଥିବା ଆମ ଘରଠାରୁ ଯେଉଁସବୁ ଦୂର ଜମି ଅଛି ତାକୁ ବିକି ଆଉଗୋଟେ ତାଲା ବନେଇଦେବା। ସେସବୁ ଜମିରୁ ତ କିଛି ମିଳୁନାହିଁ। ଅଯଥା ଯାହା ପୈତୃକ ସମ୍ପତ୍ତି ହୋଇ ପଡି ରହିଛି। ଶ୍ୟାମ ବାବୁ ପୁଅର ପ୍ରସ୍ତାବ ଶୁଣି ସ୍ତବ୍ଧ ହେଲେ। କିଛି ନ କହି ଚୁପ୍ ଚାପ୍ ନିଜ ରୁମ୍‌କୁ ଚାଲିଗଲେ। ପୁଅ ପ୍ରସ୍ତାବରେ ରାଜି ହେବେ କି ନା ଭାବି ଭାବି ରାତିସାରା ଶୋଇପାରିଲେ ନାହିଁ। ସକାଳୁ ଉଠି ନିଜର ନିତ୍ୟକର୍ମ ସାରି ବସିଥାନ୍ତି ସମରେଶ ଚା' କପ୍ ହାତରେ ଧରି ପହଞ୍ଚି କହିଲା-ବାପା! ତୁମେ ଜମି ବିକ୍ରି କରିବା ବିଷୟରେ କ'ଣ କହୁଛ? ଶ୍ୟାମ ବାବୁ କହିଲେ-ବାପାରେ, ଯେଉଁ ଜମିକୁ ଆମ ପୂର୍ବ ପୁରୁଷମାନେ ବିପତ୍ତି ସହି ବିକି ନାହାନ୍ତି ବରଂ ବିଶ୍ୱାସ କରି ପରବର୍ତ୍ତୀ ପିଢ଼ି ନିମନ୍ତେ ସୁରକ୍ଷିତ ରଖିଛନ୍ତି ସେ ଜମିକୁ ବିକ୍ରି କରିବାର ଅଧିକାର ମୋର କାହିଁ! ତୁ ମୋତେ ଠିକ୍ ମନେ ପକେଇ ଦେଇଛୁ। ମୁଁ ଆଜି ଗାଁକୁ ପଳେଇବି। ସେସବୁ ଜମିକୁ ଉର୍ବର ମୃତ୍ତିକା କରି ଚାଷ କରିବି। ନାତି ନାତୁଣୀଙ୍କ ପାଇଁ ଗଚ୍ଛିତ ରଖିବି। ଏହା କହି ସେ ନିଜ ବ୍ୟାଗ୍ ଉଠେଇ ଘର ଶିଢିରୁ ତଳକୁ ଓହ୍ଲେଇଲେ।

ବିସି-୭୪, ସଲ୍ଟ ଲେକ୍, କଲକତା-୬୪
ମୋ- ୯୬୮୧୩୭୩୫୧୨

# ସିକ୍ରେଟ

**ବିମଳଚାନ୍ଦ ପଟ୍ଟନାୟକ**



ମହେନ୍ଦ୍ର ବାବୁ ଜଣେ ପ୍ରତିଷ୍ଠିତ ଲେଖକ। ନିଜ ଅଞ୍ଚଳ ବ୍ୟତୀତ ସେ ସାରା ରାଜ୍ୟରେ ଜଣେ ଜଣାଶୁଣା ମୁହଁ। ତାଙ୍କର ଅନେକ ଅନୁଗାମୀ । ସେମାନଙ୍କ ମଧ୍ୟରୁ ସୁରେନ୍ଦ୍ରବାବୁ ଜଣେ । ଫେସବୁକ, ଇନଷ୍ଟାଗ୍ରାମ ଆଦି ସମସ୍ତ ସାମାଜିକ ଗଣମାଧ୍ୟମରେ ପ୍ରକାଶିତ ତାଙ୍କର ସମସ୍ତ ଲେଖା ପଢି ସୁଚିନ୍ତିତ ମତାମତ ଦେବାକୁ ସୁରେନ୍ଦ୍ର ଜମା ଭୁଲନ୍ତି ନାହିଁ। ନିଜେ ମଧ୍ୟ ଗଳ୍ପ ଓ କବିତା କିଛି କିଛି ଲେଖନ୍ତି । ନିଜ ସୃଜନିର ଉନ୍ନତି ପାଇଁ ସବୁବେଳେ ମହେନ୍ଦ୍ରବାବୁଙ୍କ ପରାମର୍ଶ ନିଶ୍ଚୟ ନିଅନ୍ତି । ମହେନ୍ଦ୍ରବାବୁ ମଧ୍ୟ କେତେବେଳେ ସୋସିଆଲ ମିଡିଆରେ ତ କେତେବେଳେ ବ୍ୟକ୍ତିଗତ ଭାବରେ ଲେଖାଗୁଡ଼ିକର ଖୁଣ ବାଛି ସଂଶୋଧନ କରିଦିଅନ୍ତି। "ଏମିତି ହୁଅନ୍ତା" ," ସେମିତି କର", " ଏଣ୍ଡିଙ୍ଗ ରେ ଟୁଇଷ୍ଟ ଦରକାର" ଆଦି ପରାମର୍ଶ ଦେଇ ଜଣେ ବଡଭାଇ ବା ଜଣେ ଗୁରୁଙ୍କ ଦାୟିତ୍ୱ ତୁଲାଇବାରେ କାର୍ପଣ୍ୟ କରନ୍ତି ନାହିଁ। ଲେଖନୀରେ ସଂସ୍କାର ଆଣିବା ପାଇଁ ସେ ନିଜେ ଲେଖିଥିବା ଗଳ୍ପ, କବିତା ଆଦି ବାରମ୍ବାର ପଢିବାକୁ ପରାମର୍ଶ ମଧ୍ୟ ଦିଅନ୍ତି । ସୁରେନ୍ଦ୍ର – ମହେନ୍ଦ୍ର ଯୋଡି ଏବେ ସାହିତ୍ୟ ଜଗତରେ ଯେତିକି ଜଣାଶୁଣା "ବ୍ଲାଇଣ୍ଡ ଫଲୋଅର" ଭାବେ ସୁରେନ୍ଦ୍ର ତା'ଠାରୁ ଅଧିକ ଜଣାଶୁଣା । ଏକଥା ସୁରେନ୍ଦ୍ର ଜାଣିନାହାନ୍ତି ତା' ନୁହେଁ । ଏଥିରେ ମଧ୍ୟ ଜଣେ ପ୍ରତିଷ୍ଠିତ ବ୍ୟକ୍ତିର ପାଖଲୋକ ବୋଲାଇ ସେ କୃତ୍ୟକୃତ୍ୟ ହୋଇଯାନ୍ତି ।

ଥରେ ମହେନ୍ଦ୍ର ବାବୁ ସୁରେନ୍ଦ୍ରଙ୍କୁ ପାଖକୁ ଡକାଇ ଗୋଟେ ସିକ୍ରେଟ କଥା କହିଲେ । କହିଲେ, "ବୁଝିଲ ସୁରେନ୍ଦ୍ର ଏଥର ସେଇ ରାଜ୍ୟସ୍ତରୀୟ ସଂସ୍ଥାର ବୈଠକ ଆମଜିଲ୍ଲାରେ ଅନୁଷ୍ଠିତ ହେବ। ବଡ କଷ୍ଟରେ ଏଥର ବୈଠକଟି ଆମଜିଲ୍ଲା ହାତକୁ ଆସିଛି । ଏଥିପାଇଁ କଣ କମ କସରତ କରିବାକୁ ପଡିଛି ? ହଁ ଗୋଟେ ସୁଖବର । ଏଥରର ସଭାରେ ଜଣେ ଉଦୀୟମାନ ତଥା ପ୍ରତିଶ୍ରୁତିବଦ୍ଧ ଯୁବ ସାହିତ୍ୟିକଙ୍କୁ ପୁରସ୍କୃତ କରାଯିବ । ମୁଁ ସେଥିରେ ଅନ୍ୟମାନଙ୍କ ସହିତ ତୁମ ନାମଟିକୁ ମଧ୍ୟ ସୁପାରିଶ କରିଛି । ଅବଶ୍ୟ ତାଲିକାରେ ଆଉ ଦୁଇଟି ନାମ ଅଛି, ତଥାପି ମୁ ଯେତେବେଳେ ଅଛି ଆମ ଜିଲ୍ଲାକୁ ପୁରସ୍କାର ଆସିବା ଥୟ। ଏଣୁ ପ୍ରସ୍ତୁତ ହେଇଯାଅ, ଆମ ଜିଲ୍ଲା ପାଇଁ ଆସିବାକୁଥିବା ଗୋଟେ ସୁନ୍ଦର ମୁହୂର୍ତ୍ତକୁ ଉପଭୋଗ କରିବାକୁ । ଆଉ ହଁ ସୁରେନ୍ଦ୍ର ଏଇ ପୁରସ୍କାର ପାଇଁ ସୁନ୍ଦର ଉପଢୌକନ ଟିଏ ଦରକାର । ମୋତେ ସେସବୁର ଆରେଞ୍ଜମେଣ୍ଟ ଦାୟିତ୍ୱ ଦିଆଯାଇଛି । ତମେ ଥାଉ ଥାଉ ମୋର ଆଉ ଚିନ୍ତା କଣ ? ଗୋଟେ କାମ କର, ତୁମେ ନିଜ ପସନ୍ଦର ସୁନ୍ଦର ଶାଲଟିଏ କିଣି ଆଣିଦେବ। ସେଇଟିକୁ ସେଦିନ ସଭାପତିଙ୍କ କରକମଳରେ ପୁରସ୍କୃତଙ୍କୁ ଢାଙ୍କି ଦିଆଯିବ ।"

କଥାଟି ସରୁସରୁ ସୁରେନ୍ଦ୍ର ଏକ ଅପୂର୍ବ ଉଲ୍ଲାସରେ ମନ ଆକାଶର ନନ୍ଦନବନରେ ବିଚରଣ କରିବାକୁ ଲାଗିଲେ । ସେଦିନ ରାତିରେ ତାଙ୍କୁ ଆଉ ନିଦ ଆସିଲାନି। ଭାବୁଥିଲେ ସତରେ ସେ କଣ ପୁରସ୍କାର ପାଇବେ ? ମହେନ୍ଦ୍ରବାବୁ ଯେତେବେଳେ ମୁହଁଖୋଲି କହିଛନ୍ତି ସେଥିରେ ଆଶଙ୍କା କରିବା ମୁର୍ଖାମି ଛଡା ଆଉ କଣ ହୋଇପାରେ ? ଅତଏବ ନିଜର ଆତ୍ମବିଶ୍ୱାସକୁ ଦୃଢୀଭୂତ କରି ଆନ ଚିନ୍ତା ମନରୁ ଦୂରେଇବାକୁ ନିଷ୍ପତ୍ତି ନେଲେ । ପୁରସ୍କାର ପାଇବାର ମହାର୍ଘ ଅନୁଭବରେ ତଲ୍ଲୀନ ହୋଇ ମନେମନେ ଅନେକ ଯୋଜନା ତିଆରିବାରେ ଲାଗିପଡିଲେ। ସକାଳୁ ଉଠିଲେ ସେ ପ୍ରଥମେ ଦରଜି ନିକଟକୁ ଯାଇ ସୁନ୍ଦର ସମ୍ବଲପୁରୀ କୁର୍ତ୍ତାଟିଏ ସିଲାଇବେ, ହାଣ୍ଡଲୁମର ଶାଲଟିଏ ସମ୍ବଲପୁରୀ ବସ୍ତ୍ରାଳୟରୁ କିଣିବେ, ସାଥିରେ ପ୍ରଥମଥର ପାଇଁ ଧର୍ମପତ୍ନୀଙ୍କୁ ନେଇ ଯିବେ, ଏମିତି ଅନେକ ଭାବନାରେ ବୁଡିରହିଲେ। ମନରେ ତାଙ୍କର ମହେନ୍ଦ୍ରବାବୁଙ୍କ ପ୍ରତି ଥିବା ଭକ୍ତି ଓ ସମ୍ମାନ ଆହୁରି ବଢିଯାଇଥିଲା। ସେ ନିଜର ସାହିତ୍ୟ ଛାତ୍ର ଜୀବନଟିରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଥିବା ଗୁରୁ ପ୍ରତିମ ମହେନ୍ଦ୍ରବାବୁଙ୍କର ନିଜପ୍ରତି ରହିଥିବା ବିଶ୍ୱାସ ଏବଂ ଭଲପାଇବା ଯେ କେତେ ସ୍ୱଚ୍ଛ ଆଉ ନିର୍ମଳ ତାହା ଭାବି କୃତ୍ୟକୃତ୍ୟ ହୋଇଯାଉଥିଲେ । ନହେଲେ ତାଙ୍କପରି ଜଣେ ନୂଆ ନୂଆ ଲେଖାଲେଖି କରୁଥିବା ସାଧାରଣ ବ୍ୟକ୍ତି ପାଇଁ ପୁରସ୍କାର ପରି ଶବ୍ଦ ଆକାଶ କଇଁଆ ନୁହେଁ ତ ଆଉ କ'ଣ ?

ପ୍ରତୀକ୍ଷାର ଅନ୍ତ ଘଟାଇ ଉପନୀତ ହେଲା ସେଇ ଦିନଟି । ସାରା ରାଜ୍ୟର ସାହିତ୍ୟିକଙ୍କ ସମାଗମରେ ଟାଉନହଲଟି ମୁଖରିତ ହୋଇ ଉଠୁଥିଲା । ଏଥର ରାଜ୍ୟସ୍ତରୀୟ ସଂସ୍ଥା ପୁରସ୍କାରଟିକୁ ପୂର୍ବରୁ ଘୋଷଣା ନ କରି ସମସ୍ତ ଆଶାୟୀଙ୍କୁ ଉପସ୍ଥିତ ହେବାକୁ ଅନୁରୋଧ କରିଛି । ଗୋଟିଏ ସୁସ୍ଥ ବାତାବରଣରେ ନବପ୍ରତିଭାଙ୍କୁ ସମ୍ମାନିତ କରିବା ହେଉଛି ସଂସ୍ଥା ର ଏକମାତ୍ର ଲକ୍ଷ୍ୟ। ଯାହା ଫଳରେ ପୁରସ୍କାର ପରି ଭୌତିକ ଚିଜର ମାୟାରେ ଆଜିର ନବପ୍ରତିଭା ଯେପରି କବଳିତ ନ ହୁଅନ୍ତି । ଏପଟେ ସୁରେନ୍ଦ୍ରଙ୍କ ଧୈର୍ଯ୍ୟର ଅନ୍ତିମ ପରୀକ୍ଷା ଯେପରି ସାମନାରେ ଥିଲା। ଆତ୍ମବିଶ୍ୱାସ ତାଙ୍କର ଏମିତି ଥିଲା ଯେ ତାଙ୍କ ସହ ପୁରସ୍କାର ଦୌଡରେ ଥିବା ଆଉ ଦିଜଣକର ସମ୍ବନ୍ଧରେ ଜାଣିବାକୁ ସେ ସାମାନ୍ୟ ଚେଷ୍ଟା ବି କଲେନି । ନିଜ ଆବେଗକୁ ନିୟନ୍ତ୍ରଣକୁ ଆଣିବାକୁ ତଥା ନିଜକୁ ପୁରସ୍କାରର ଲାଳସାରହିତ ଦର୍ଶେଇବାକୁ ସେ ଦର୍ଶକଙ୍କ ଉଦ୍ଦେଶରେ ପଡିଥିବା ଚଉକିର ଶେଷ ଧାଡିରେ ଯାଇ ବସିପଡିଲେ।

ତେଣେ ମଞ୍ଚରେ ଅନେକ ଔପଚାରିକତା, ଯଥା ; ଅତିଥିଙ୍କ ବକ୍ତ୍ୟବ , ଆଲୋଚନା, କବିତାପାଠ, ଆଦି ଗୋଟେପରେ ଗୋଟେ କ୍ରମାନ୍ୱୟରେ ଚାଲିଥାଏ। ହେଲେ ସୁରେନ୍ଦ୍ରଙ୍କର ଏଥିରେ ଜମାରୁ ମନ ଲାଗୁନଥାଏ। ଶେଷରେ ଉପନୀତ ହେଲା ସେଇ ପ୍ରତିକ୍ଷୀତ ମୁହୂର୍ତ୍ତ । ଘୋଷକଙ୍କ ଅନୁରୋଧ କ୍ରମେ ମଞ୍ଚାସୀନ ମୁଖ୍ୟ ଅତିଥି ବନ୍ଦ ଲଫାପାଟିକୁ ଖୋଲି ଦେଲେ। ଦର୍ଶକଙ୍କ ଉତ୍କଣ୍ଠା ଏଣେ ଚରମରେ ପହଞ୍ଚିଥିସାରିଥିଲା । ସଙ୍ଗେ ସଙ୍ଗେ ସୁରେନ୍ଦ୍ରଙ୍କ ସର୍ବାଙ୍ଗ ଶରୀରେ ଏକ ଅପୂର୍ବ ବିଦ୍ୟୁତ ତରଙ୍ଗ ଖେଳିଯାଉଥିଲା । ମୁଖ୍ୟ ଅତିଥି ମଞ୍ଚାସୀନ ସମସ୍ତ ଅତିଥିଙ୍କୁ ଫର୍ଦ୍ଦଟିର ଗୋଟେ ଲେଖାଏଁ କପି ବଢାଇଦେଲେ। ଠିକ ଏତିକିବେଳେ ବିଦ୍ୟୁତ କାଟ ହେଇଗଲା । ମଞ୍ଚର କୌଣସି କଥା ଆଉ ଶୁଣାଯାଉନଥିଲା। ସମସ୍ତ ମଞ୍ଚାସୀନ ମହେନ୍ଦ୍ରବାବୁଙ୍କ ସହ ହାତ ମିଳାଇ ଅଭିବାଦନ ଜଣାଉଥାନ୍ତି। ମଞ୍ଚର ଏଇ ଦୃଶ୍ୟ ଦେଖି ସୁରେନ୍ଦ୍ର ଖୁସିରେ ଆତ୍ମହରା ହୋଇଯାଉଥିଲେ। କାରଣ ମହେନ୍ଦ୍ରବାବୁଙ୍କ ସହ ସମସ୍ତେ ହାତମିଳାଇବାର କାରଣ ଯେ ସେ ନିଜେ ଏଥିରେ ସନ୍ଦେହ ନଥିଲା ଏଣୁ ମନେମନେ ଗୁରୁପ୍ରତିମ ମହେନ୍ଦ୍ରବାବୁଙ୍କୁ କୃତଜ୍ଞତା ଜଣାଇ ନିଜ ନାମ ଘୋଷଣାକୁ ଉତ୍କଣ୍ଠାର ସହିତ ଅପେକ୍ଷା କରିଥିଲେ ।

ଶେଷରେ ଜେନେରେଟର ସହାୟତାରେ ଲାଇଟ ଓ ସାଉଣ୍ଡ ପୁନଃ ଚାଲୁ ହେଲା । ମଞ୍ଚ ଉପରେ ଥୁଆହୋଇଥିବା ସେଇ ହ୍ୟାଣ୍ଡଲୁମ ଶାଲ ଆଉ ଫୁଲତୋଡା ଟି ଅଦୂରରୁ ସୁରେନ୍ଦ୍ରଙ୍କର ସ୍ପଷ୍ଟ ଦୃଷ୍ଟିଗୋଚର ହୋଇଯାଉଥାଏ । ନ ହୁଆନ୍ତା ବା କେମିତି ? ସବୁ ତ ସେ ନିଜ ହାତରେ କିଣି ଆଣି ସାରଙ୍କୁ ଦେଇଛନ୍ତି ! ତାପରେ ମୁଖ୍ୟ ଅତିଥି ଅତି ସୁନ୍ଦର ଭାବରେ ସେଇ ପ୍ରତିକ୍ଷୀତ ନାମଟିକୁ ଘୋଷଣାକଲେ। ଘୋଷଣା ହେଉ ହେଉ ଅନେକେ ମହେନ୍ଦ୍ରବାବୁଙ୍କୁ କୁଣ୍ଢାଇ ପକାଉଥାନ୍ତି । ସୁରେନ୍ଦ୍ରଙ୍କ ମନ ଚୈତନ୍ୟ କେବଳ ସେଇ ମଞ୍ଚ, ପୁରସ୍କାର ଫଳକ , ଉତ୍ତରୀୟ, ତଥା ଫୁଲତୋଡା ମଧ୍ୟରେ ଘୂରିବୁଲୁଥିଲା । ଏଣୁ ଗହଳି ଭିତରେ ସେ ନାମଟିକୁ ସ୍ପଷ୍ଟ ଶୁଣିପାରିଲେ ନାହି । ତଥାପି ନିଜ ଆସନରୁ ଉଠି ଟିକେ ଆଗକୁ ଅଗ୍ରସର ହେଲା ବେଳକୁ ସାମନାରେ ଜଣେ ଭଦ୍ରମହିଳା ମଞ୍ଚ ଆଡକୁ ଅଗ୍ରସର ହେଉଥିବାର ଦେଖିଲେ । ଦର୍ଶକଙ୍କ କରତାଳିରେ ସଭାଗୃହଟି ଗୁଞ୍ଜରିତ ହୋଇଉଠୁଥିଲା । ଭଦ୍ରମହିଳା ଜଣକ ଟିକିଏ ଟିକିଏ ପଛକୁ ବୁଲି ସ୍ମିତହାସ୍ୟରେ ହାତ ହଲାଇ ହଲାଇ ମଞ୍ଚ ଉପରକୁ ଉଠିଗଲେ। ତଳେ ସମସ୍ତେ କଥା ହେଉଥିଲେ, "ବୁଢା ଶେଷରେ ପୁରସ୍କାରଟିକୁ ହାତେଇ ନେଲା । ୟା ସ୍ତ୍ରୀ କେବେଠୁ ଲେଖାଲେଖି କରୁଛି କେଜାଣି ? ସବୁ ତ ପଲିଟିକ୍ସ !"

ସୁରେନ୍ଦ୍ର ଏବେ ଠିକ ବୁଝିପାରୁଥିଲେ ନିଜ ଗୁରୁଙ୍କର ସିକ୍ରେଟ । ଦୂରରୁ ଗୁରୁଙ୍କୁ ନିରେଖି ଦେଖୁଥିଲେ ସେ। ତାଙ୍କୁ ଏବେ ସେ ସାହିତ୍ୟିକ କମ ନେତା ବେଶି ଜଣାପଡୁଥିଲେ।

ଆମୁଣି, ହାଣ୍ଡିଭଙ୍ଗା,
କେନ୍ଦୁଝର-୩୧,
ମୋ- ୯୪୩୭୭୧୮୫୦୦

# ୪୦୦ ମିଟର ବାଧାଦୌଡ଼ ଫାଇନାଲ୍‌ରେ ଯାଶାସ୍, ସନ୍ତୋଷ



**ଗ୍ଲାସଗୋ**

ଭାରତର ଯାଶାସ୍ ପଲକ୍ଷା ଓ ସନ୍ତୋଷ କୁମାର ତାମିଲାରାସାନ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୁରୁଷ ୪୦୦ ମିଟର ବାଧାଦୌଡ଼ର ଫାଇନାଲରେ ପ୍ରବେଶ କରିଛନ୍ତି। ଉଭୟ ଦ୍ରୁତତମ ତୃତୀୟ ସ୍ଥାନ ହାସଲକାରୀ ଭାବେ ଏହି ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରଥମ ହିଟ୍‌ରେ ଯାଶାସ୍ ୪୯.୬୫ ସେକେଣ୍ଡରେ ରେସ୍ ଶେଷ କରି ତୃତୀୟ ସ୍ଥାନ ଅଧିକାର କରିଥିଲେ।

ସେହିଭଳି ହିଟ୍-୨ରେ ସନ୍ତୋଷ ୫୯.୫୧ ସେକେଣ୍ଡରେ ରେସ୍ ଶେଷ କରିଥିଲେ। ନିୟମ ଅନୁସାରେ ପ୍ରତି ହିଟର ଶୀର୍ଷ ୨ ସ୍ଥାନରେ ଥିବା ଦୌଡ଼ାଳି ସିଧାସଳଖ ୮ ଜଣିଆ ଫାଇନାଲ୍‌କୁ ଉନ୍ନତି ହେବ। ହେଲେ ଯାଶାସ୍ ଓ ସନ୍ତୋଷ ତୃତୀୟ ସ୍ଥାନରେ ଥିବାରୁ ଉଭୟଙ୍କ ଶେଷ ତଥା ତୃତୀୟ ହିଟ୍ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ତୃତୀୟ ହିଟ୍ ପରେ ମୋଟ ଉପରେ ଦୁଇ ଜଣ ଯାକ ଭାରତୀୟ ଦ୍ରୁତ ତୃତୀୟ ସ୍ଥାନ ଅଧିକାରୀ ହୋଇଥିଲେ। ଫାଇନାଲ୍‌କୁ ଯୋଗ୍ୟତା ଅର୍ଜନ କରିଥିବା ଅନ୍ୟ ଆଥଲେଟମାନେ ହେଲେ ଇଂଲଣ୍ଡର ସିମ୍ପସ୍ ଉର୍ବିସାୟର (୪୮.୭୪), ଜେକ୍ ମିଶୁଂଲ (୪୮.୮୮), ଡୋମିନିକାର ଡେନିକ ଲୁକେ (୪୯.୦୭), ନାଇଜେରିଆର ଇଜେକିଏଲ ନାଥନିଏଲ (୪୮.୬୯), ଗର୍ନସେର ଅଲାଷ୍ଟେୟର ଚାର୍ଲ୍ସ (୫୮.୯୨) ଓ ଜାମାଇକାର ଆସିନି ୱିଲସନ୍ (୪୯.୧୯)।

# ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉଦ୍‌ଯାପନ ଉତ୍ସବରେ ଜଲୱା ଦେଖାଇବେ ଭାରତର ତାରକା

**ଗ୍ଲାସଗୋ**

ଅଗଷ୍ଟ ୨ ତାରିଖରେ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଉଦ୍‌ଯାପନ ଉତ୍ସବରେ ଜଲୱା ଦେଖାଇବେ ଭାରତର ତାରକା ଗାୟକ ଶଙ୍କର ମହାଦେବନ୍ ଓ ବିଶ୍ୱ ସୁନ୍ଦରୀ ମନୁଷ ଚିଲ୍ଲରଙ୍କ ସହ କିଛି ନାମୀ କଳାକାର। ଏହି ଅବସରରେ ୨୦୩୦ରେ ହେବାକୁ ଥିବା ଏହି ପ୍ରତିଯୋଗିତାର ଶତକୀୟ ସଂସ୍କରଣ ଆୟୋଜନ ଅଧିକାର ପାଇଥିବା ଅହମଦାବାଦକୁ ସ୍ୱାଗତ କରାଯିବା ସହ ଭାରତକୁ ପତାକା ହସ୍ତାନ୍ତର କରାଯିବ।

ଆଗାମୀ ସଂସ୍କରଣର ଆୟୋଜକ ପତାକା ହସ୍ତାନ୍ତର ଉତ୍ସବ ବେଳେ ଭାରତର ସଂସ୍କୃତି ଓ ରାଜ୍ୟଗୋଷ୍ଠୀ ପରିବାର ସହଭାଗିତାର ପ୍ରଦର୍ଶନ କରାଯିବ। ଏହି ଉଦ୍‌ଯାପନୀ ଉତ୍ସବର ହାଇଡ୍ରୋ ଷ୍ଟେଜରେ ଭାରତର ନାମୀ ମ୍ୟୁଜିକ୍ ଓ ଡ୍ୟାନ୍ସ ତାରକା ସେମାନଙ୍କ କଳାନିପୁଣ ଦେଖାଇବେ। ପ୍ରଥମେ ଭାରତର ଜାତୀୟ ଗୀତ ୧୫୦ ପୂର୍ତ୍ତି ପାଳନ କରୁଥିବା 'ବନ୍ଦେ ମାତରମ୍'ରେ ଅଭିନେତ୍ରୀ ମନୁଷ ଚିଲ୍ଲର ଓ ତାଙ୍କ ସାଥୀମାନଙ୍କ ସହ ନୃତ୍ୟ କରି ଭାରତର ସଂସ୍କୃତିକୁ ଜୀବନ୍ତ କରିବେ। ଏହାପରେ ଭାରତର ସୀତାରବାଦକ ଋଷବ ରିଖିରାମ ଶର୍ମା ଓ ସ୍କଟଲାଣ୍ଡର ପାଇପର ରସ୍ ଏଇନସିଲେ ଯୁଗଳବନ୍ଦୀ ବାଦ୍ୟରେ ଗ୍ଲାସଗୋ ୨୦୨୬ରୁ ଅହମଦାବାଦ ୨୦୩୦କୁ ଯୋଡ଼ିବେ। ଶେଷରେ ଶତକୀୟ ସଂସ୍କରଣ ଆୟୋଜନ କରିବାକୁ ଥିବା ଗୁଜରାଟକୁ ସମ୍ମାନ ପ୍ରଦାନ କରାଯିବ। ଶଙ୍କର ମହାଦେବନଙ୍କ ରଚିତ ଓ ପ୍ରଦର୍ଶିତ କିଛି ପ୍ରମୁଖ ଗୀତରେ ସେ ଓ ତାଙ୍କର ଦୁଇ ପୁଅ ସିଦ୍ଧାର୍ଥ ଓ ଶିବମ୍‌ଙ୍କ ସହ ଅନ୍ୟ ଭାରତୀୟ କଳାକାର ପ୍ରଦର୍ଶନ କରିବେ। ଏଥିରେ ଗୁଜରାଟର ଭୁମ୍ ତ୍ରିବେଦୀ ମଧ୍ୟ ରହିଛନ୍ତି।









# ପୁରୁଷ ୧୦୦ ମିଟର ଟି୪୭ରେ ଭାରତକୁ ଐତିହାସିକ ୧-୨ ସଫଳତା

**ଗ୍ଲାସଗୋ**

ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ପୁରୁଷ ୧୦୦ ମିଟର ଟି୪୭ରେ ଯୁଗଳ ଖୁସି ମିଳିଛି। ଦୁଇ ଭାରତୀୟ ପାରା ଖେଳାଳି ଦିଲୀପ ଗର୍ବିତ ଓ ମହମ୍ମଦ ବାସିଲ ଦେଶ ପାଇଁ ଐତିହାସିକ ୧-୨ ପୋଡିୟମ୍ ଫିନିସ୍ ସଫଳତା ଆଣିଛନ୍ତି। ବୁଧବାର ରାତିରେ ଟି୪୭ ୧୦୦ ମିଟର ଦୌଡ଼ରେ ଏହି ଦୁଇ ଭାରତୀୟ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହି ସ୍ୱର୍ଣ୍ଣ ଓ ରୌପ୍ୟ ପଦକ କରାୟତ୍ତ କରିଛନ୍ତି।

ଗର୍ବିତ ୧୦.୭୧ ସେକେଣ୍ଡରେ ରେସ୍ ଶେଷ କରି ସ୍ୱର୍ଣ୍ଣ ଜିତିଥିଲା ବେଳେ ତାଙ୍କଠୁ ୦.୧୨ ସେକେଣ୍ଡ ଅଧିକ ସମୟ ନେଇ ବାସିଲ (୧୦.୮୩) ରୌପ୍ୟ ପାଇଥିଲେ। ସ୍ୱର୍ଣ୍ଣ ବିଜୟ ସହ ଗର୍ବିତଙ୍କ ଏହି ସମୟ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ନୂଆ ରେକର୍ଡ କରିଥିଲା। ଏଥିସହ ଉଭୟ ଗର୍ବିତ ଓ ବାସଲଙ୍କ ଏହା ମଧ୍ୟ ଚଳିତ ଋତୁର ଶ୍ରେଷ୍ଠ ସମୟ ହୋଇଥିଲା। ଏହା ମଧ୍ୟ ଚଳିତ ଗ୍ଲାସଗୋ କ୍ରୀଡ଼ାରେ ଭାରତର ତୃତୀୟ ସ୍ୱର୍ଣ୍ଣ ପଦକ।

# ପୂର୍ବତନ ଭାରତୀୟ ଅଧିନାୟକ ରାହାଣେଙ୍କ ଅବସର

**ମୁମ୍ବାଇ**

ପୂର୍ବତନ ଭାରତୀୟ ଅଧିନାୟକ ଅଜିଙ୍କ୍ୟ ରାହାଣେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ଘୋଷଣା କରିଛନ୍ତି। ଫଳରେ ଜଣେ ସଫଳ ଭାରତୀୟ ଖେଳାଳିଙ୍କ ୧୩ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରରେ ଅନ୍ତ ଘଟିଛି। ଦେଶ ପକ୍ଷରୁ ରାହାଣେ ୮୫ ଟେଷ୍ଟ, ୯୦ ଦିନିକିଆ ଓ ୨୦ ଟ୍ୱେଣ୍ଟି-୨୦ ଖେଳିଛନ୍ତି। ଟେଷ୍ଟରେ ସେ ୩୮.୪୬ ହାରରେ ମୋଟ ୫୦୭୭ ରନ୍ କରିଛନ୍ତି। ରାହାଣେ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରି ନିଜ ଅବସର ବିଷୟରେ ସୂଚନା ଦେଇଛନ୍ତି। ଏହି ଭିଡିଓରେ ସେ କହିଛନ୍ତି, ''ସମୟକୁ ସମ୍ମାନ ଦେଇ ଆଗକୁ ବଢ଼ିବାକୁ ପଡ଼ିବ। ମୁଁ ସବୁବେଳେ ମୋର ବ୍ୟାଟିଂ ସମୟ ଉପରେ ନିର୍ଭର କରିଆସିଛି ଏବଂ ଏହାର ଗୁରୁତ୍ୱକୁ ବୁଝିଛି। ଆଜି, ଅନୁଭବ କରୁଛି ଯେ ମୋ ପାଇଁ ସେହି ସମୟ ଆସିଛି। ଅନ୍ତର୍ଜାତୀୟ କ୍ରିକେଟର ସମସ୍ତ ଫର୍ମାଟରୁ ଅବସର ଘୋଷଣା କରିବା ଏହା ଠିକ୍ ସମୟ। ଜଣେ ବାଳକ ଭାବେ ଅଭ୍ୟାସ ପାଇଁ ଡୋମ୍ବିଭଲିରୁ ଯାତ୍ରା କରି ମୁଁ ଏହି ଖେଳକୁ ମୋର ସବୁକିଛି ଦେଇଥିଲି। ପ୍ରତ୍ୟେକ ଦିନ, ପାଳି, ସୁଯୋଗରେ ମୋତେ ବ୍ୟାଟିଂ କରିବାକୁ ମିଳିଛି। ମୋର ସ୍ୱପ୍ନ ସର୍ବଦା ଭାରତୀୟ ଟୋପି ପିନ୍ଧିବା ଥିଲା''।



ବିଦେଶରେ ଭାରତର ସବୁଠାରୁ ଭରସାଯୋଗ୍ୟ ବ୍ୟାଟର୍ ଭାବେ ପରିଚିତ ୩୮ ବର୍ଷୀୟ ରାହାଣେ ପୁଣି କହିଛନ୍ତି ଯେ ''ଜଣେ ଭାରତୀୟ କ୍ରିକେଟର୍ ଭାବେ ମୋର ଅଧ୍ୟାୟ ଶେଷ ହେଉଥିଲେ ମଧ୍ୟ, ଖେଳ ସହିତ ମୋର ଯାତ୍ରା ଶେଷ ହୋଇନି। ମୁଁ ପରବର୍ତ୍ତୀ ପିଢ଼ିକୁ ଏହି ଖେଳ ମୋତେ ଶିଖାଇଥିବା ମୂଲ୍ୟବୋଧକୁ ବାଣ୍ଟିବାକୁ ଏବଂ ସବୁକିଛି ଦେଇଥିବା ଏହି ଖେଳକୁ ଫେରାଇବାକୁ ଅପେକ୍ଷା କରିଛି। ଖେଳରେ ଅନେକ ବିଜୟ ଓ ପରାଜୟ ହୋଇଛି, କିନ୍ତୁ କ୍ରିକେଟ୍ ଖେଳିବା, ବିଭିନ୍ନ ଦଳର ଅଂଶ ହେବା ଏବଂ ସ୍ମୃତି ଛାଡ଼ିବାର ମୋ ପାଇଁ ବଡ଼ ଆନନ୍ଦ ଥିଲା। 'ଆଜିଙ୍କ୍ୟମ୍' ଅର୍ଥ ଅପରାଜେୟ। କିନ୍ତୁ କ୍ରିକେଟ୍ ମୋତେ ବହୁଥର ପରାଜୟ ଦେଖାଇଛି। କ୍ରିକେଟର୍ ଭାବେ ଅମେ ସଫଳ ହେବା ଅପେକ୍ଷା ଅଧିକ ଥର ବିଫଳ ହେଉ। ମୋ ଦଳ ହାରିଛି, ମୁଁ ଭୁଲ୍ କରିଛି, କିନ୍ତୁ ଗୋଟିଏ ସ୍ଥାନରେ ମୁଁ ପରାଜିତ ହୋଇନି। ସେହି ସ୍ଥାନ ହେଉଛି ଆପଣଙ୍କ ହୃଦୟ। ଆପଣଙ୍କ ଭଲ ପଇବା, ବିଶ୍ୱାସ, ସମର୍ଥନ ପାଇଁ ଧନ୍ୟବାଦ। 'କ୍ୟାପ୍ ୨୭୮'ର ବିଦାୟ''।

୨୦୨୦-୨୧ରେ ରାହାଣେଙ୍କ ନେତୃତ୍ୱରେ ଭାରତ ୨-୧ରେ ଅଷ୍ଟ୍ରେଲିଆ ବିପକ୍ଷ ଟେଷ୍ଟ ଶୃଙ୍ଖଳା ଜିତିବା ସର୍ବଦା ମନେରହିବ।ଆଡିଲେଡ୍ ଟେଷ୍ଟ ପରେ ବିରାଟ କୋହଲି ସ୍ୱଦେଶ ଫେରିବା ପରେ ଭାରତ ଏହି ବିଜୟ ପାଇଥିଲେ। ନିଜର ଦ୍ୱିତୀୟ ରଣଜୀ ଋତୁରେ ୧୦୦୦ରୁ ଊର୍ଦ୍ଧ୍ୱ ରନ୍ କରି ସେ ୨୦୧୩ରେ ଭାରତରୁ ଟେଷ୍ଟ ପଦାର୍ପଣ ସୁଯୋଗ ପାଇଥିଲେ। ୨୦୧୪ରେ ଡର୍ବାନରେ ଭଲ ପ୍ରଦର୍ଶନ କରିବା ପରେ ୱେଲିଂଟନ୍‌ରେ ପ୍ରଥମ ଟେଷ୍ଟ ଶତକ ହାସଲ କରିଥିଲେ। ଏହାପରେ ଲର୍ଡ୍‌ସରେ ତାଙ୍କ ୧୦୩ ରନର ପାଳି ବଳରେ ଭାରତ ଏହି ଭେନ୍ୟୁରେ ୨୮ ବର୍ଷ ପରେ ଟେଷ୍ଟ ବିଜୟ ସ୍ୱାଦ ପାଇଥିଲା। ୨୦୨୨ରେ ତାଙ୍କୁ ଦଳରୁ ବାଦ୍ ଦିଆଯାଇଥିଲା। ୨୦୨୩ରେ ବିଶ୍ୱ ଟେଷ୍ଟ ଚାମ୍ପିଅନ୍ସ ଫାଇନାଲ୍‌କୁ ଫେରିଥିଲେ ସେ। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ଏହି ମ୍ୟାଚ୍ ହାରିଥିଲେ ମଧ୍ୟ ସେ ଟପ୍ ସ୍କୋରର୍ ରହିଥିଲେ।

# ୨୦୨୭ ବିଶ୍ୱକପ ଲାଗି ଟିମ୍‌ରେ ୧୭ ଖେଳାଳି ରହିବାକୁ ଆଇସିସି ନିକଟରେ ଦାବି କଲା ଅଷ୍ଟ୍ରେଲିଆ

**ନୂଆଦିଲ୍ଲୀ**

ୱାନଡେ ବିଶ୍ୱକପ ଆସନ୍ତା ବର୍ଷ ହେବ। ଯେଉଁଥିଲାଗି ସବୁ ଦେଶ ନିଜ ନିଜ ସ୍ତରରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏବେ ସେହି ସମୟ ଅଟେ ଯେତେବେଳେ ସବୁ ଦେଶ ନିଜର ଫାଇନାଲ ଟିମ୍ ପକ୍କା କରୁଛନ୍ତି। କେତେକ ଥର ହୋଇଥାଏ କି ଭଲ ଖେଳାଳିଙ୍କୁ ବି ଡ୍ରପ୍ ହେବାକୁ ପଡ଼ିଥାଏ। ପ୍ରକାଶ ଯେ, ଏହା ଟିମ୍ କମ୍ବିନେଶନ ଉପରେ ସୁନିଶ୍ଚିତ ହୋଇଥାଏ। ଉଦାହରଣ ସ୍ୱରୂପ, ଯଦି ଆପଣଙ୍କ ପାଖରେ ୪ ଜଣ ଭଲ ବ୍ୟାଟର ଅଛନ୍ତି, କିନ୍ତୁ କେବଳ ଜଣେ କିମ୍ବା ଦୁଇ ଜଣଙ୍କୁ ଦଳରେ ସାମିଲ କରାଯାଇପାରିବ ଫଳରେ କାହାକୁ ଭଲ ପ୍ରଦର୍ଶନ ପରେ ବି ନିରାଶ ହେବାକୁ ପଡ଼ିବ। ପ୍ରକାଶ ଯେ, ଯେ କୌଣସି ବୋର୍ଡ ବିଶ୍ୱକପ୍ ପାଇଁ ସର୍ବାଧିକ ୧୫ଜଣ ଖେଳାଳିଙ୍କୁ ଚୟନ କରିପାରିବ। ଅଷ୍ଟ୍ରେଲିଆର ବିଶ୍ୱକପ୍ ୨୦୨୩ ବିଜେତା ଦଳର ମୁଖ୍ୟ ପ୍ରଶିକ୍ଷକ ଆଣ୍ଡ୍ରୁ ମ୍ୟାକଡୋନାଲ୍ଡ ୧୭ ଜଣ ଖେଳାଳିଙ୍କୁ ଚୟନ କରିବାକୁ ଅନୁମତି ଦାବି କରିଛନ୍ତି।



୨୦୨୩ରେ ଫାଇନାଲ ପର୍ଯ୍ୟନ୍ତ ପହଞ୍ଚିଥିବା ଭାରତ ଏବଂ ଅଷ୍ଟ୍ରେଲିଆକୁ ୧୧ମ୍ୟାଚ୍ ଖେଳିବାକୁ ପଡ଼ିଥିଲା। କିନ୍ତୁ ୨୦୨୭ରେ ଫାଇନାଲ ସମେତ ୧୫ ମ୍ୟାଚ୍ ପର୍ଯ୍ୟନ୍ତ ଖେଳିବାକୁ ପଡ଼ିପାରେ। ଏଥିରୁ ଅତି କମ୍‌ରେ ୧୩ ମ୍ୟାଚ୍ ଫାଇନାଲ ପର୍ଯ୍ୟନ୍ତ ପ୍ରତ୍ୟେକ ଟିମକୁ ହିଁ ଖେଳିବାକୁ ପଡ଼ିବ। ଏଥର ୪ ଟିମ୍ ବଢିଯାଇଛି। ଭାରତରେ ହୋଇଥିବା ଗତ ସଂସ୍କରଣରେ ୧୦ ଟିମ୍ ଖେଳିଥିଲେ। ଏଥର ମୋଟ୍ ଟିମ୍ ସଂଖ୍ୟା ୧୪କରିଦିଆଯାଇଛି। ପ୍ରାୟ ୫୭ ମ୍ୟାଚ୍ ହେବ। ଏଥର ଗ୍ରୁପ୍ ଷ୍ଟେଜ ପରେ ସୁପର-୭ ରାଉଣ୍ଡ ବି ହେବ। ପରେ ସେମିଫାଇନାଲ ହେବ ଯାହାକି ପୂର୍ବରୁ ଗ୍ରୁପ୍ ଷ୍ଟେଜ୍ ପରେ ସିଧା ସେମିଫାଇନାଲ ହେଉଥିଲା।

ଆଣ୍ଡ୍ରୁ ମ୍ୟାକଡୋନାଲ୍ଡ ଏକ ସାକ୍ଷାତକାରରେ କହିଛନ୍ତି କି, 'ଯଦି ଏହା ସବୁଠାରୁ ବଡ଼ ଇଭେଣ୍ଟ ହେବାକୁ ଯାଉଛି, ତେବେ ଦଳର ଆକାର କିଭଳି ହେବ? ଗତ ବିଶ୍ୱକପରେ, ୧୫ଜଣ ଖେଳାଳୀଙ୍କୁ ଚୟନରେ ଆମ ସାମ୍ନାରେ ବହୁତ ଦ୍ୱନ୍ଦ୍ୱ ଥିଲା। ନ୍ୟୁଜିଲ୍ୟାଣ୍ଡ ମଧ୍ୟ ସମାନ ପରିସ୍ଥିତିରେ ଥିଲା ଏବଂ ସେମାନଙ୍କର ଅନେକ ଖେଳାଳି ଆହତ ହୋଇଥିଲେ। ଆମେ ଟୁର୍ଣ୍ଣାମେଣ୍ଟ ଆରମ୍ଭରେ କେବଳ ୧୨-୧୩ଜଣ ଖେଳାଳିଙ୍କୁ ଖେଳାଇପାରିବୁ ଯାହା ଫଳରେ ଅନ୍ୟ ଖେଳାଳିମାନେ ପରେ ଖେଳିପାରିବେ। ଆପଣ ଯେପରି ଚାହିଁବେ ସେପରି ଦଳକୁ ଖେଳିପାରିବେ ନାହିଁ। ଅନେକ ସ୍ଥାନରେ ପରିସ୍ଥିତି ବହୁତ ପରିବର୍ତ୍ତନ ହୁଏ।'

# ପୂର୍ବାଞ୍ଚଳ ଦଳରେ ଖେଳିବେ ୪ ଓଡ଼ିଆ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ୨୦୨୬ ଦୁଲୀପ ଟ୍ରଫି ପାଇଁ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଅଭିଜ୍ଞ ବ୍ୟାଟର୍ ଶୁଭ୍ରାଂଶୁ ସେନାପତି ସ୍ଥାନ ପାଇଛନ୍ତି । ଏହି ପ୍ରତିଯୋଗିତା ଅଗଷ୍ଟ ୨୩ରୁ ସେପ୍ଟେମ୍ବର ୧୦ ପର୍ଯ୍ୟନ୍ତ ବେଙ୍ଗାଲୁରୁ ସ୍ଥିତ ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଆୟୋଜିତ ହେବ । ୧୫ ସଦସ୍ୟ ବିଶିଷ୍ଟ ପୂର୍ବାଞ୍ଚଳ ଦଳରେ ପାଞ୍ଚ ଜଣ ଅନ୍ତର୍ଜାତୀୟ କ୍ରିକେଟର ସ୍ଥାନ ପାଇଛନ୍ତି। ସମ୍ବିତ ଏସ୍.ବରାଳ ଓ ସ୍ୱସ୍ତିକ ସାମଲଙ୍କୁ ଷ୍ଟାଣ୍ଡବାଏ ଖେଳାଳି ଭାବେ ଚୟନ କରାଯାଇଛି । ଏହାସହ ଓଡ଼ିଶାର ପ୍ରୀତମଜିତ ଦାସ ପୂର୍ବାଞ୍ଚଳ ଦଳର ସହକାରୀ କୋଚ୍ ଭାବେ ନିଯୁକ୍ତ ହୋଇଛନ୍ତି । ପୂର୍ବାଞ୍ଚଳ ଦଳ ଆସନ୍ତା ଅଗଷ୍ଟ ୨୩ ତାରିଖରେ ଉତ୍ତରାଞ୍ଚଳ ବିପକ୍ଷରେ ନିଜର ପ୍ରଥମ ମ୍ୟାଚ୍ ଖେଳିବ । ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ)ର ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ ପଦାଧିକାରୀ ଓ ସଦସ୍ୟ ଶୁଭ୍ରାଂଶୁ ସେନାପତି, ସମ୍ବିତ ଏସ୍. ବରାଳ, ସ୍ୱସ୍ତିକ ସାମଲ ଓ ପ୍ରୀତମଜିତ ଦାସଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସୂଚନାଯୋଗ୍ୟ, ପୂର୍ବାଞ୍ଚଳ ଦଳରେ ବହୁ ଭାରତୀୟ ଖେଳାଳି ସ୍ଥାନ ପାଇଛନ୍ତି । ଭାରତୀୟ ୱିକେଟରକ୍ଷକ ବ୍ୟାଟର୍ ଇଶାନ୍ କିଷନ ଅଧିନାୟକ ଓ ବୈଭବ ସୂର୍ଯ୍ୟବଂଶୀ ଉପଅଧିନାୟକ ମନୋନୀତ ହୋଇଛନ୍ତି । ମହମ୍ମଦ ସାମି ଓ ମୁକେଶ କୁମାର ଦଳରେ ମଧ୍ୟ ସାମିଲ୍ ହୋଇଛନ୍ତି ।



ଶୁଭ୍ରାଂଶୁ ସେନାପତି



ସମ୍ବିତ ଏସ୍.ବରାଳ



ସ୍ୱସ୍ତିକ ସାମଲ

# ରାଜ୍ୟସ୍ତରୀୟ ଭାରୋତ୍ତୋଳନ ପ୍ରତିଯୋଗୀତାରେ କେନ୍ଦ୍ରାପଡ଼ାର ଗଙ୍ଗୋତ୍ରୀ ଓ କୃଷ୍ଣଙ୍କୁ ସିଲଭର ମେଡାଲ୍

**କେନ୍ଦ୍ରାପଡା, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟସରକାରଙ୍କର କ୍ରୀଡା ଓ ଯୁବ ସେବା ବିଭାଗ ଏବଂ ଓଡିଶା ରାଜ୍ୟ ଭାରୋତ୍ତଳନ ସଂଘର ମିଳିତ ସହଯୋଗରେ ଚଳିତ ମାସ ୨୪ ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱରଠାରେ ରାଜ୍ୟସ୍ତରୀୟ ଭାରୋତ୍ତଳନ ୧୨ ବର୍ଷରୁ କମ୍ ଓ ୧୪ ବର୍ଷରୁ କମ୍ ବାଳକ ଓ ବାଳିକା ମାନଙ୍କର ଭାରୋତ୍ତଳନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡା ଜିଲ୍ଲାରୁ ମୋଟ୍ ୯ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ପଟ୍ଟାମୁଣ୍ଡାଇ ବହୁମୁଖୀ ଇନ୍ଦୋର ଷ୍ଟାଡିୟମ୍‌ର କୃଷ୍ଣ ନାୟକ ଦ୍ୱିତୀୟ ସ୍ଥାନ ଅଧିକାର କରି ସିଲଭର ମେଡାଲ୍ ହାସଲ କରିଥିବାବେଳେ ୧୪ ବର୍ଷରୁ କମ୍ ବାଳିକା ବର୍ଗର ୫୫ କିଲୋଗ୍ରାମ୍ ଓଜନ ବିଭାଗରେ କେନ୍ଦ୍ରାପଡା ବହୁମୁଖୀ ଇନ୍ଦୋର ଷ୍ଟାଡିୟମ୍‌ର ଗଙ୍ଗୋତ୍ରୀ ରାଉତ ଦ୍ୱିତୀୟ ସ୍ଥାନ ଅଧିକାର କରି ସିଲିଭର ମେଡାଲ୍ ଜିତିଛନ୍ତି। ଉଭୟ ପ୍ରତିଯୋଗୀତାର ମୁଖ୍ୟ ଅତିଥିମାନଙ୍କ ଠାରୁ ସିଲିଭର୍ ମେଡାଲ୍ ଓ ପ୍ରମାଣ ପତ୍ର ଗ୍ରହଣ କରିଥିଲେ। ଏହି ସଫଳତା ପାଇଁ ଜିଲ୍ଲାପାଳ ରଘୁରାମ୍ ଆର୍. ଆୟାର୍, ଅତିରିକ୍ତ ଜିଲ୍ଲାପାଳ ନବକ୍ରୀଷ୍ଣ ଜେନା ଓ ରବିନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ଏମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ ଉପସ୍ଥିତ ଥିଲେ।

### ଗୁଣାତ୍ମକ ଅନୁବାଦ ଓ ବହୁଭାଷୀ ଯୋଗାଯୋଗ ସୁଦୃଢ଼ୀକରଣ ଉପରେ ପିଆଇବିର ଗୁରୁତ୍ୱ

# ଅନୁବାଦ ଜ୍ଞାନ ଓ ସଂସ୍କୃତିକୁ ସଂଯୋଗ କରୁଥିବା ଏକ ସେତୁ : ଅଖିଳ କୁମାର ମିଶ୍ର

**ଭୁବନେଶ୍ୱର, ପିଆଇବି**

ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି), ଭୁବନେଶ୍ୱର ପକ୍ଷରୁ ଗୁରୁବାର ତାଲିକାଭୁକ୍ତ ଅନୁବାଦକ ଓ ସମ୍ପାଦକ ମାନଙ୍କ ସହ ଏକ ମତବିନିମୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସରକାରୀ ସୂଚନାକୁ ଦ୍ରୁତ, ସଠିକ୍ ଏବଂ ପ୍ରଭାବୀ ଢଙ୍ଗରେ ଆଞ୍ଚଳିକ ଭାଷାରେ ଲୋକଙ୍କ ନିକଟରେ ପହଞ୍ଚାଇବା ସହ ଅନୁବାଦ ଓ ସମ୍ପାଦନ କାର୍ଯ୍ୟର ଗୁଣାତ୍ମକ ମାନ ବୃଦ୍ଧି କରିବା ଏହି ବୈଠକର ପ୍ରମୁଖ ଉଦ୍ଦେଶ୍ୟ ଥିଲା। କର୍ମଶାଳାରେ ଅଧ୍ୟକ୍ଷତା କରି ପିଆଇବି ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି), ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କହିଥିଲେ ଯେ ଅନୁବାଦ କେବଳ ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଶବ୍ଦର ରୂପାନ୍ତର ନୁହେଁ, ବରଂ ଏହା ଜ୍ଞାନ, ଚିନ୍ତାଧାରା ଓ ସଂସ୍କୃତିକୁ ସଂଯୋଗ କରୁଥିବା ଏକ ସେତୁ। ସେ କହିଥିଲେ ଯେ ଭାଷାଗତ ଓ ସାଂସ୍କୃତିକ ପ୍ରସଙ୍ଗ, ପାରିଭାଷିକ ଶବ୍ଦାବଳୀ, ବ୍ୟାକରଣ ଏବଂ ପାଠକଙ୍କ ବୁଝିବା କ୍ଷମତାକୁ ଦୃଷ୍ଟିରେ ରଖି ଅନୁବାଦ କରାଯିବା ଉଚିତ। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଭଳି ପ୍ରଯୁକ୍ତି ଅନୁବାଦକୁ ସହଜ କରିଥିଲେ ମଧ୍ୟ ମାନବୀୟ ବିଚାରବୋଧ, ଭାଷାର ସମ୍ବେଦନଶୀଳତା ଓ ପ୍ରାସଙ୍ଗିକତାର କୌଣସି ବିକଳ୍ପ ନାହିଁ। ଅନୁବାଦକମାନଙ୍କ ମଧ୍ୟରେ ନିୟମିତ ମତବିନିମୟ ଏବଂ ସକ୍ରିୟ ପେସାଦାରମାନଙ୍କୁ ପ୍ରସ୍ତୁତ କରିବାର ଆବଶ୍ୟକତା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ସଭାକୁ ସମ୍ବୋଧିତ କରି ବରିଷ୍ଠ ସାମ୍ବାଦିକ ଡ. ଅଶୋକ ପଣ୍ଡା କହିଥିଲେ ଯେ, ଅନୁବାଦ କେବଳ ଏକ ବୃତ୍ତି ନୁହେଁ, ବରଂ ସମାଜକୁ ଜ୍ଞାନ ଓ ସୂଚନା ସହ ଯୋଡ଼ିବାର ଏକ ଶକ୍ତିଶାଳୀ ମାଧ୍ୟମ। ଅନୁବାଦକମାନେ କେବଳ ଫଳାଫଳ କିମ୍ବା ପାରିଶ୍ରମିକ ଉପରେ ନୁହେଁ, ବରଂ କାର୍ଯ୍ୟର ଉଦ୍ଦେଶ୍ୟ, ଗୁଣବତ୍ତା ଏବଂ ସମାଜ ପ୍ରତି ଏହାର ପ୍ରଭାବ ଉପରେ ଗୁରୁତ୍ୱ ଦେବା ଉଚିତ। 'Cultural Agility' ବା ସାଂସ୍କୃତିକ ଅନୁକୂଳନ କ୍ଷମତାର ବିକାଶ ମାଧ୍ୟମରେ ବିଭିନ୍ନ ଭାଷା ଓ ସଂସ୍କୃତି ମଧ୍ୟରେ ସେତୁବନ୍ଧ ସୃଷ୍ଟି କରିବା ସହ ଶିଖିବା ଏବଂ ଶିଖାଇବାର ମନୋଭାବ ଗଢ଼ି ତୋଳିବାକୁ ସେ ଅନୁବାଦକମାନଙ୍କୁ ଆହ୍ୱାନ ଦେଇଥିଲେ। ଆରଆଇଇ, ଭୁବନେଶ୍ୱରର ଓଡ଼ିଆ ବିଭାଗର ସହକାରୀ ପ୍ରାଧ୍ୟାପକ ଦେବାଶିଷ ମହାପାତ୍ର କହିଥିଲେ ଯେ, ଅନୁବାଦ କେବଳ ଗୋଟିଏ ଭାଷାରୁ ଅନ୍ୟ ଭାଷାକୁ ଶବ୍ଦର ରୂପାନ୍ତର ନୁହେଁ, ବରଂ ମୂଳ ଭାଷାର ଭାବ, ପ୍ରସଙ୍ଗ ଓ ସାଂସ୍କୃତିକ ଚେତନାକୁ ଲକ୍ଷ୍ୟ ଭାଷାରେ ସଠିକ୍ ଭାବେ ଉପସ୍ଥାପନ କରିବାର ଏକ ସୃଜନଶୀଳ ପ୍ରକ୍ରିୟା। ଉତ୍କୃଷ୍ଟ ଅନୁବାଦ ପାଇଁ ଭାଷାଗତ ଦକ୍ଷତା ସହ ଭାଷା, ସାଂସ୍କୃତିକ ପ୍ରସଙ୍ଗ ଓ ଭାଷାର ଭାବଗତ ମାଧୁର୍ଯ୍ୟ ସମ୍ପର୍କରେ ସମ୍ୟକ୍ ଜ୍ଞାନ ଅପରିହାର୍ଯ୍ୟ। ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ) ଅନୁବାଦ କାର୍ଯ୍ୟକୁ ସହଜ କରୁଥିଲେ ମଧ୍ୟ ଭାବାନୁବାଦ, ପ୍ରାସଙ୍ଗିକତା ଏବଂ ମାନବୀୟ ବିଚାରଶକ୍ତିର କୌଣସି ବିକଳ୍ପ ନାହିଁ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି ମତବିନିମୟ କାର୍ଯ୍ୟକ୍ରମରେ ସରକାରୀ ସୂଚନାର ଗୁଣାତ୍ମକ ଅନୁବାଦ, ପାରିଭାଷିକ ଶବ୍ଦାବଳୀର ସଠିକ୍ ବ୍ୟବହାର, ସମୟୋପଯୋଗୀ ଅନୁବାଦ ଓ ସମ୍ପାଦନ, ଏବଂ ଡିଜିଟାଲ୍ ମାଧ୍ୟମ ପାଇଁ ବିଷୟବସ୍ତୁ ପ୍ରସ୍ତୁତି ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ତାଲିକାଭୁକ୍ତ ଅନୁବାଦକ ଓ ସମ୍ପାଦକମାନେ ମଧ୍ୟ ନିଜ ଅଭିଜ୍ଞତା ବାଣ୍ଟିବା ସହ ଅନୁବାଦ କାର୍ଯ୍ୟକୁ ଆହୁରି ଫଳପ୍ରଦ କରିବା ପାଇଁ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ରଖିଥିଲେ। ସରକାରୀ ସୂଚନାକୁ ଅଧିକ ପ୍ରଭାବଶାଳୀ ଭାବେ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ପିଆଇବି ଓ ତାଲିକାଭୁକ୍ତ ଅନୁବାଦକ-ସମ୍ପାଦକମାନଙ୍କ ମଧ୍ୟରେ ନିରନ୍ତର ସମନ୍ୱୟ, ମତବିନିମୟ ଏବଂ ସହଯୋଗକୁ ଆହୁରି ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ପିଆଇବିର ସହକାରୀ ନିର୍ଦ୍ଦେଶକ ଶ୍ରୀ ମହେନ୍ଦ୍ର ପ୍ରସାଦ ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ପିଆଇବି ଭୁବନେଶ୍ୱରର ଗଣମାଧ୍ୟମ ଏବଂ ଯୋଗାଯୋଗ ଅଧିକାରୀ ସ୍ୱାଧୀନ ଶକ୍ତି ପ୍ରସାଦ ଉଦ୍‌ଘାଟନୀ ଅଭିଭାଷଣ ରଖି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି)ର ସହକାରୀ ନିର୍ଦ୍ଦେଶକ ପ୍ରଦୀପ କୁମାର ଚୌଧୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# 'ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜରେ ବୁମ୍‌ରାଙ୍କୁ ଚୟନ କରିବାର ନଥିଲା' : ଅଶ୍ୱିନୀ

**ନୂଆଦିଲ୍ଲୀ**

ଶ୍ରୀଲଙ୍କା ଗସ୍ତରେ ଯିବ ଟିମ୍ ଇଣ୍ଡିଆ। ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳାଯିବ। ତେବେ ଦଳରେ ଷ୍ଟାର ପେସର ବୋଲର ଜଶ୍‌ପ୍ରିତ୍ ବୁମ୍‌ରା ସ୍ଥାନ ପାଇଛନ୍ତି, ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଟିମ୍ ଇଣ୍ଡିଆର ପୂର୍ବତନ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନୀ। ଦଳରେ କାହିଁକି ବୁମ୍‌ରାଙ୍କୁ ସ୍ଥାନ ଦିଆଗଲା ଯାହା ଉପରେ ନିଜର ପ୍ରତିକ୍ରିୟା ରଖିଛନ୍ତି ଅଶ୍ୱିନୀ। ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ଏହି ନିଷ୍ପତ୍ତି ଉପରେ ରଖିଛନ୍ତି ଦୃଢ଼ ପ୍ରତିକ୍ରିୟା।

ଶ୍ରୀଲଙ୍କାର ପିଚ୍ ସ୍ପିନରଙ୍କୁ ସୁହାଉଥିବାବେଳେ ବୁମ୍‌ରାଙ୍କ ଚୟନ ଉପରେ ଅଶ୍ୱିନୀ ଉଠାଇଛନ୍ତି ପ୍ରଶ୍ନ। ସେ କହିଛନ୍ତି କି, ଯଦି ବି ବୁମ୍‌ରା ଶ୍ରୀଲଙ୍କା ବିପକ୍ଷ ସିରିଜ୍ ଖେଳିନଥାନ୍ତେ ତାହେଲେ ଦଳ ଉପରେ କୌଣସି ପ୍ରଭାବ ପଡ଼ିନଥାନ୍ତା। କେବଳ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ବୁମ୍‌ରାଙ୍କୁ ଖେଳାଇବା ଉଚିତ୍। କାରଣ ଆଗକୁ ବଡ଼ ଟୁର୍ଣ୍ଣାମେଣ୍ଟ ରହିଛି। ୨୦୨୭ ବିଶ୍ୱକପରେ ଭାରତର ବଡ଼ ଅସ୍ତ୍ର ହେବେ ବୁମରା। ଏଣୁ ତାଙ୍କୁ ଯଥା ସମ୍ଭବ ଚାପ ନଦେବା ଉଚିତ୍। ତାଙ୍କୁ ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ବିଶ୍ରାମ ଦେବା ସହ ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ଦଳରେ ସୁଯୋଗ ଦେବା ଜରୁରୀ ରହିଥିଲା।

13001/1342/2627

Phone No.: 06756 253091
Email id: ulbnac.banpur@gmail.com

OFFICE OF THE NOTIFIED AREA COUNCIL, BANPUR

No. 879 /Dt. 29.07.26 /

E-QUOTATION CALL NOTICE

Sealed quotations in plain paper / letter pad are invited from the intending Registered Firms / Authorized distributors / dealers having valid PAN Card and GSTIN for supply and installation of following items. complete in all respect of NAC Banpur. (Non Scheduled works).

| Sl No. | Description | Unit | Rate Figures | Rate In Words |
|---|---|---|---|---|
| 1 | Supplying and Installation Stainless Steel ( SS) Structure Gate by using 304 grade, frame 50mm x 50mm x 2.0mm SS Sq. tube internal members 40mm x40mm x 1.5mm / 25mm x 25mmx 1.20mm SS Sq. tube including SS Flat, plates, Sheets, Strips & Squarebar with Arrow and design shapes etc. of approved design drawing and dimension including cutting , welding, grinding and finishing, weld joints to be smooth, dressed and polished . hardware fittings etc. all materials, labour, T & P , Transportation, fabrication, Installation and Taxes for construction of Entrance Gate w.no 4 of Banapur NAC. | Per Kg | | |

The undersigned invites quotations from eligible firms for supply of the item as per specifications.

- **Submission Period:** Quotations must be submitted from **31.07.2026 at 10:30 AM** to **07.08.2026 at 5:00 PM.**
- **Opening of Quotations:** Quotations will be opened **10.08.2026 at 11:30 AM** in the presence of quotationers or their authorized representatives.
- **Validity:** Quotationers shall quote their unit price (inclusive of all taxes) for a validity period of **1 year.**
- **Mandatory Documents:** A copy of valid **PAN card, GSTIN** must be enclosed. Quotations without these documents will not be considered.
- **Rejection Clause:** Incomplete quotations or those received after the scheduled date and time will be summarily rejected.
- **Rights Reserved:** The undersigned reserves the right to reject any or all quotations without assigning any reason.
- **Website Availability:** This notice is also available on our office website: www.banpurnac.in. and also available in e-Governance Manager, Khordha.
- **Agreement & Payment:** The selected firm/quotationer will be invited to execute an agreement as per the decision of the Tender Committee. Payment will be made after completion of the work within the stipulated period, subject to submission of bills/vouchers.
- **Quotations paper** is available in the office during office hour.
- **Quotation paper cost** is Rs. 2000/- ( non refundable) is in cash.
- **No Speed post/ Regd. Post/ Ordinary post/ by hand will not be received.**
- The sealed envelope must contain filled quotation paper , pancard, GSTIN Certificate, Security Deposit.

**Yours Faithfully**

Executive Officer
Banapur NAC

OIPR : 13001/13177/1/26-27/0007





# ଆଦିତ୍ୟ ଆଲୁମିନିୟମ୍ ଦ୍ୱାରା ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜିତ

**ସମ୍ବଲପୁର ନ୍ୟୁଜ୍ ବ୍ୟୁରୋ**

ଆଦିତ୍ୟ ଆଲୁମିନିୟମ ଲପଙ୍ଗା ଓ ସ୍ୱାଧିନ ଏକତା ସଂଘଠନର ମିଳିତ ଆନୁକୁଲ୍ୟରେ ରାମଚନ୍ଦ୍ର ନଗର ସଭାଗୃହ, ନିଶାନଭଙ୍ଗା ପଞ୍ଚାୟତ ଠାରେ ଏକ ବିଶାଳ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଂସ୍ଥା ପୁନର୍ବାର ସମୁଦାୟ ସ୍ୱାସ୍ଥ୍ୟ ସେବା ଓ କଲ୍ୟାଣ ପ୍ରତି ନିଜର ଅଙ୍ଗୀକାରକୁ ପୁନଃସ୍ଥାପିତ କରିଛି। ଏହି ସ୍ୱାସ୍ଥ୍ୟ ଶିବିରରେ ଏକ ଦକ୍ଷ ଓ ପ୍ରସିଦ୍ଧ ବିଶେଷଜ୍ଞ ଡାକ୍ତର ଦଳ ଉପସ୍ଥିତ ରହି ସାଧାରଣ ଲୋକଙ୍କୁ ସମ୍ପୂର୍ଣ୍ଣ ଚିକିତ୍ସା ପରାମର୍ଶ ଓ ଚିକିତ୍ସା ସେବା ପ୍ରଦାନ କରିଥିଲେ। ଏହି ଚିକିତ୍ସକ ଦଳରେ ଡା. ନିହାର ରଞ୍ଜନ ହୋତା ( ଭେଷଜ ବିଶେଷଜ୍ଞ), ଡା. ଶିବାନୀ ବୈଦ୍ୟ ( ସ୍ତ୍ରୀ ରୋଗ ବିଶେଷଜ୍ଞ),ଡା. ସୁମିତ୍ କୌଶିକ



(ଅସ୍ଥିଶଲ୍ୟ ବିଶେଷଜ୍ଞ), ଡା. ରୋଜି ସାଥୁଆ (ଆବିଲିଟୀ ଫିଜିଓଥେରାପିଷ୍ଟ ଓ ରିହାବିଲିଟେସନ, ରେଙ୍ଗାଲି), ତ୍ରିଲୋଚନ ନେତ୍ରାଳୟ, ରେଙ୍ଗାଲିର ଟିମ୍ ଉପସ୍ଥିତ ରହି ଚିକିତ୍ସା ପ୍ରଦାନ କରିଥିଲେ। ଉକ୍ତ ଉଦ୍ଘାଟନୀ କାର୍ଯ୍ୟକ୍ରମ ଆଦିତ୍ୟ ଆଲୁମିନିୟମ କାରଖାନାର ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ ଓ ସିଏସଆରର ଉପପ୍ରବନ୍ଧକ ମନୋରଞ୍ଜନ ବେହେରା ଉପସ୍ଥିତ ରହିଥିଲେ । ଏଥିସହିତ ନିଶାନଭଙ୍ଗା ପଞ୍ଚାୟତର ସରପଞ୍ଚ ସରୋଜ ମେହେର, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ନବୀନ ପ୍ରଧାନଙ୍କ ଦ୍ୱାରା ଆନୁଷ୍ଠାନିକ ଭାବେ ଶିବିରଟିକୁ ଉଦ୍ଘାଟନ କରାଯାଇଥିଲା । ରାଜୀବ ମିଶ୍ର, ଅଧ୍ୟକ୍ଷ, ସ୍ୱାଧୀନ ଏକତା ସଙ୍ଗଠନ, ସ୍ଥାନୀୟ ପ୍ରତିନିଧି ଶ୍ରୀଯୁକ୍ତ ଟିଙ୍କୁ ମେହେର , ତହସିଲ ମେହେର ସହିତ ଆଦିତ୍ୟ ଆଲୁମିନିୟମ୍ ଲପଙ୍ଗାର ସି.ଏସ.ଆର୍ ଟିମ୍ ଓ ସ୍ୱାଧୀନ ଏକତା ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ। ନିଶାନଭଙ୍ଗା ପଞ୍ଚାୟତରୁ ୨୦୪ରୁ ଅଧିକ ରୋଗୀ ଏହି ଶିବିର ରେ ଯୋଗଦେଇ ନିଶୁଳ୍କ ଚିକିତ୍ସା ପରାମର୍ଶ, ନିଦାନ ଓ ଔଷଧ ସେବାର ଲାଭ ଉଠାଇଥିଲେ। ଏହି ପ୍ରୟାସର ଲକ୍ଷ୍ୟ ଥିଲା ଗ୍ରାମୀଣ ଲୋକ ମାନଙ୍କ ନିକଟରେ ସହଜ ଓ ଗୁଣବତ୍ତା ମୂଳକ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା। ଆଦିତ୍ୟ ଆଲୁମିନିୟମ୍ ଲପଙ୍ଗାର ଏହି ସିଏସଆର୍ କାର୍ଯ୍ୟକ୍ରମ ଅଧୀନରେ ଏପରି ପ୍ରୟାସ ଅଞ୍ଚଳର ଆବଶ୍ୟକ ସ୍ୱାସ୍ଥ୍ୟ ସମସ୍ୟାକୁ ସମାଧାନ କରିବା ସହ ସମୁଦାୟ ସହ ଦୃଢ଼ ସମ୍ପର୍କ ସୃଷ୍ଟିରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିଭାଉଛି। ଏଭଳି ମହତ ପୂର୍ଣ୍ଣ କାର୍ଯ୍ୟପାଇଁ ନିଶାନଭଙ୍ଗା ଗ୍ରାମବାସୀ ପ୍ରଶଂସା କରିଥିଲେ।

# ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ସୁରକ୍ଷା ବ୍ୟବସ୍ଥାର ନିରୀକ୍ଷଣ କଲେ ରାୟଗଡ଼ା ଡିଆରଏମ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ବର୍ଷା ଋତୁରେ ଲଗାତାର ବର୍ଷାକୁ ଦୃଷ୍ଟିରେ ରଖି ଟ୍ରେନ୍ ଚଳାଚଳକୁ ସୁରକ୍ଷିତ ଓ ନିରବଚ୍ଛିନ୍ନ ରଖିବା ଉଦ୍ଦେଶ୍ୟରେ ରାୟଗଡ଼ା ରେଳ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ (ଡିଆରଏମ୍) ଅମିତାଭ ସିଂଘଲ ରାୟଗଡ଼ା ରେଳ ମଣ୍ଡଳ ଅଧୀନରେ ଥିବା ବିଭିନ୍ନ ସମ୍ବେଦନଶୀଳ ରେଳ ବିଭାଗ ଗୁଡ଼ିକର ବ୍ୟାପକ ନିରୀକ୍ଷଣ କରିଛନ୍ତି । ବିଶେଷକରି ଘାଟି ସେକ୍ସନ୍ ରେ ପ୍ରବଳ ବର୍ଷା, ଟ୍ରାକ ଉପରେ ଜଳ ଜମା ହେବା, ପାହାଡ଼ରୁ ପଥର ଖସିବା ଓ ମାଟି ଧସିବା ଭଳି ବିପଦପ୍ରବଣ ସ୍ଥାନଗୁଡ଼ିକର ସୁରକ୍ଷା ବ୍ୟବସ୍ଥା ଉପରେ ସେ ଗୁରୁତ୍ୱ ଦେଇ ସମୀକ୍ଷା କରିଛନ୍ତି । ନିରୀକ୍ଷଣ ସମୟରେ ଶ୍ରୀ ସିଂଘଲ ରେଳ ଅଧିକାରୀମାନଙ୍କର ପ୍ରସ୍ତୁତିର ସମୀକ୍ଷା କରିବା ସହ ବିପଦପ୍ରବଣ କଟିଂ, ଟନେଲ୍, ଜଳ ନିଷ୍କାସନ ବ୍ୟବସ୍ଥା, ସିଗ୍ନାଲିଂ ସଂସ୍ଥାପନା ଏବଂ ରେଳପଥର ସ୍ଥିତିକୁ ଯାଞ୍ଚ କରିଥିଲେ। ସେ



କହିଛନ୍ତି ଯେ, ଯାତ୍ରୀ ଓ ଟ୍ରେନ୍ ସୁରକ୍ଷା ହିଁ ରାୟଗଡ଼ା ରେଳ ମଣ୍ଡଳର ସର୍ବୋଚ୍ଚ ପ୍ରାଥମିକତା। ବର୍ଷା ଋତୁରେ ସମସ୍ତ ସମ୍ବେଦନଶୀଳ ସ୍ଥାନ ଉପରେ ନିରନ୍ତର ନଜର ରଖିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଲଗାତାର ବର୍ଷା ସତ୍ତ୍ୱେ ଟ୍ରେନ୍ ଚଳାଚଳକୁ ସ୍ୱାଭାବିକ ରଖିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକର ମଧ୍ୟ ସେ ସମୀକ୍ଷା କରିଥିଲେ। ରେଳର ବିଭିନ୍ନ ଟିମ୍ ରେଳପଥର ସ୍ଥିତି ଉପରେ ୨୪ ଘଂଟିଆ ନଜର ରଖୁଛନ୍ତି, ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଜଳ ଜମାହେବାକୁ ତୁରନ୍ତ ଦୂର କରୁଛନ୍ତି ଏବଂ ସିଗ୍ନାଲିଂ ବ୍ୟବସ୍ଥାର ସଠିକ୍ କାର୍ଯ୍ୟକ୍ଷମତା ସୁନିଶ୍ଚିତ କରୁଛନ୍ତି। ପ୍ରତିକୂଳ ପାଗର ପ୍ରଭାବକୁ କମାଇ ଯାତ୍ରୀ ସୁରକ୍ଷା ବଜାୟ ରଖିବା ପାଇଁ ସମସ୍ତ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଉଛି। ରାୟଗଡ଼ା ରେଳ ମଣ୍ଡଳ ବର୍ଷା ଋତୁ ପୂର୍ବରୁ ହିଁ କୋଟାଭାଲାସା-କିରନ୍ଦୁଲ (କେକେ), କୋରାପୁଟ-ରାୟଗଡ଼ା (କେଆର) ଏବଂ ରାୟଗଡ଼ା-ବିଜୟନଗରମ (ଆରଭି) ରେଳ ମାର୍ଗ ଘାଟି ସେକ୍ସନ୍ ର ବିପଦପ୍ରବଣ ଅଂଚଳଗୁଡ଼ିକରେ ଭିତିଭୂମି ସୁରକ୍ଷା କାର୍ଯ୍ୟକୁ ତ୍ୱରାନ୍ୱିତ କରିଛି । ପାହାଡ଼ ଗଡାଣିଆ ଭାଗର ସ୍ଥିରତା ବୃଦ୍ଧି ପାଇଁ ରକ୍ ଫଲ୍ ବ୍ୟାରିୟର, ରକ୍ ବୋଲ୍ଟିଂ, ୱ୍ୟାର୍ ମେଶ୍ ନେଟିଂ କାର୍ଯ୍ୟ ବହୁତ ସ୍ଥାନରେ ସରିଯାଇଥିବାବେଳେ କେତେକ ସ୍ଥାନରେ ଏହି କାର୍ଯ୍ୟ ସାରିବାକୁ ଯାଉଅଛି । କେକେ, କେଆର ଓ ଆରଭି ରେଳ ସେକ୍ସନରେ ଏହି ସୁରକ୍ଷା କାର୍ଯ୍ୟରେ ଉଲ୍ଲେଖନୀୟ ପ୍ରଗତି ହୋଇଛି। କେତେକ ସ୍ଥାନରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା ବେଳେ ଅବଶିଷ୍ଟ ସ୍ଥାନଗୁଡ଼ିକରେ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ରହିଛି । ଦୀର୍ଘମିଆଦୀ ସମାଧାନ ପାଇଁ ଢାଳର ସ୍ଥିରତା ବୃଦ୍ଧି ଏବଂ ରେଳ ଭିତିଭୂମିକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଭୂତତ୍ତ୍ୱ ଓ ଭୂଭୌତିକ ଅଧ୍ୟୟନ ମଧ୍ୟ ଚାଲିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୩ଦିନ ଭିତରେ...

ନାହିଁ । ଛୁଆ ଏବଂ ବୟସ୍କ ଲୋକଙ୍କୁ ପ୍ରାଧାନ୍ୟ ଦିଅନ୍ତୁ । ଲୋକଙ୍କ ଧନ ସମ୍ପତ୍ତି ଯାହା କ୍ଷୟକ୍ଷତି ହେବ ତାଙ୍କୁ ଆମେ ଆଇନ ଅନୁଯାୟୀ ଯାହା ସମ୍ଭବ ଯୋଗାଇ ଦେବା । ଲୋକ ଯଦି ଆଶ୍ରୟ ସ୍ଥଳୀ ଛାଡୁଛନ୍ତି ତାଙ୍କୁ ପାଲ ସହ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଅନ୍ତୁ ବୋଲି ରାଜସ୍ୱ ମନ୍ତ୍ରୀ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ବନ୍ୟା ଯୋଗୁ କେତେ ଚାଷ ଜମି ନଷ୍ଟ ହୋଇଛି , କେତେ ଘର ଭାଙ୍ଗିଛି ତାର ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ରିପୋର୍ଟ ଆସିଲେ କ୍ଷତିପୂରଣ ଦିଆଯିବ ବୋଲି ରାଜସ୍ୱ ସଚିବ ଡ. ଅରବିନ୍ଦ ପାଢୀ କହିଛନ୍ତି । ନଦୀ ଓ ବନ୍ୟା ନିୟନ୍ତ୍ରଣ ଭିତ୍ତିଭୂମିର ନିରନ୍ତର ତଦାରଖ ପାଇଁ ଜଳ ସମ୍ପଦ ବିଭାଗ ପକ୍ଷରୁ କ୍ଷେତ୍ରସ୍ତରୀୟ ପ୍ରସ୍ତୁତିକୁ ଆହୁରି ଜୋରଦାର କରାଯାଇଛି। ବିଭାଗର ସମସ୍ତ ଅଧିକାରୀ ଓ କର୍ମଚାରୀ କ୍ଷେତ୍ରରେ ସକ୍ରିୟ ଭାବେ କାର୍ଯ୍ୟରତ ଥିବାବେଳେ, ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ନିରନ୍ତର ନଜର ରଖିବା ଓ ଆବଶ୍ୟକ ସ୍ଥଳରେ ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ଅତିରିକ୍ତ ଅଧିକାରୀମାନଙ୍କୁ ମୁତୟନ କରାଯାଇଛି। ବରିଷ୍ଠ କ୍ଷେତ୍ର ଯନ୍ତ୍ରୀମାନେ ନଦୀ, ବନ୍ଧ ଏବଂ ଅନ୍ୟାନ୍ୟ ବନ୍ୟା ସୁରକ୍ଷା ଭିତ୍ତିଭୂମି ଉପରେ ନିରନ୍ତର ନଜର ରଖିଛନ୍ତି। ଏହି ପରିପ୍ରେକ୍ଷୀରେ, ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ବେସିନ୍ ସିଷ୍ଟମର ମୁଖ୍ୟ ଯନ୍ତ୍ରୀ ଆଳି ବ୍ଲକ ଅଧୀନ ଗୋବିନ୍ଦପୁର ମହାଦେବ ମନ୍ଦିର ନିକଟସ୍ଥ ଖରସୁଆଁ ନଦୀର ଓଏଇ- ୯ବି ପାଣିଉଛୁଳିଥିବା ସ୍ଥାନର ପରିଦର୍ଶନ କରି ପରିସ୍ଥିତିର ସମୀକ୍ଷା କରିଥିଲେ। ଅନ୍ୟପକ୍ଷରେ ମହାନଦୀରେ ମଧ୍ୟମ ଧରଣର ବନ୍ୟା ଆସୁଛି ବୋଲି ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ ସତର୍କ କରିଛନ୍ତି। ସେ କହିଛନ୍ତି ଗୁରୁବାର ରାତି ଓ ଶୁକ୍ରବାର ଦିନ ଗୁରୁତ୍ୱପୂର୍ଣ୍ଣ। ଗୁରୁବାର ମଧ୍ୟାହ୍ନ ସୁଦ୍ଧା ମୁଣ୍ଡଳୀରେ ୮ ଲକ୍ଷ ୨୮ ହଜାର କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ସନ୍ଧ୍ୟା ସୁଦ୍ଧା ମୁଣ୍ଡଳୀ ଦେଇ ସାଢ଼େ ୯ ଲକ୍ଷ କ୍ୟୁସେକ୍ ଜଳ ପ୍ରବାହିତ ହେବାର ଆକଳନ କରାଯାଇଛି । ଏହା ଚଳିତ ସିଜିନର ସବୁଠାରୁ ବଡ଼ ବନ୍ୟା ବୋଲି କୁହାଯାଇ ପାରିବ। ଫଳରେ ମହାନଦୀର ଶାଖା ନଦୀଗୁଡ଼ିକରେ ବନ୍ୟା ଆସିବ। ଲୁଣା, କରାଣ୍ଡିଆ, ଚିତ୍ରପୋଲା, ପାଇକା, ଦେବୀ ନଦୀରେ ବନ୍ୟା ଆସିପାରେ। କନ୍ଦଳ, କୁଶଭଦ୍ରା, ଭାର୍ଗବୀ, ଦୟା ନଦୀରେ ମଧ୍ୟ ଜଳସ୍ତର ବଢ଼ିବ। ବନ୍ୟାରେ ଖୋର୍ଦ୍ଧା, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଭାବିତ ହେବ। ଜଗତସିଂହପୁରର ବାଲିକୁଦା, ଏରସମା, କୁଜଙ୍ଗ, ତିର୍ତୋଲ ପ୍ରଭାବିତ ହେବ। କେନ୍ଦ୍ରାପଡ଼ାର ପାଟକୁରା, ଗରଦପୁର, ଆଳି ମଧ୍ୟ ପ୍ରଭାବିତ ହେବ ବୋଲି କୁହାଯାଇଛି। ବନ୍ୟା ସ୍ଥିତି ଉପରେ ମୁଖ୍ୟମନ୍ତ୍ରୀଙ୍କ ନଜର, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ନିରନ୍ତର କାର୍ଯ୍ୟ କରୁଛି ପ୍ରଶାସନ। ନଦୀ ବନ୍ଧ ଓ ବ୍ୟାରେଜ୍ ଉପରେ ଭିଡିଓ ମନା। ବନ୍ୟା ସ୍ଥିତି ସମୟରେ ନଦୀ ବନ୍ଧ ଓ ବ୍ୟାରେଜ୍ ଉପରେ ଭିଡିଓ କରିବା ଉପରେ କଟକଣଣ ଜାରି କରାଯାଇଛି। ଏନେଇ କଟକ ଜିଲ୍ଲାପାଳ ଦତାତ୍ରେୟ ଭାଓସାହେବ ସିନ୍ଧେ କଡ଼ା ନିର୍ଦ୍ଦେଶନାମା ଜାରି କରିଛନ୍ତି।

## ଦୀପାବଳି ...

ଦୀପାବଳି ବେଳକୁ ନିଶ୍ଚିତ ଭାବେ ଏହି ସମସ୍ୟାର ସମାଧାନ ହୋଇଯିବ।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ମଧ୍ୟ ସମାନ ଆଭିମୁଖ୍ୟ ରଖିଛନ୍ତି। ଆମେ ପ୍ରଥମରୁ ଏଥିରେ ସହମତ ଥିଲୁ। ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଳମ୍ବରେ ସହମତ ହେଲେ। ସେ ସହମତ ହେଲା ପରେ ହିଁ କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ଏହି ବୈଠକ ଆହ୍ୱାନ କରିଥିଲେ। ଏହି ବୈଠକରେ ସକାରାତ୍ମକ ଆଲୋଚନା ହୋଇଛି। ଆଗାମୀ ୩ ମାସ ମଧ୍ୟରେ ନିଶ୍ଚିତ ଭାବରେ ଗୋଟିଏ ଭଲ ସିଦ୍ଧାନ୍ତରେ ପହଞ୍ଚିବୁ। ଟ୍ରିପଲ୍ ଇଞ୍ଜିନ୍ ସରକାରରେ ନିଶ୍ଚିତ ଭାବେ ଏହି ବିବାଦର ସମାଧନ ହେବ।

## ସୋମେଶ ...

ଉପାଧ୍ୟାୟଙ୍କୁ ନୂଆ ଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଛି। ୨୦୧୭ ବ୍ୟାଚର ଆଇଏଏସ୍ ଶ୍ରୀ ଉପାଧ୍ୟାୟ ବୟନ ଓ ହସ୍ତତନ୍ତ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି। ସେ ପୂର୍ବରୁ ଢେଙ୍କାନାଳ, ମାଲକାନଗିରି ଓ ଦେବଗଡ଼ ଜିଲ୍ଲାର ଜିଲ୍ଲାପାଳ ଭାବେ କାମ କରିଛନ୍ତି।

## ଛାତ୍ରଙ୍କ ଉପରେ...

ନେଇ ସମାଜବାଦୀ ପାର୍ଟି ସାଂସଦମାନେ ସଂସଦ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏହି ସମୟରେ, ସାଂସଦମାନେ ସ୍ଲୋଗାନ ଦେଇଥିଲେ ଏବଂ ସେମାନଙ୍କର ବିରୋଧ ପଞ୍ଜିକରଣ କରିବାକୁ ବ୍ୟାନର ଦେଖାଇଥିଲେ।କଂଗ୍ରେସ ନେତାମାନେ କହିଛନ୍ତି ଯେ ଛାତ୍ର ଆନ୍ଦୋଳନ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗଣତାନ୍ତ୍ରିକ ଅଧିକାର ବିରୁଦ୍ଧରେ ଥିଲା। ସେ ମଧ୍ୟ ଏହି ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କ ପ୍ରତିକ୍ରିୟା ଏବଂ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କୁ ସର୍ବସାଧାରଣରେ କ୍ଷମା ମାଗିବାକୁ ଦାବି କରିଛନ୍ତି। ଗୁରୁବାର ଦିନ ସଂସଦର ମୌସୁମୀ ଅଧିବେଶନ ସମୟରେ ରାଜ୍ୟସଭାରେ ଟ୍ରେଜେରୀ ବେଞ୍ଚ ଏବଂ ବିରୋଧୀ ଦଳ ପୁଣିଥରେ ମୁହାଁମୁହିଁ ହୋଇଥିଲେ। ରାଜ୍ୟସଭାରେ ଶୂନ୍ୟକାଳ ସମୟରେ, ଗୃହର ନେତା ତଥା କେନ୍ଦ୍ର ମନ୍ତ୍ରୀ ଜେ. ପି. ନଡ୍ଡା କହିଥିଲେ ଯେ ବିରୋଧୀଙ୍କ ଦ୍ୱାରା ଉଠାଯାଇଥିବା ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ସେ ଅଭିଯୋଗ କରିଛନ୍ତି ଯେ ବିରୋଧୀ ଏକ ଦାୟିତ୍ୱହୀନ ମନୋଭାବ ଗ୍ରହଣ କରିଛନ୍ତି ଏବଂ ଏକ ଅର୍ଥପୂର୍ଣ୍ଣ ବିତର୍କ ପରିବର୍ତ୍ତେ ଗୃହର କାର୍ଯ୍ୟରେ ବାଧା ସୃଷ୍ଟି କରିଛନ୍ତି।ନଡ୍ଡା କହିଥିଲେ ଯେ ବିରୋଧୀ ଦଳର ଭୂମିକା ନକାରାତ୍ମକ ରହିଛି। ସରକାର ପ୍ରତ୍ୟେକ ପ୍ରସଙ୍ଗରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛନ୍ତି, କିନ୍ତୁ ବିରୋଧୀଙ୍କ ଦ୍ୱାରା ଗୃହକୁ ଏହିପରି କାର୍ଯ୍ୟ କରିବାକୁ ମନା କରିବା ନିନ୍ଦନୀୟ। କଂଗ୍ରେସର ପ୍ରମୋଦ ତିୱାରୀ ରାଜ୍ୟସଭାରେ କହିଛନ୍ତି ଯେ ବିରୋଧୀମାନେ ଚାହୁଁଛନ୍ତି ଯେ ଗୃହ ସୁରୁଖୁରୁରେ କାର୍ଯ୍ୟ କରୁ, କିନ୍ତୁ ଛାତ୍ର ବିକ୍ଷୋଭକାରୀଙ୍କ ଉପରେ ଦମନ ପ୍ରସଙ୍ଗ ଗୃହମନ୍ତ୍ରୀ ଅମିତ ଶାହାଙ୍କ ଦ୍ୱାରା ସମାଧାନ କରାଯିବା ଉଚିତ।ପ୍ରମୋଦ ତିୱାରୀଙ୍କ ଏହି ଦାବି ପରେ ବିରୋଧୀ ସାଂସଦମାନେ 'ଅମିତ ଶାହା ଗୃହକୁ ଆସନ୍ତୁ' ସ୍ଲୋଗାନ ଦେଇଥିଲେ, ଯାହା ଗୃହରେ ପ୍ରବଳ ହଙ୍ଗାମା ସୃଷ୍ଟି କରିଥିଲା। ବିରୋଧୀ ସଦସ୍ୟଙ୍କ କ୍ରମାଗତ ବିରୋଧ ଯୋଗୁଁ ରାଜ୍ୟସଭାର କାର୍ଯ୍ୟଧାରା ଗଣ୍ଡଗୋଳ ଜାରି ରହିଥିଲା। ଆଖୁ ଚାଷୀମାନଙ୍କ ପାଇଁ 'ଏକ ରାଷ୍ଟ୍ର, ଏକ ମେଟ୍ରୋ କାର୍ଡ 'ଦାବି କରି ବିରୋଧୀ ସଦସ୍ୟମାନେ ଗୃହରେ ବିଭିନ୍ନ ପ୍ରସଙ୍ଗ ଉଠାଇଥିଲେ।

## ମୌସୁମୀ ଅଧିବେଶନ ...

ପ୍ରସ୍ତୁତ କରିବା । ଉଲ୍ଲେଖନୀୟ କଥା ହେଉଛି, ବିରୋଧୀଙ୍କ କ୍ରମାଗତ ସ୍ଲୋଗାନ ଏବଂ ବିରୋଧ ଯୋଗୁଁ ମୌସୁମୀ ଅଧିବେଶନ ବାଧାପ୍ରାପ୍ତ ହୋଇଛି। ଗୁରୁବାର ଦିନ ମଧ୍ୟ ବିରୋଧୀ ଦଳମାନେ ପ୍ରଶ୍ନପତ୍ର ଲିକ୍ ଏବଂ ଛାତ୍ରମାନଙ୍କ ଉପରେ ପୋଲିସର କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗରେ ସରକାରଙ୍କୁ ଘେରାବନ୍ଦୀ କରି ଗୃହରେ ହଙ୍ଗାମା କରିଥିଲେ। ବିରୋଧୀ ପ୍ରଧାନମନ୍ତ୍ରୀ ଏବଂ ଗୃହମନ୍ତ୍ରୀଙ୍କ ଉପସ୍ଥିତି ଦାବି କରିଥିଲେ, ଯାହାଫଳରେ ଉଭୟ ଗୃହକୁ ମଧ୍ୟାହ୍ନ ପର୍ଯ୍ୟନ୍ତ ମୁଲତବୀ କରାଯାଇଥିଲା। ଏହି ବୈଠକରେ ସଂସଦୀୟ ରଣନୀତି ଉପରେ ବିଚାର-ବିମର୍ଶ ସହିତ ବିରୋଧୀଙ୍କ ବିରୋଧର ମୁକାବିଲା କରିବା ଏବଂ ବିଲ୍ ପାସ୍ କରିବାର ଯୋଜନା ଉପରେ ଆଲୋଚନା କରାଯାଉଛି। ଏହି ବୈଠକ ପରେ କିଛି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇପାରେ ବୋଲି ଆଶା କରାଯାଉଛି।

## ସଂଖ୍ୟାଲଘୁ ଓଡ଼ିଆ ...

ବିଭାଗର ସଚିବ ବିଜୟ କେତନ ଉପାଧ୍ୟାୟ, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶକ ଅନନ୍ୟା ଦାସ, ମଧୁସ୍ମିତା ସାହୁ, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବପ୍ରସାଦ ଦାସ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟରେ ବନ୍ୟା ...

ତଥା ସାଂସଦମାନେ ଏବେ ଦିଲ୍ଲୀରେ। ଏପରି ଅସମୟରେ ନିଜ ଲୋକଙ୍କ ସୁରକ୍ଷାଠାରୁ ଅଧିକ ଗମ୍ଭୀର ବିଷୟ କ'ଣ ହୋଇପାରେ ? ବନ୍ୟା ପାଇଁ ମୟୂରଭଞ୍ଜ, ବାଲେଶ୍ୱରରୁ ନେଇ ଭଦ୍ରକ, ଯାଜପୁର, ଝାରସୁଗୁଡ଼ା, ଢେଙ୍କାନାଳ, ସମ୍ବଲପୁର ଆଦି ବିଭିନ୍ନ ଜିଲ୍ଲାରେ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବନ୍ୟାରେ ଏକାଧିକ ନିରୀହ ଜୀବନ ଯିବାର ଖବର ଆସିବା ମୋ ସହିତ ସମଗ୍ର ଓଡ଼ିଶାବାସୀଙ୍କୁ ମଧ୍ୟ ବ୍ୟଥିତ କରିଛି। ଏପରି ଅସମୟରେ ଲୋକଙ୍କ ସାଥିରେ ଦୃଢ଼ ଭାବେ ଛିଡ଼ା ହେବା ବଦଳରେ ସରକାରୀ ଅବହେଳାର ମାଳ ମାଳ ଅଭିଯୋଗ ଆସୁଛି। ସବୁ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲାରେ 'ପ୍ରତିଟି ଜୀବନ ମୂଲ୍ୟବାନ' ହେଉଛି ଓଡ଼ିଶାର ମନ୍ତ୍ର। ଏହି ମନ୍ତ୍ରରେ ସବୁ ବିପର୍ଯ୍ୟୟର ଦୃଢ଼ ମୁକାବିଲା କରି ଓଡ଼ିଶା ସାରା ବିଶ୍ୱରେ ସୁନାମ ଅର୍ଜନ କରିଥିଲା। ହେଲେ ବନ୍ୟା ପରିସ୍ଥିତିର ସଫଳ ମୁକାବିଲା ନ କରି ଲୋକେ ନିର୍ବାଚିତ କରିଥିବା ପ୍ରତିନିଧିମାନେ ଲୋକଙ୍କ ହାତ ଛାଡ଼ିଦେବା ସଭିଙ୍କୁ ଆଶ୍ଚର୍ଯ୍ୟ କରୁଛି। ଏପରି ଗମ୍ଭୀର ସ୍ଥିତିରେ ସରକାର ସମ୍ବେଦନହୀନ ନ ହୋଇ ଲୋକଙ୍କ ସହିତ ଛିଡ଼ା ହୁଅନ୍ତୁ, ଲୋକଙ୍କୁ ସୁରକ୍ଷା ଦିଅନ୍ତୁ।

## ବୈଧ ଡ୍ରାଇଭିଂ ...

ଆବଶ୍ୟକତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ଲାଇସେନ୍ସ ପ୍ରଦାନ ଓ ନବୀକରଣ ପ୍ରକ୍ରିୟାକୁ ସରଳ ଓ ସ୍ୱଚ୍ଛ କରିବାକୁ କୋର୍ଟ କହିଛନ୍ତି। ଡ୍ରାଇଭିଂ ସ୍କୁଲଗୁଡ଼ିକର ନିୟମାବଳୀରେ ସଂସ୍କାର ଆଣିବା ସହ ଏହାକୁ ସୁଲଭ ମୂଲ୍ୟରେ ଉପଲବ୍ଧ କରାଇବା ଦିଗରେ ପଦକ୍ଷେପ ନେବାକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି। ଏଥିସହ ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ ଓ ପରୀକ୍ଷା ପ୍ରକ୍ରିୟାକୁ ଆଞ୍ଚଳିକ ଭାଷାରେ କରିବା ଉପରେ ମଧ୍ୟ ଜୋର ଦିଆଯାଇଛି। ସୁପ୍ରିମକୋର୍ଟ କହିଛନ୍ତି ଯେ, ବୈଧ ଡ୍ରାଇଭିଂ ଲାଇସେନ୍ସ ବିନା ଗାଡ଼ି ଚଳାଇବା କେବଳ ଆଇନର ଉଲ୍ଲଂଘନ ନୁହେଁ, ଏହା ସଡ଼କ ସୁରକ୍ଷା ପାଇଁ ମଧ୍ୟ ଗୁରୁତର ବିପଦ। ତେଣୁ ନିୟମର କଡ଼ାକଡ଼ି ପାଳନ ସହ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ାଇବା ଆବଶ୍ୟକ ବୋଲି କୋର୍ଟ ମତ ଦେଇଛନ୍ତି।

# ଜିନ୍ଦଲ ଷ୍ଟେନଲେସର ବନ୍ୟା ବିପନ୍ନଙ୍କୁ ସହାୟତା

**କଳିଙ୍ଗନଗର/ଯାଜପୁର, ନ୍ୟୁଜ ବ୍ୟୁରୋ**

ସାମାଜିକ ଦାୟିତ୍ୱ ଏବଂ ସମାଜ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ଦୃଢ଼ କରି, ଜିନ୍ଦଲ ଷ୍ଟେନଲେସ୍ ଯାଜପୁର ଜିଲ୍ଲାରେ ସମ୍ପ୍ରତି ବନ୍ୟା ଦ୍ୱାରା ପ୍ରଭାବିତ ପରିବାର ପାଇଁ ଏକ ରିଲିଫ୍ ପଦକ୍ଷେପ ଗ୍ରହଣ କରିଛି। ଜିଲ୍ଲା ପ୍ରଶାସନର ଆହ୍ୱାନ କ୍ରମେ ଏହି ପଦକ୍ଷେପର ଏକ ଅଂଶ ଭାବରେ, କମ୍ପାନୀ ଯାଜପୁର ଜିଲ୍ଲାର ଦଶରଥପୁର ଓ ଯାଜପୁର ବ୍ଲକର ବନ୍ୟା ପ୍ରଭାବିତ ପରିବାରକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଯୁଧିଷ୍ଠିର ନାୟକ ଓ ଦଶରଥପୁର ବିଡିଓ ଶ୍ରୀ ଆକାଶ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ୨,୦୦୦ ଖାଦ୍ୟ ସାମଗ୍ରୀ ପ୍ୟାକେଟ ବଣ୍ଟନ କରିଛି। ଏହି ଅପାତକାଳୀନ ସମୟରେ ପରିବାରକୁ ସମର୍ଥନ କରିବା ଏବଂ ସେମାନଙ୍କର ତୁରନ୍ତ ଆବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରିବା ପାଇଁ ଏହି ରିଲିଫ୍ ପ୍ୟାକେଟଗୁଡ଼ିକରେ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀ ଥିଲା। ଏହି ପଦକ୍ଷେପ ଜିନ୍ଦଲ ଷ୍ଟେନଲେସ୍‌ର ସଙ୍କଟ ସମୟରେ ସମ୍ପ୍ରଦାୟ ସହିତ ଠିଆ ହେବା ପାଇଁ ନିରନ୍ତର ଆନ୍ତରିକତାକୁ ପ୍ରତିଫଳିତ କରେ। ଏହାର କର୍ପୋରେଟ୍ ସାମାଜିକ ଦାୟିତ୍ୱ ପ୍ରୟାସ ମାଧ୍ୟମରେ, କମ୍ପାନୀ ଯେଉଁ ଅଞ୍ଚଳରେ କାର୍ଯ୍ୟ କରୁଛି ସେଠାରେ ସମୟୋଚିତ ସହାୟତା ପ୍ରଦାନ କରିବା ଏବଂ ବିପର୍ଯ୍ୟୟ ରିଲିଫ୍ ଏବଂ ପୁନରୁତ୍ଥାନ ପଦକ୍ଷେପରେ ଯୋଗଦାନ ଦେବା ପାଇଁ ପ୍ରତିବଦ୍ଧ। ଏହି ଅବସରରେ ଜିନ୍ଦଲ ଷ୍ଟେନଲେସ୍‌ର ୟୁନିଟ୍ ହେଡ ଦୀପକ ଅଗ୍ରୱାଲ କହିଛନ୍ତି, 'ଜିନ୍ଦଲ ଷ୍ଟେନଲେସ୍‌ରେ, ଆମେ ଆବଶ୍ୟକତା ସମୟରେ




ସମ୍ପ୍ରଦାୟଗୁଡ଼ିକୁ ସମର୍ଥନ କରିବାରେ ବିଶ୍ୱାସ କରୁ। ବନ୍ୟାର ପରବର୍ତ୍ତୀ ମୁକାବିଲାରେ ପ୍ରଭାବିତ ପରିବାରଗୁଡ଼ିକୁ ସାହାଯ୍ୟ କରିବା ପାଇଁ ରିଲିଫ୍ ସାମଗ୍ରୀ ବଣ୍ଟନ ଏକ ଛୋଟ ପଦକ୍ଷେପ। ଆମେ ସ୍ଥାନୀୟ କର୍ତ୍ତୃପକ୍ଷ ଏବଂ ସମ୍ପ୍ରଦାୟ ସହିତ ମିଶି ରିଲିଫ୍ ଏବଂ ପୁନରୁଦ୍ଧାର ପ୍ରୟାସକୁ ସମର୍ଥନ କରିବାକୁ ପ୍ରତିବଦ୍ଧ ଅଟୁ।' ଜିନ୍ଦଲ ଷ୍ଟେନଲେସ୍ ସ୍ୱାସ୍ଥ୍ୟସେବା, ଶିକ୍ଷା, ଜୀବିକା ବୃଦ୍ଧି, ପରିବେଶଗତ ସ୍ଥିରତା ଏବଂ ବିପର୍ଯ୍ୟୟ ପ୍ରତିକ୍ରିୟା ପରିସରଭୁକ୍ତ ବିଭିନ୍ନ ପ୍ରକାରର ସିଏସଆର ପଦକ୍ଷେପ ମାଧ୍ୟମରେ ସ୍ଥାୟୀ ବିକାଶ ଏବଂ ସମ୍ପ୍ରଦାୟ କଲ୍ୟାଣକୁ ପ୍ରାଥମିକତା ଦେଇଆସୁଛି।

## ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନର ମାସିକ ଆଲୋଚନାଚକ୍ର

# ଅଚିନ୍ତ୍ୟ ଶ୍ରୀଜଗନ୍ନାଥ ପୁସ୍ତକର ଦ୍ୱିତୀୟ ସଂସ୍କରଣ ଲୋକାର୍ପିତ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଶ୍ରୀଜଗନ୍ନାଥ ହେଉଛନ୍ତି ପଟ୍ଟାନ୍ତର ନଥିବା ଅନୁଷ୍ଠାନ । ସେ ହେଉଛନ୍ତି ଅନନ୍ୟ ଓ ଅତୁଳନୀୟ । ପୃଥିବୀରେ ଯେତେ ଦେବଦେବୀ ଅଛନ୍ତି ସେ ସମସ୍ତଙ୍କଠାରୁ ଭିନ୍ନ । ତାଙ୍କର ରୂପ ଗଠନ, ଓ ମାନବୀୟ ଲୀଳା ପୃଥିବୀର ଅନ୍ୟ କୌଣସି ଦେବଦେବୀଙ୍କଠାରେ ଦେଖିବାକୁ ମିଳେନାହିଁ । ସେଥିପାଇଁ ସେ ଯୁଗେ ଯୁଗେ ବିଭିନ୍ନ ସାଧୁ ସନ୍ଥ ଓ ସନ୍ୟାସୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି ମୁକ୍ତ ଚିନ୍ତନ ମଞ୍ଚ ଓ ଭରତୀୟ ବିଦ୍ୟାଭବନ ମିଳିତ ଆନୁକୂଲ୍ୟରେ ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ "ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ" ଶୀର୍ଷକ ସଭାରେ ମୁଖ୍ୟବକ୍ତା ପୌରୁଷର ସମ୍ପାଦକ ଅସିତ ମହାନ୍ତି ତାଙ୍କ ଭାଷଣରେ କହିଲେ ଶ୍ରୀଜଗନ୍ନାଥ ହେଉଛନ୍ତି ବିଚିତ୍ର ବିସ୍ମୟ ଓ ଅବୋଧ ରହସ୍ୟ ତାଙ୍କର ବୈଚିତ୍ରରେ, ବୈଶିଷ୍ଟରେ, ରୂପରେ, ରୀତିନୀତିରେ, ବେଶଭୂଷାରେ ତଥା ପୂଜା ପଦ୍ଧତିରେ ଅତ୍ୟନ୍ତ ଗୁଢ଼ ଏବଂ ମହାନ୍ ତତ୍ତ୍ୱ ନିହିତ ରହିଛି । ସେ ଗୁଣାତୀତ, ଆକାର ବିହୀନ, ସର୍ବବ୍ୟାପୀ ଏବ ସର୍ବଶକ୍ତିମାନ। ସମ୍ମାନୀତ ବକ୍ତା ବିଶିଷ୍ଟ ଚିତ୍ରଶିଳ୍ପୀ ବଳଦେବ ମହାରଥୀ ତାଙ୍କର ଜୀବନରେ ଶ୍ରୀଜଗନ୍ନାଥଙ୍କୁ ନେଇ ଚିତ୍ରକଳା ବିଷୟରେ ଉଲ୍ଲେଖ କରି କହିଲେ ଶ୍ରୀଜଗନ୍ନାଥ ହେଉଛନ୍ତି ବିଶ୍ୱବ୍ରହ୍ମାଣ୍ଡର ଚିତ୍ରକର । ଅତୁଲ୍ୟ ସଚ୍ଚିଦାନନ୍ଦ ଘନ ଚିତ୍ର ପୁରୁଷ । ତେଣୁ ତାଙ୍କ ଚିତ୍ର ଗୁଡିକ ଆତ୍ମିକ,ଆଧାତ୍ମିକ, ବୌଦ୍ଧିକ, ପୌରାଣିକ, ଭାବରସ ଆବେଦନରେ ଚିତ୍ତଯୁକ୍ତ ଚିତ୍ର ଯାହାର ବିରଳ ବିଶେଷତ୍ୱ ହେଉଛି ତାହା ସଦାକାଳ ରହସ୍ୟମୟ । ସଭାପତି ଡ. ଅଶୋକ କୁମାର ମହାପାତ୍ର ତାଙ୍କ ଭାଷଣରେ କହିଲେ ଯେ ଶ୍ରୀଜଗନ୍ନାଥ କେବଳ ପୁରୁଷୋତ୍ତମ କ୍ଷେତ୍ରରେ ସୀମିତ ନୁହଁନ୍ତି ସମଗ୍ର ବିଶ୍ୱରେ ସେ ଠାକୁର ବିଶ୍ୱର କୋଣେ କୋଣେ ଶ୍ରୀଜଗନ୍ନାଥଙ୍କ ପୂଜାର୍ଚ୍ଚନା ସହ ରଥ ଯାତ୍ରା ପାଳନ ହେଉଅଛି । ତାହା ସତ୍ତ୍ୱେ ପୁରୀରେ ଯାତ୍ରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଚାଲିଛି। ତାହା ଶ୍ରୀଜଗନ୍ନାଥଙ୍କ ଲୋକପ୍ରିୟତାର ପ୍ରମାଣ । ସଭାରେ ଶ୍ରୀଜଗନ୍ନାଥଙ୍କୁ ନେଇ ରଥଯାତ୍ରା ଦିନ ପ୍ରକାଶ ପାଇଥିବା ପୁସ୍ତକ 'ଅଚିନ୍ତ୍ୟ ଶ୍ରୀଜଗନ୍ନାଥର' ଦ୍ୱିତୀୟ ସଂସ୍କରଣ ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହୋଇଥିଲା । ତାହା ସହିତ ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକଙ୍କ "ଭକତ ଭାବରେ ବନ୍ଧା" ପୁସ୍ତକ ମଧ୍ୟ ଲୋକାର୍ପଣ ହୋଇଥିଲା। ଶ୍ରୀଜଗନ୍ନାଥଙ୍କ ପୁସ୍ତକର ଚାହିଦା ବଢ଼ିଚାଲିଥିବାରୁ ପୁସ୍ତକକୁ ଇଂରାଜୀରେ ଅନୁବାଦ କରିବା ପାଇଁ କମୋଡର ଯଦୁମଣୀ ଜେନା ପ୍ରସ୍ତାବ ଦେଇଥିଲେ । ସଭାରେ ସ୍ୱାଗତ ଭାଷଣ ଦେଇଥିଲେ ସମ୍ପାଦକ ପୀତବାସ ରାଉତରାୟ ଓ ଧନ୍ୟବାଦ ପ୍ରଦାନ କରିଥିଲେ ଆବାହକ ରମାକାନ୍ତ ମିଶ୍ରା ପ୍ରାରମ୍ଭରେ ଭକ୍ତି ସଂଗୀତ ପରିବେଷଣ କରିଥିଲେ ଡ. ସୁଧା ମିଶ୍ର, ମଧୁସ୍ମିତା ବିଶ୍ୱାଳ, ମିନତା ମିଶ୍ର ଓ ନିଶାକର ରାଉତ । ସଭାରେ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ସହ ବହୁ ଜଗନ୍ନାଥ ପ୍ରେମୀ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ଯାଜପୁର ଜିଲ୍ଲା ବନ୍ୟାରେ ୧,୩୭,୦୧୦ ଲୋକ ପ୍ରଭାବିତ

**ଯାଜପୁର, ନ୍ୟୁଜ ବ୍ୟୁରୋ**

ଯାଜପୁର ଜିଲ୍ଲାରେ ବୈତରଣୀ, କାଣୀ, ବ୍ରାହ୍ମଣୀ, ଖରସ୍ରୋତା ନଦୀରେ ବନ୍ୟାଜଳ ପ୍ରବାହିତ ହେବା ଯୋଗୁଁ ଦଶରଥପୁର, ଯାଜପୁର, ବରୀ, ରସୁଲପୁର, କୋରେଇ, ଧର୍ମଶାଳା, ବଡ଼ଚଣା ଓ ବିଞ୍ଝାରପୁର ବ୍ଲକର ଲୋକମାନେ ପ୍ରଭାବିତ ହେବା ସହ ବିଲବାଡ଼ି ଜଳ ପ୍ଲାବିତ ହୋଇଅଛି । ଜିଲ୍ଲାପାଳ ଅମ୍ବର କୁମାର କର ଦଶରଥପୁର, ବରୀ, ବିଞ୍ଝାରପୁର ଅଞ୍ଚଳ ଗସ୍ତ କରି ବନ୍ୟା ସମସ୍ୟା ଅନୁଧ୍ୟାନ କରିବା ସହ ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ତଦାରଖ କରୁଛନ୍ତି। ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ବିଭିନ୍ନ ବ୍ଲକ୍ ପାଇଁ ବରିଷ୍ଠ ଅଧିକାରୀମାନଙ୍କୁ ନିୟୋଜିତ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ, ଯୁଧିଷ୍ଠିର ନାଏକଙ୍କୁ ଦଶରଥପୁର ବ୍ଲକ, ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ ଶିବାନନ୍ଦ ସ୍ୱାଇଁଙ୍କୁ ବରୀ ବ୍ଲକ୍, ଅତିରିକ୍ତ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଲମ୍ବୋଦର ଖୁଣ୍ଟିଆଙ୍କୁ ବିଞ୍ଝାରପୁର ବ୍ଲକ୍, ଉପ ଜିଲ୍ଲାପାଳ,



ତାପସ ରଞ୍ଜନ ଦେହୁରୀଙ୍କୁ ରସୁଲପୁର ବ୍ଲକ ଓ ଧର୍ମଶାଳା ବ୍ଲକ୍, ଅତିରିକ୍ତ ଜିଲ୍ଲାପାଳ, କଳିଙ୍ଗନଗର ସପନ କୁମାର ନନ୍ଦଙ୍କୁ କୋରେଇ ବ୍ଲକ, ଦାନଗଦି ବ୍ଲକ, ସୁକିନ୍ଦା ବ୍ଲକ୍ ଓ ବ୍ୟାସନଗର ମ୍ୟୁନିସିପାଲିଟି, ଅତିରିକ୍ତ ଉପ ଜିଲ୍ଲାପାଳ, ପଲ୍ଲବୀ ରାଣୀ ରାଜଙ୍କୁ ବଡ଼ଚଣା ବ୍ଲକ ଏବଂ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତିଙ୍କୁ ଯାଜପୁର ମ୍ୟୁନସିପାଲିଟିର ବନ୍ୟା ପରିସ୍ଥିତି ଅନୁଧ୍ୟାନ କରି ଉଦ୍ଧାର କାର୍ଯ୍ୟର ତଦାରଖ କରିବା ନିମନ୍ତେ ନିୟୋଜିତ କରାଯାଇଛି। ଅବକାରୀ ବିଭାଗ କମିଶନର ତଥା ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀ ପି. ଅନ୍ୱେଷା ରେଡ୍ଡୀ ବନ୍ୟା ପ୍ରଭାବିତ ବରୀ ଅଞ୍ଚଳ ପରିଦର୍ଶନ କରିବା ସହ ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯାଉଥିବା ରିଲିଫ୍ ଓ ଉଦ୍ଧାର କାର୍ଯ୍ୟର ସମୀକ୍ଷା ଓ ତଦାରଖ କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଯାଜପୁର ଜିଲ୍ଲାରେ ୦୮ ଟି ବ୍ଲକ୍ ଯଥା: ଯାଜପୁର, କୋରେଇ, ଦଶରଥପୁର, ବିଞ୍ଝାରପୁର, ବରୀ, ରସୁଲପୁର, ଧର୍ମଶାଳା ଓ ବଡ଼ଚଣା ବ୍ଲକ୍ ପ୍ରଭାବିତ ହୋଇଛି। ସମୁଦାୟ ୯୭ଟି ଗ୍ରାମ ପଞ୍ଚାୟତ, ୨୭୫ ଟି ଗ୍ରାମ ଓ ଯାଜପୁର ମ୍ୟୁନସିପାଲିଟି ପ୍ରଭାବିତ ହୋଇଛି। ୦୧ ଗୋଟି ୱାର୍ଡ ପ୍ରଭାବିତ ହୋଇଛି । ୧,୩୭,୦୧୦ ଜଣ ଲୋକ ପ୍ରଭାବିତ ହୋଇଥିବା ବେଳେ ୩୫,୫୭୨ ଜଣଙ୍କୁ ଉଦ୍ଧାର କରାଯାଇ ୧୦୮ ଟି ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତରିତ କରାଯାଇଛି। ୯୧ଟି ରିଲିଫ ସେଣ୍ଟରରେ ଲୋକମାନଙ୍କୁ ଶୁଖିଲା ଓ ରନ୍ଧା ଖାଦ୍ୟ ପ୍ରଦାନ କରାଯାଉଛି। ସମୁଦାୟ ୫୨,୮୩୫ଟି ଗୃହପାଳିତ ପଶୁ ପ୍ରଭାବିତ ହୋଇଥିବା ବେଳେ, ୨୦,୨୦୬.୩ ହେକ୍ଟର ଶସ୍ୟ କ୍ଷେତ୍ର ବନ୍ୟା ଜଳ ଯୋଗେ କ୍ଷତିଗ୍ରସ୍ତ ହୋଇଛି। ୨୧୮.୮୩ କ୍ୱିଣ୍ଟାଲ୍ ଚୂଡ଼ା, ୪୪.୧୩ କ୍ୱିଣ୍ଟାଲ୍ ଗୁଡ଼ ୧୬ ଟି ପଲିଥିନ୍ ରୋଲ୍, ୭୫ କେ.ଜି ମୁଢ଼ି, ୩୦୦ ପ୍ୟାକେଟ୍ ବିସ୍କୁଟ, ୩୦୦ ପ୍ୟାକେଟ୍ ଦିଆସିଲି ଏବଂ ୩୦୦ ପ୍ୟାକେଟ୍ ମହମବତୀ ବଣ୍ଟା ସରିଛି।


सत्यमेव जयते

ଭାରତ ସରକାର
ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ
ଅକ୍ଷମ ବ୍ୟକ୍ତି ସଶକ୍ତିକରଣ ବିଭାଗ

ସାର୍ବଜନୀନ ବିଜ୍ଞପ୍ତି

**ଅକ୍ଷମ ବ୍ୟକ୍ତି ସଶକ୍ତିକରଣ ପାଇଁ ଜାତୀୟ ପୁରସ୍କାର - ୨୦୨୬**
**ଆବେଦନ/ନାମାଙ୍କନର ଶେଷ ତାରିଖ ବୃଦ୍ଧି ସମ୍ପର୍କରେ**

ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟର ଭିନ୍ନକ୍ଷମ ବ୍ୟକ୍ତି ସଶକ୍ତିକରଣ ବିଭାଗ, ୨୦୨୬ ମସିହାର ଭିନ୍ନକ୍ଷମ ବ୍ୟକ୍ତି ସଶକ୍ତିକରଣ ପାଇଁ ଜାତୀୟ ପୁରସ୍କାର ପାଇଁ ୧୫ ମଇ, ୨୦୨୬ରୁ ଆବେଦନ/ନାମାଙ୍କନ ଆମନ୍ତ୍ରଣ କରିଥିଲା ଏବଂ ଆବେଦନ/ନାମାଙ୍କନ ଗ୍ରହଣ କରିବାର ଶେଷ ତାରିଖ ଥିଲା **୩୧, ଜୁଲାଇ ୨୦୨୬**।

୨. ସମସ୍ତ ଆଗ୍ରହୀ ବ୍ୟକ୍ତି, ଅନୁଷ୍ଠାନ ଏବଂ ସାଧାରଣ ଜନତାଙ୍କୁ ସୂଚିତ କରାଯାଉଛି ଯେ **ରାଷ୍ଟ୍ରୀୟ (ପୁରସ୍କାର ପୋର୍ଟାଲ)ରେ ଅନଲାଇନ୍ ଆବେଦନ/ନାମାଙ୍କନ ଦାଖଲ କରିବାର ଶେଷ ତାରିଖ ୧୫ ଅଗଷ୍ଟ, ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି।**

୩. ସମସ୍ତ ସମ୍ପୃକ୍ତଙ୍କୁ ଜାତୀୟ ପୁରସ୍କାର ପୋର୍ଟାଲ୍ https://awards.gov.in ମାଧ୍ୟମରେ କେବଳ ଅନଲାଇନରେ ଆବେଦନ/ନାମାଙ୍କନ ଦାଖଲ କରିବାକୁ ଅନୁରୋଧ କରାଯାଇଛି। ଡାକ, କୋରିଅରେ ଇ-ମେଲ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ପ୍ରାପ୍ତ ଆବେଦନ/ନାମାଙ୍କନକୁ ବିଚାର କରାଯିବ ନାହିଁ।

୪. ପୁରସ୍କାର ସମ୍ପର୍କରେ ବିସ୍ତୃତ ନିର୍ଦ୍ଦେଶାବଳୀ, ଯୋଗ୍ୟତା ମାନଦଣ୍ଡ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସୂଚନା ନିମ୍ନଲିଖିତ ୱେବସାଇଟରେ ଉପଲବ୍ଧ:
**ଅକ୍ଷମ ବ୍ୟକ୍ତି ସଶକ୍ତିକରଣ ବିଭାଗ:**
https://depwd.gov.in
**ଜାତୀୟ ପୁରସ୍କାର ପୋର୍ଟାଲ୍:**
https://awards.gov.in

**Cbc 38117/11/0006/2627**

ଭୁବନେଶ୍ୱର, ୩୧ ଜୁଲାଇ, ଶୁକ୍ରବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27






ଭୁବନେଶ୍ୱର : ଇଣ୍ଡିଆନ ଆଇଡଲ ସିଜନ-୧୬ର ବିଜେତା ଜ୍ୟୋତିର୍ମୟୀ ନାୟକଙ୍କୁ ଲୋକ ଭବନରେ ରାଜ୍ୟପାଳ ଡ . ହରିବାବୁ କମ୍ଭମପାଟି ଏବଂ ନବୀନ ନିବାସରେ ବିରୋଧି ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବର୍ଦ୍ଧିତ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

# ସହରାଞ୍ଚଳରେ ତୁରନ୍ତ ଜଳ ନିଷ୍କାସନ ଓ ରିଲିଫ୍ କାର୍ଯ୍ୟ ପାଇଁ ନଗର ଉନ୍ନୟନ ବିଭାଗ ସମ୍ପୂର୍ଣ୍ଣ ଆଲର୍ଟ

**ଭୁବନେଶ୍ୱର, ୩୦/୦୭ ନ୍ୟୁଜ ବ୍ୟୁରୋ**

ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିଶେଷକରି ଉତ୍ତର ଓଡ଼ିଶା ଏବଂ ବାଲେଶ୍ୱର, ଭଦ୍ରକ, ଯାଜପୁର ଆଦି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ବନ୍ୟା ଓ ଜଳ ବନ୍ଦୀ ସ୍ଥିତିର ମୁକାବିଲା ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବ୍ୟାପକ ଏବଂ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି। ସହରାଞ୍ଚଳରେ ଲୋକଙ୍କ ସୁରକ୍ଷା, ଜଳ ନିଷ୍କାସନ ଏବଂ ଆବଶ୍ୟକ ରିଲିଫ୍ ବ୍ୟବସ୍ଥାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି ବୋଲି ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି । ଡଃ ମହାପାତ୍ର କହିଛନ୍ତି ଯେ ପ୍ରବଳ ବର୍ଷା ଯୋଗୁଁ କେତେକ ସହରାଞ୍ଚଳରେ ସ୍ୱାଭାବିକ ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ଅତିରିକ୍ତ ଚାପ ସୃଷ୍ଟି ହେବାରୁ ଜଳବନ୍ଦୀ ଦେଖାଦେଇଛି। ଏହାକୁ ଦୃଷ୍ଟିରେ ରଖି ସହରାଞ୍ଚଳରେ ତୁରନ୍ତ ଜଳ ନିଷ୍କାସନ, ରିଲିଫ୍ ଓ ଉଦ୍ଧାର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ସହ ସ୍ଥିତି ଉପରେ ୨୪ ଘଣ୍ଟିଆ ନଜର ରଖିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବର୍ତ୍ତମାନର ପରିସ୍ଥିତିକୁ ଗୁରୁତ୍ୱର ସହ ବିଚାର କରି ନଗର ଉନ୍ନୟନ ବିଭାଗ ଅଧୀନ ସମସ୍ତ ସମ୍ପୃକ୍ତ ଅଧିକାରୀ ଓ କର୍ମଚାରୀଙ୍କ ଛୁଟି ବାତିଲ କରାଯାଇଛି । ସମସ୍ତ ଅଧିକାରୀ ୨୪ ଘଣ୍ଟିଆ ଆଲର୍ଟରେ ରହିବା ସହ ନିଜ ନିଜ ଅଞ୍ଚଳର ସ୍ଥିତି ଉପରେ ନିରନ୍ତର ନଜର ରଖିଛନ୍ତି । ବିଭାଗୀୟ କଣ୍ଟ୍ରୋଲ୍ ରୁମ୍ ଜରିଆରେ ବିଭିନ୍ନ ସହରାଞ୍ଚଳର ସ୍ଥିତିକୁ ନିୟମିତ ମନିଟରିଂ କରାଯାଉଛି ଏବଂ ଆବଶ୍ୟକତା ଅନୁଯାୟୀ ତୁରନ୍ତ ସହାୟତା ପଠାଯାଉଛି । ଜଳମଗ୍ନ ଅଞ୍ଚଳଗୁଡ଼ିକରେ ଅତିରିକ୍ତ ପମ୍ପସେଟ୍ ନିୟୋଜନ କରି ଯୁଦ୍ଧକାଳୀନ ଭିତ୍ତିରେ ଜଳ ନିଷ୍କାସନ କରାଯାଉଛି । ସହରାଞ୍ଚଳର ମୁଖ୍ୟ ରାସ୍ତା, ଆବାସିକ ଅଞ୍ଚଳ ଏବଂ ଅନ୍ୟାନ୍ୟ ଜଳମଗ୍ନ ସ୍ଥାନରୁ ଯଥାଶୀଘ୍ର ପାଣି ହଟାଇବା ପାଇଁ ୟୁଏଲ୍‌ବି ଗୁଡ଼ିକରେ ଆବଶ୍ୟକ ଯନ୍ତ୍ରପାତି ଓ ମାନବ ସମ୍ବଳ ନିୟୋଜନ କରିବାକୁ କୁହାଯାଇଛି । ଏଥିସହ ଡ୍ରେନ୍, କଲଭର୍ଟ ଓ ଜଳ ନିଷ୍କାସନ ପଥରେ ଯେଉଁଠାରେ ବାଧା ସୃଷ୍ଟି ହୋଇଛି, ସେଗୁଡ଼ିକୁ ତୁରନ୍ତ ସଫା କରିବା ଏବଂ ଜଳ ପ୍ରବାହକୁ ସ୍ୱାଭାବିକ କରିବା ଉପରେ ଗୁରୁତ୍ୱ ଦିଆଯାଉଛି। ପ୍ରଭାବିତ ଅଞ୍ଚଳରେ ଲୋକଙ୍କ ଆବଶ୍ୟକତା ଅନୁଯାୟୀ ବିଶୁଦ୍ଧ ପାନୀୟ ଜଳ, ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଯୋଗାଣ ସହ ଆଲୋକ ବ୍ୟବସ୍ଥା କରାଯାଉଛି। ଜନସାଧାରଣଙ୍କୁ ଆବଶ୍ୟକ ସମୟରେ ତୁରନ୍ତ ସହାୟତା ଯୋଗାଇବା ପାଇଁ ସ୍ଥାନୀୟ ପ୍ରଶାସନ ଓ ସମ୍ପୃକ୍ତ ୟୁଏଲ୍‌ବି ଗୁଡ଼ିକୁ ସଜାଗ ରଖାଯାଇଛି। ଆବଶ୍ୟକ ସ୍ଥଳରେ ବିପଦସଙ୍କୁଳ ଓ ଅଧିକ ପ୍ରଭାବିତ ଅଞ୍ଚଳରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରଣ କରାଯାଉଛି । ଲୋକଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ସମସ୍ତ ସମ୍ପୃକ୍ତ ବିଭାଗ ମଧ୍ୟରେ ଆବଶ୍ୟକ ସମନ୍ୱୟ ରଖାଯାଉଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ ସମଗ୍ର ବନ୍ୟା ସ୍ଥିତି ଉପରେ ନିରନ୍ତର ନଜର ରଖାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

### ଶକ୍ତି ବିଭାଗ ଏବଂ ସିଏସଟିଇପି ମଧ୍ୟରେ ଏମଓୟୁ

# ଓଡ଼ିଶାରେ ସ୍ୱଚ୍ଛ ଶକ୍ତି ଓ ଚାଷ ଜମିରେ ସୌରଶକ୍ତିର ଉତ୍ପାଦନକୁ ପ୍ରୋତ୍ସାହନ



**ଭୁବନେଶ୍ୱର, ୩୦।୭ ନ୍ୟୁଜ ବ୍ୟୁରୋ**

ଓଡ଼ିଶାରେ ସ୍ୱଚ୍ଛ ଶକ୍ତିର ପ୍ରସାର ଏବଂ ଚାଷୀଙ୍କ ବିକାଶ ପାଇଁ ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ଏବଂ ନୀତି ଗବେଷଣା ସଂସ୍ଥା (ସିଏସଟିଇପି) ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଏହି ୫ ବର୍ଷିଆ ସହଭାଗିତା ମାଧ୍ୟମରେ ସଠିକ୍ ତଥ୍ୟ, ଆଧୁନିକ ଡିଜିଟାଲ୍ ବ୍ୟବସ୍ଥା ଏବଂ ଚାଷୀ-କୈନ୍ଦ୍ରିକ ଯୋଜନା ବ୍ୟବହାର କରି ରାଜ୍ୟର ଶକ୍ତି କ୍ଷେତ୍ରରେ ଅଭିବୃଦ୍ଧି କରାଯିବ।
ଏହି ବୁଝାମଣା ଅଧୀନରେ 'ସଫାରି' ମଡେଲ ଜରିଆରେ ଏକ ସ୍ୱତନ୍ତ୍ର ଡିଜିଟାଲ୍ ମଡେଲ୍ ଓ ଡ୍ୟାସବୋର୍ଡ ପ୍ରସ୍ତୁତ କରାଯିବ। ଏହା ସରକାରୀ ବିଭାଗଗୁଡ଼ିକୁ ଭବିଷ୍ୟତ ପାଇଁ ସଠିକ୍ ବିଦ୍ୟୁତ୍ ଯୋଜନା ଓ ନୀତି ପ୍ରସ୍ତୁତ କରିବାରେ ସାହାଯ୍ୟ କରିବ। ଏହାସହିତ, 'ଆଗ୍ରିଭୋଲ୍ଟାଇକ୍ସ' ବା ଚାଷ ଜମିରେ ସୌର ଶକ୍ତି ଉତ୍ପାଦନ ପ୍ରକଳ୍ପକୁ ସାରା ଓଡ଼ିଶାରେ କାର୍ଯ୍ୟକାରୀ କରାଯିବ। ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି ଯେ, ଏହି ଯୋଜନା ଦ୍ୱାରା ଜମିରେ ଚାଷ ସହ ସୌର ବିଦ୍ୟୁତ୍ ଉତ୍ପାଦନ ହୋଇପାରିବ, ଯାହା ଚାଷୀଙ୍କ ରୋଜଗାର ବୃଦ୍ଧି କରିବାରେ ସାହାଯ୍ୟ କରିବ। ଏହାଦ୍ୱାରା ରାଜ୍ୟର ବିଦ୍ୟୁତ୍ ବ୍ୟବସ୍ଥା ସୁଦୃଢ଼ ହେବା ସହ ଲୋକଙ୍କୁ ସ୍ୱଚ୍ଛ, ନିର୍ଭରଯୋଗ୍ୟ ଏବଂ ସୁଲଭ ମୂଲ୍ୟରେ ବିଦ୍ୟୁତ୍ ଯୋଗାଇବାରେ ସହାୟକ ହେବ। ଏହି ବୁଝାମଣା ସ୍ୱାକ୍ଷର ବେଳେ ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଗ୍ରୀଡ଼କୋ ପରିଚାଳନା ନିର୍ଦ୍ଦେଶକ ଡ଼. ସତ୍ୟପ୍ରିୟ ରଥ ଏବଂ ଓଏଚପିସି, ଓପିଜିସିର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଫୁଲୁଛି ମହାନଦୀ : ମା' ଭଟ୍ଟାରିକାଙ୍କ ଗମ୍ଭୀରା ଭିତରେ ପଶିଲା ପାଣି

## ବନ୍ୟା ଯୋଗୁଁ କଟକ ଜିଲ୍ଲାରେ ୪ହଜାରରୁ ଉର୍ଦ୍ଧ୍ୱ ଲୋକ ସ୍ଥାନାନ୍ତର

**କଟକ, ୩୦/୦୭ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଲଗାଣ ବର୍ଷା ଜାରି ରହିଛି। ହୀରାକୁଦ ଗେଟ୍ ଖୋଲିବା ପରେ ମୁଣ୍ଡଳୀ ନିକଟରେ ମହାନଦୀ ଜଳସ୍ତର ବୃଦ୍ଧି ପାଉଛି । ନରାଜ ବ୍ୟାରେଜ ଦେଇ ସକାଳ ୬ଟା ସୁଦ୍ଧା ସେକେଣ୍ଡ ପ୍ରତି ୪ ଲକ୍ଷ୨୮ ହଜାର ୭୭୮ ଘନଫୁଟ ଜଳ ପ୍ରବାହିତ ହେଉଛି । ବ୍ୟାରେଜର ଅପ୍ ଷ୍ଟ୍ରିମରେ ଜଳସ୍ତର ୨୬.୨୫ ମିଟର ରହିଥିବା ବେଳେ ଡାଉନ୍ ଷ୍ଟ୍ରିମରେ ଜଳସ୍ତର ୨୩.୧୦ ମିଟର ରହିଛି । ଏଠାରେ ଅପ୍ ଷ୍ଟ୍ରିମରେ ବିପଦ ସଙ୍କେତ ରହିଛି ୨୬.୪୧ ମିଟର । ସେପଟେ ବରମୁଳରେ ପ୍ରତି ସେକେଣ୍ଡରେ ୬ ଲକ୍ଷ ୫୨ ହଜାର ଓ ଖଇରମାଳରେ ୮ ଲକ୍ଷ ୩୦ ହଜାର କ୍ୟୁସେକ ବନ୍ୟାଜଳ ମହାନଦୀରେ ପ୍ରବାହିତ ହେଉଛି। ଏହି ପାଣି ମୁଣ୍ଡଳୀ ଠାରେ ଦିନ ପ୍ରାୟ ୧ଟା ରୁ ୨ଟାରେ ପହଞ୍ଚିଛି। ସେହି ସମୟରେ ମୁଣ୍ଡଳୀରେ ପ୍ରତି ସେକେଣ୍ଡରେ ପ୍ରାୟ ୯ ଲକ୍ଷ ଘନଫୁଟ ବନ୍ୟା ଜଳ ପ୍ରବାହିତ ହେଉଥିବା ଜଣାପଡିଛି। ମହାନଦୀର ଉପର ମୁଣ୍ଡରେ ବର୍ଷା



ସାଙ୍ଗକୁ ହୀରାକୁଦ ଡ୍ୟାମରୁ ଜଳ ନିଷ୍କାସିତ ହେଉଥିବାରୁ ମା' ଭଟ୍ଟାରିକାଙ୍କ ମନ୍ଦିରରେ ବନ୍ୟାଜଳ ପ୍ରବେଶ କରିବା ଆରମ୍ଭ କରି ଦେଇଛି । କଟକ ଜିଲ୍ଲା ବଡମ୍ବା ଗଡର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକାଙ୍କ ଗମ୍ଭୀରା ଭିତରେ ପଶିଛି ମହାନଦୀର ବନ୍ୟା ଜଳ । ମନ୍ଦିର ନିକଟରେ ଥିବା ରତ୍ନଗିରି ପର୍ବତକୁ ମା'ଙ୍କର ଚଳନ୍ତି ପ୍ରତିମାକୁ ସ୍ଥାନାନ୍ତର କରାଯାଇଛି । ସେଠାରେ ମା'ଙ୍କ ଅସ୍ଥାୟୀ ଗମ୍ଭୀରା ରହିଛି । ସେବାୟତ ଏହାକୁ ସ୍ଥାନାନ୍ତର କରିଛନ୍ତି । ଅସ୍ଥାୟୀ ଗମ୍ଭୀରାରେ ମା'ଙ୍କର ପୂଜାର୍ଚ୍ଚନା ରୀତିନୀତି ଅନୁସାରେ ସମାପନ ହେଉଛି । ମା'ଙ୍କର ପୂଜା ରୀତିରେ ଯେମିତି କୌଣସି ବ୍ୟାଘାତ ନ ଘଟେ ସେଥିପ୍ରତି ବଡମ୍ବା ଦେବୋତ୍ତର ବିଭାଗ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ମହାନଦୀରେ ଏବେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ବାଙ୍କୀର ବିଭିନ୍ନ ସ୍ଥାନରେ ବନ୍ୟା ପରିସ୍ଥିତି ଉପୁଜିଛି । ଦୁଇଦିନ ପୂର୍ବରୁ ମହାନଦୀର ଶାଖାନଦୀ ରଣ ନଦୀରେ ଜଳସ୍ତର ବୃଦ୍ଧି ହେବାରୁ ତାଳବସ୍ତ-ବିଲିପଡା ରାସ୍ତାରେ ୩ ଫୁଟରୁ ଅଧିକ ପାଣି ପ୍ରବାହିତ ହୋଇ ଯାତାୟାତ ଠପ୍ ହୋଇଥିଲା । ବୁଧବାର ରାତିରେ ବାଙ୍କୀ ବ୍ଲକ୍‌ର ହୁଲୁହୁଲା ପୋଲ ଉପରେ ୨ଫୁଟ ପାଣି ପ୍ରବାହିତ ହୋଇଥିଲା । ଏହାଦ୍ୱାରା ବାଙ୍କୀ ବିନ୍ଧାଣୀମା ମୁଖ୍ୟ ରାସ୍ତା ବୁଡ଼ି ଯାତାୟାତ ମଧ୍ୟ ବନ୍ଦ ହୋଇ ଥିଲା । ହୁଲୁହୁଲାରେ ବନ୍ୟା ପାଣି ଗୁରୁବାର ସକାଳୁ ୫ ଫୁଟରୁ ଅଧିକ ପ୍ରବାହିତ ହେଉଛି । ଯେଉଁଥିପାଇଁ ଉତ୍ତର ବାଙ୍କୀର ତିନି ପଞ୍ଚାୟତ ବାଙ୍କୀରୁ ସମ୍ପୂର୍ଣ୍ଣ ବିଚ୍ଛିନ୍ନ ହୋଇ ଯାଇଛି । ସେହିପରି ପଥପୁର ପଞ୍ଚାୟତର ଦୁଇ ଗାଁ କଇଁମୁଣ୍ଡି ଓ ଚାରିଘରିଆ ଏବେ ସମ୍ପୂର୍ଣ୍ଣ ପାଣି ଘେରରେ ରହିଛି ।
କଟକ ମୁଣ୍ଡଳୀରେ ମହାନଦୀର ବନ୍ୟାଜଳ ବୃଦ୍ଧି ପାଉଥିବା ବେଳେ ତାହାର ସମ୍ମୁଖୀନ ହେବା ପାଇଁ କଟକଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଏବେ ମୁଣ୍ଡଳୀରେ ୮.୨୦ଲକ୍ଷ କ୍ୟୁସେକ୍ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ଏହା ବୃଦ୍ଧି ପାଇଁ ୧୦ଲକ୍ଷ କ୍ୟୁସେକ୍ ଜଳ ପ୍ରଭାବିତ ହେବାର ଆଶଙ୍କା ସୃଷ୍ଟି ହୋଇଛି ବୋଲି ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଧେ ଗୁରୁବାର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ବଡ଼ମ୍ବା, ଟିଗିରିଆ ଓ ଆଠଗଡ଼ରେ ବନ୍ୟାଜଳ ପ୍ରବେଶ କରିବା ଆରମ୍ଭ କରିଛି। ମହାନଦୀର ବନ୍ୟାଜଳ ବୃଦ୍ଧି ପାଉଥିବାରୁ ଗୁରୁବାର ରାତି ସୁଦ୍ଧା କଟକ , ବାଙ୍କି ଓ ଆଠଗଡ଼ ଉପଖଣ୍ଡ ଅଞ୍ଚଳର ଖାଲୁଆ ଅଞ୍ଚଳରୁ ପ୍ରାୟ ୪ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି। ଆସନ୍ତା ୪୮ଘଣ୍ଟା ପାଇଁ ସତର୍କ ନଜର ରଖିବା ସହିତ ବ୍ୟାପକ ପ୍ରସ୍ତୁତି ଜାରି ରହିଛି। ବିଶେଷ କରି ବାଙ୍କି, ବଡ଼ମ୍ବା, ସାଲେପୁର, ମାହାଙ୍ଗା, ଆଠଗଡ଼ ଓ କଟକ ସହରର ଖାଲୁଆ ଅଞ୍ଚଳ ଉପରେ ସତର୍କ ପଦକ୍ଷେପ ଗ୍ରହଣ କରାଯାଇଛି। ଖାଲୁଆ ଅଞ୍ଚଳରୁ ପ୍ରଭାବିତ ଅଞ୍ଚଳବାସୀଙ୍କୁ ସ୍ଥାନାନ୍ତର କାର୍ଯ୍ୟ ଆରମ୍ଭ କରାଯାଇଛି। ଆଶ୍ରୟସ୍ଥଳ ଠାରୁ ଆରମ୍ଭ କରି ସ୍କୁଲ କଲେଜରେ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖାଯାଉଛି। ଉଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ଓଡ୍ରାଫ, ଏନଡ଼ିଆରଏଫ, ଅଗ୍ନିଶମ ବାହିନୀ ସହିତ ପୁଲିସ ବିଭାଗକୁ ସଜାଗ ରଖାଯାଇଛି।

# ଅବକାରୀ କମିଶନରଙ୍କ ଆଦେଶ ହାଇକୋର୍ଟରେ ରଦ୍ଦ : ମଦ ଦୋକାନ ପାଇଁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ବାଧ୍ୟତାମୂଳକ ନୁହେଁ

**କଟକ, ୩୦/୦୭ ନ୍ୟୁଜ ବ୍ୟୁରୋ**

ମଦ ଦୋକାନ ପାଇଁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ବାଧ୍ୟତାମୂଳକ ସଂପର୍କିତ ଅବକାରୀ କମିଶନରଙ୍କ ଆଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଓଡ଼ିଶା ଅଗ୍ନି ନିରାପତ୍ତା ସଂଶୋଧିତ ନିୟମାବଳୀ, ୨୦୧୯ର ନିୟମ ଅନୁସାରେ କୋଠା ବା ନିର୍ମାଣର ପ୍ରକାରକୁ ଚିହ୍ନିତ କରା ନ ଯାଇ ଅବକାରୀ କମିଶନରଙ୍କ ଆଦେଶ ସଂପର୍କିତ ଚିଠିରେ ସମସ୍ତ ଠିପି ଖୋଲା ବିଦେଶୀ ମଦ ଦୋକାନ ପାଇଁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ବାଧ୍ୟତାମୂଳକ କରାଯିବା ଆଇନ ଅନୁସାରେ ଗ୍ରହଣୀୟ ନୁହେଁ। ଆଇନରେ ଥିବା ବ୍ୟବସ୍ଥା ବାହାରକୁ ଯାଇ କର୍ତ୍ତୃପକ୍ଷ ଜଣଙ୍କୁ କୌଣସି କାର୍ଯ୍ୟ କରିବାକୁ ବାଧ୍ୟ କରି ପାରିବେ ନାହିଁ ବୋଲି ହାଇକୋର୍ଟଙ୍କ ରାୟରେ ଉଲ୍ଲେଖ କରାଯାଇଛି। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏସ.ସନାମଖି ରାଓଙ୍କ ତରଫରୁ ଦାୟର ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଯଦିଓ ଅବକାରୀ କମିଶନରଙ୍କ ନିର୍ଦ୍ଦେଶକୁ ରଦ୍ଦ କରାଯାଇଛି, ତଥାପି ଜଣେ ଦାୟିତ୍ୱବାନ୍ ନାଗରିକ ଭାବେ ଅଗ୍ନିକାଣ୍ଡ ଭଳି ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ପାଇଁ ଦୋକାନ ଗୁଡ଼ିକରେ ଅଗ୍ନିନିର୍ବାପକ ଉପକରଣ' ବ୍ୟବସ୍ଥା ରଖିବା, ତାହାର ନିୟମିତ ଯାଞ୍ଚ କରିବା ଅତ୍ୟନ୍ତ ଆବଶ୍ୟକ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାର ଶୁଣାଣି ବେଳେ ୨୦୧୯ର ସଂଶୋଧିତ ନିୟମ ଅନୁସାରେ, ୧୨ ମିଟରରୁ ଅଧିକ ଉଚ୍ଚତା କିମ୍ବା ୫୦୦ ବର୍ଗମିଟର ବା ତା'ଠାରୁ ଅଧିକ ପରିସର ଥିବା କୋଠା/ବ୍ୟବସାୟିକ ପ୍ରତିଷ୍ଠାନ ପାଇଁ ଏପରି ଅଗ୍ନିନିରାପତ୍ତା ପ୍ରମାଣପତ୍ର ବାଧ୍ୟତାମୂଳକ ବୋଲି ସ୍ପଷ୍ଟ ହୋଇଥିଲା। ଆବେଦନକାରୀଙ୍କ ଠିପି ଖୋଲା ମଦ ଦୋକାନ ୫ଶହ ବର୍ଗମିଟରରୁ କମ ସ୍ଥାନର କୋଠାରେ ଚାଲିଛି। ତେଣୁ ଏପରି କୋଠା ନିୟମାବଳୀ ଭିତରେ ଆସୁନାହିଁ। କିନ୍ତୁ ଆଇନରେ ଥିବା ବ୍ୟବସ୍ଥା ବାହାରକୁ ଯାଇ ଅଗ୍ନିନିରାପତ୍ତା ପ୍ରମାଣପତ୍ର ଦାଖଲ କରିବାକୁ ଅବକାରୀ ବିଭାଗ କହୁଛି। ସେହିଭଳି ଅବକାରୀ ଆଇନ କିମ୍ବା ନିୟମାବଳୀରେ ସମସ୍ତ ମଦ ଦୋକାନ ପାଇଁ ଏଭଳି ପ୍ରମାଣପତ୍ର ବାଧ୍ୟତାମୂଳକ କରିବାର କୌଣସି ପ୍ରାବଧାନ ନାହିଁ। ତେଣୁ ଅବକାରୀ କମିଶନରଙ୍କ ଏହି ନିର୍ଦ୍ଦେଶନାମା ଆଇନ ଅନୁସାରେ ଗ୍ରହଣଯୋଗ୍ୟ ନୁହେଁ ବୋଲି ଆବେଦନକାରୀଙ୍କ ତରଫରୁ ଦର୍ଶାଯାଇଥିଲା। ଏଠାରେ ସୂଚନା ଯୋଗ୍ୟ ଯେ ରାଜ୍ୟ ଅବକାରୀ କମିଶନରଙ୍କ ପକ୍ଷରୁ ସମସ୍ତ ଅବକାରୀ ଡେପୁଟି କମିଶନର ଓ ଅଧୀକ୍ଷକଙ୍କୁ ଚିଠି ଲେଖାଯାଇ ସେମାନଙ୍କ ଅଧୀନରେ ଥିବା ସମସ୍ତ ଠିପି ଖୋଲା ବିଦେଶୀ ମଦ ଦୋକାନ ଗୁଡ଼ିକୁ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ବା ଏନଓସି ଦାଖଲ କରିବାକୁ ନିର୍ଦ୍ଦେଶ ଦେବାକୁ କୁହାଯାଇଥିଲା। ଏଭଳି ପ୍ରମାଣପତ୍ର ଦାଖଲ ନ କଲେ ମଦ ଦୋକାନ ଲାଇସେନ୍ସ ବାତିଲ କରାଯିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଆବେଦନକାରୀ ଅବକାରୀ କମିଶନରଙ୍କ ଏପରି ଚିଠି ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।



# ବ୍ରାହ୍ମଣୀରେ ବନ୍ୟା : ୩ଟିସ୍ଥାନରେ ଘାଇ, ବହୁପଞ୍ଚାୟତ ଓ ଚାଷଜମି ଜଳ ଘେରରେ

**ଧର୍ମଶାଳା, ୩୦/୦୭ ନ୍ୟୁଜ ବ୍ୟୁରୋ**

ଲଗାଣ ବର୍ଷାପରେ ବ୍ରାହ୍ମଣୀ ନଦୀରେ ଜଳପତନ ବୃଦ୍ଧି ପାଇବାରେ ଲାଗିଛି। ଜେନାପୁର ନିକଟରେ ବିପଦ ସଙ୍କେତ ଠାରୁ ୧ ଫୁଟ ଉପରେ ବନ୍ୟାପାଣି ପ୍ରବାହିତ ହେଉଥିବାରୁ ବନ୍ୟା ଆଶଙ୍କା ବଢି ଯାଇଛି। ସେଠାରେ ବିପଦ ସଂକେତ ୬୭ ଫୁଟ ଥିବା ବେଳେ ୬୮.୨ ଫୁଟରେ ବନ୍ୟାଜଳ ପ୍ରବାହିତ ହେଉଛି। ଲୋକେ ଭୟଭୀତ ଅବସ୍ଥାରେ ଅଛନ୍ତି। ବ୍ରାହ୍ମଣୀରେ ବନ୍ୟାଜଳ ବୃଦ୍ଧିପାଇ ବରୀଅଞ୍ଚଳରେ ୩ଟି ଘାଇ ହୋଇଛି। କୁମ୍ଭାରୀଆ ପଞ୍ଚାୟତର ବାଙ୍କସାହି ଠାରେ ୨୦୦ଫୁଟର ଘାଇ ହୋଇଛି। ୫ଟି ପଞ୍ଚାୟତର ଲୋକେ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ଅଟିରା ଓ ଚନ୍ଦନପୁର ଠାରେ ଘାଇ ହେବାରୁ ସମସ୍ତ ଚାଷଜମି ପାଣିରେ ବୁଡିରହିଛି। ଲୋକମାନେ ପାଣି ଘେରରେ ରହିଛନ୍ତି। ବ୍ରାହ୍ମଣୀର ଶାଖା ଖରସ୍ରୋତା ଓ କେଲୁଆ ନଦୀକୂଳ ଓ ତଳିଆ ଅଞ୍ଚଳ ପାଇଁ ବିପଦସୃଷ୍ଟି କଲାଣି। ଗୁରୁବାର ଯାଜପୁର ଜିଲ୍ଲାପାଳ ଅମ୍ବରକୁମାର କର ଓ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଶିବାନନ୍ଦ ସ୍ୱାଇଁ ବନ୍ୟାଞ୍ଚଳ ପରିଦର୍ଶନକରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ତାଙ୍କ ସହ ଜଳସେଚନ ବିଭାଗ ଅଧିକ୍ଷଣଯନ୍ତ୍ରୀ ଓ ବିଭାଗୀୟ ଅଧିକାରୀ ରହିଥିଲେ। ଧର୍ମଶାଳା ବ୍ଲକ କେଲୁଆ ନଦୀରେ ମିର୍ଜାପୁର ନିକଟରେ ଘାଇ ଆଶଙ୍କାରେ ବାଲିବସ୍ତା ସହ ବ୍ଲକ ପ୍ରଶାସନ ଜଗିରହିଛି। ଧର୍ମଶାଳା ବିଡ଼ିଓ ଜ୍ୟୋତ୍ରୀମୟୀ କର ସ୍ଥିତି ତଦାରଖ କରିଛନ୍ତି। ରସୁଲପୁର ବ୍ଲକର କଲଣ ଓ ଶୁଳିଆ ପଞ୍ଚାୟତର ବହୁ ଗ୍ରାମ ବ୍ରାହ୍ମଣୀ ବନ୍ୟା ଜଳ ଘେରରେ ରହିଛି। ଏପଟେ ମହାନଦୀ ବନ୍ୟା ଜଳ ବୃଦ୍ଧିପାଇବାରୁ ଧର୍ମଶାଳା ବ୍ଲକର ୫ଟିପଞ୍ଚାୟତରେ ବନ୍ୟା ପାଣି ପ୍ରବେଶ କରିଛି।







## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


## ଅସାଧାରଣ ସ୍ଥିତିରେ ଚଳାଇ ହେବ 'ପେଲେଟ୍ ଗନ୍'

# ଆହତ ଛାତ୍ରଙ୍କ ଚିକିତ୍ସା କରିବାକୁ ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୩୦।୭**

ଜନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ ବେଳେ ଆହତ ହୋଇଥିବା ଛାତ୍ରଙ୍କୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ରାୟ ଆସିଛି। ସୁପ୍ରିମକୋର୍ଟ ଗୁରୁବାର ସ୍ପଷ୍ଟ କରିଛନ୍ତି ଯେ, ପେଲେଟ୍ ଗନ୍ ଦ୍ୱାରା ଆହତ ହୋଇଥିବା ଲୋକଙ୍କର ଚିକିତ୍ସା ଦିଲ୍ଲୀ ସରକାର କରିବେ। ଏହା ସହ ସରକାରଙ୍କୁ ମଧ୍ୟ ହତିଆର ବ୍ୟବହାର କରିବାର ରେକର୍ଡ ରଖିବା ପାଇଁ କୁହାଯାଇଛି। ୨୦ ଜୁଲାଇରେ ସିଜେପି ନେତୃତ୍ୱରେ ପେପର ଲିକ୍ ବିରୋଧରେ ସଂସଦ ଅଭିମୁଖେ ବିରୋଧ ପ୍ରଦର୍ଶନ ଆରମ୍ଭ କରିଥିଲେ। ସିଜେଆଇ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ଆବେଦନ ଉପରେ ଶୁଣାଣି କରିଛନ୍ତି। ଏଥିରେ ଜଷ୍ଟିସ୍ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ୍ ଭି ମୋହନା ମଧ୍ୟ ରହିଥିଲେ। କୋର୍ଟ ସରକାରଙ୍କୁ ଏହା ସୁନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଯେ, ଆହତଙ୍କୁ ଉଚିତ ଚିକିତ୍ସା ମିଳୁ। ଏହା ବିଶେଷ ଭାବରେ ପେଲେଟ୍ ଗନ୍ ଦ୍ୱାରା ଆହତ ହୋଇଥିବା ଲୋକଙ୍କ ବିଷୟରେ କୁହାଯାଇଛି। କୋର୍ଟ କହିଛନ୍ତି, ଦିଲ୍ଲୀ ସରକାର ଆହତ ଓ ଅନ୍ୟ ଲୋକଙ୍କ ଚିକିତ୍ସା କରିବା ଉଚିତ' ସୁପ୍ରିମକୋର୍ଟ ପୂର୍ବତନ କେନ୍ଦ୍ରୀୟ ସୂଚନା କମିଶନ୍ ଓ ଭାରତୀୟ ପୋଲିସ ସେବାର ଅବସରପ୍ରାପ୍ତ ଅଧିକାରୀ ଯଶୋବର୍ଦ୍ଧନ ଆଜାଦ ଓ ପେଲେଟ୍ ଗନ୍‌ରୁ ଆହତ ହୋଇଥିବା ଦୁଇ ଜଣ ବ୍ୟକ୍ତିଙ୍କ ପକ୍ଷରୁ ଏହି ଆବେଦନ ହୋଇଛି। ଆବେଦନରେ ଆଇନ-ବ୍ୟବସ୍ଥାର ସ୍ଥିତିର ମୁକାବିଲା ପାଇଁ ଧାତୁରେ ତିଆରି ପେଲେଟ୍ ଗନ୍ ବ୍ୟବହାର ଉପରେ ସମ୍ପୂର୍ଣ୍ଣ ଭାବରେ କଟକଣା ଲଗାଇବାର ଅନୁରୋଧ କରିଛନ୍ତି। କୋର୍ଟ ବିପିଆରଡି ଅର୍ଥାତ ପୋଲିସ ଅନୁସନ୍ଧାନ ଏବଂ ବିକାଶ ବ୍ୟୁରୋକୁ ପରାମର୍ଶ ଦେଇ କହିଛି, ଅସାଧରଣ ପରିସ୍ଥିତିରେ ପୋଲିସକୁ ପେଲେଟ୍ ଗନ୍ ବ୍ୟବହାର ଅଧିକାର ରହିଛି। ତେବେ ଖଣ୍ଡପୀଠ କହିଛନ୍ତି, ୨୦ ଜୁଲାଇରେ ହୋଇଥିବା ପ୍ରଦର୍ଶନର ମୁକାବିଲା ପାଇଁ ପେଲେଟ୍ ଗନ୍ ବ୍ୟବହାର କରିବା ମାମଲା ଉପରେ ଶୁଣାଣି କରିବାକୁ ସେ ପ୍ରସ୍ତୁତ ଅଛନ୍ତି। ଆଡଭୋକେଟ୍ ବୃନ୍ଦା ଗ୍ରୋଭରଙ୍କ ଦଲିଲକୁ ଦୃଷ୍ଟିରେ ରଖି ସୁପ୍ରିମକୋର୍ଟ ବିକ୍ଷୋଭ ପ୍ରଦର୍ଶନ ବେଳେ ମୁତୟନ ଆରପିଏଫ୍ ଅର୍ଥାତ ରାପିଡ୍ ଆକ୍ସନ ଫୋର୍ସର ହତିଆରକୁ ଉପଯୋଗର ରେକର୍ଡ ସୁରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବିଧାନର ଧାରା ୩୨ ଅନୁସାରେ, ଏହି ଜନସ୍ୱାର୍ଥ ମାମଲା ଦାଖଲ ହୋଇଛି। ଆଜାଦ ଓ ଦୁଇ ଏଭଳି ବ୍ୟକ୍ତି ମିଳିତ ଭାବରେ ଦାଖଲ କରିଛନ୍ତି। ଯାହାଙ୍କର ଦାବି ହେଉଛି ୨୦ ଜୁଲାଇରେ ମଧ୍ୟ ଦିଲ୍ଲୀରେ ଆୟୋଜିତ 'ସଂସଦ ଚଲୋ' ପ୍ରଦର୍ଶନ ବେଳେ ସେ ପେଲେଟ୍ ଗନ୍‌ରେ ଆହତ ହୋଇଥିଲେ। ସେହିପରି ମଧ୍ୟପ୍ରଦେଶର ଧାର ଜିଲ୍ଲାର ବହୁଚର୍ଚ୍ଚିତ ଭୋଜନାଳୟ ବିବାଦ ମାମଲାରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଆଦେଶ ଦେଇଛନ୍ତି । ଏଣିକି ଭୋଜଶାଳା ପରିସର ସଂଲଗ୍ନ ସ୍ଥାନରେ ନମାଜ ପଢ଼ିବାକୁ ବ୍ୟବସ୍ଥା କରିବାକୁ ମଧ୍ୟପ୍ରଦେଶ ସରକାରଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ସୁପ୍ରିମକୋର୍ଟ କହିଛନ୍ତି, ଖସରା ନମ୍ବର-୫୯୬କୁ 'ଦରଗାହ ଜମି' ଭାବେ ଚିହ୍ନଟ କରାଯାଇଛି, ସେହି ସ୍ଥାନରେ ପ୍ରତି ଶୁକ୍ରବାର ଅପରାହ୍ନ ୧ଟାରୁ ୩ଟା ପର୍ଯ୍ୟନ୍ତ ନମାଜ ପାଠ ପାଇଁ ଅନୁମତି ଦିଆଯାଇପାରିବ । ଅଦାଲତଙ୍କ ମତରେ, ଏହି ସ୍ଥାନ ବିବାଦୀୟ ପରିସରର ନିକଟରେ ଥିବା ସହ ନମାଜ ପାଇଁ ଉପଯୁକ୍ତ । ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ଭି. ମୋହନାଙ୍କ ଖଣ୍ଡପୀଠ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ।


## ପ୍ରକାଶ ଅପେକ୍ଷାରେ...

## ମାସିକ ଗଳ୍ପ ପତ୍ରିକା "କଥାକଳିକା"ର ଅଗଷ୍ଟ-୨୦୨୬ ସଂଖ୍ୟା




### ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ତ୍ରିନାଥ ପଟ୍ଟନାୟକ।
**ସମକାଳର କଥା :** ନଗେନ୍ଦ୍ର ପଟ୍ଟନାୟକ, ଦାଶରଥୀ ଭୂୟାଁ, ଭାସ୍କର ଜେନା, ଭାଗିରଥୀ ବେହେରା, ଲକ୍ଷ୍ମଣ ସାହୁ, କାଳିକିଙ୍କର, ସଚ୍ଚିଦାନନ୍ଦ କର, ରେବା ପଟ୍ଟନାୟକ, ସଂଯୁକ୍ତା ଦାଶ, ସୁରେଶ ନାଗ, ସୁଚିତ୍ରା ବେହେରା, ପ୍ରତାପ କୁମାର ପଣ୍ଡା।
**ସାକ୍ଷାତକାର:** ବିଶିଷ୍ଟ ଗାଳ୍ପିକ ରାଜ୍ୟ ବର୍ଦ୍ଧନ ଧଳମହାପାତ୍ର।
**ପୁସ୍ତକ ସମୀକ୍ଷା :** ଆଷାଢର ଅଭିସାରିକା।
**ଅନ୍ୟଭାଷାର କଥା :** ଦେବସ୍ମିତା ବେହେରା।
**ଯୁବମାନସର କଥା :** ନିର୍ବିକାର ପ୍ରଭାତ, ଲକ୍ଷ୍ମଣ ବେହେରା, କୁନଲତା ତ୍ରିପାଠୀ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

**ଯୋଗାଯୋଗ କରନ୍ତୁ**
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୭୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)